CMYK

- Vol.- 46, Issue No. 122
- Saturday, 1 August 2026
- ଶନିବାର, ୧ ଅଗଷ୍ଟ ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ବନ୍ୟାରେ ପ୍ରଭାବିତ ଅଧା ଓଡ଼ିଶା



- ୫୭ ବ୍ଲକ୍‌ର ପ୍ରଭାବିତ ୪୪୬ ପଞ୍ଚାୟତବାସୀ
- ମହାନଦୀକୁ ଛାଡ଼ି ବାକି ସବୁ ନଦୀ ବିପଦ ସଙ୍କେତ ତଳେ:ମନ୍ତ୍ରୀ
- ପାଣି ଛାଡ଼ିବାର ୩ ଦିନରେ କ୍ଷତିପୂରଣ: ଏସ୍ଆର୍‌ସି

ଭୁବନେଶ୍ୱର,୩୧ ।୭: ବନ୍ୟା ପ୍ରଭାବିତ ଅଞ୍ଚଳର ଜିଲ୍ଲାପାଳମାନଙ୍କ ସହ ଲୋକସେବା ଭବନରୁ ସମୀକ୍ଷା ବୈଠକ କରିଛନ୍ତି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଏସଆରସି, ପାଣିପାଗ ବିଜ୍ଞାନ, ଜଳସମ୍ପଦ ବିଭାଗର ଅଧିକାରୀ ସାମିଲ ଥିବା ବେଳେ ଭିସିରେ ଜିଲ୍ଲାପାଳମାନେ ଯୋଡ଼ି ହୋଇଥିଲେ। ସମୀକ୍ଷା ବୈଠକ ପରେ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି । ବନ୍ୟାରେ ୧୫ ଟି ଜିଲ୍ଲା ବିପଦ ମୁକ୍ତ ରହିଛି। ଆଉ ୧୫ଟି ଜିଲ୍ଲା ପ୍ରଭାବିତ ହୋଇଛି । ୫୭ଟି ବ୍ଲକ୍ ୪୪୬ପଞ୍ଚାୟତର ୧୩ସହ ୬୨ଟି ଗାଁର ଲୋକପ୍ରଭାବିତ ହୋଇଛନ୍ତି । ୨ଲକ୍ଷ ୬୮ହଜାର ୯୪୩ ଲୋକ ଜଳବନ୍ଦୀ ଅଛନ୍ତି। ୨୧ହଜାର ୩୮୦ ହେକ୍‌ଟର ଚାଷଜମି ସହ ୭୦୦ ଘର ପ୍ରଭାବିତ ହୋଇଛି । ୨୦ଟି ପଶୁମାନଙ୍କର ରହିବା ପାଇଁ ବ୍ୟବସ୍ଥା ହୋଇଛି । ମହାନଦୀରେ ଜଳ ବୃଦ୍ଧି ପାଉଛି । ୨୪ ଘଣ୍ଟାରେ ବିପଦ ଟଳି ପାରେ। ଲୋକ ଘରକୁ ନ ଯିବା ଯାଏଁ ରିଲିଫ ସେଣ୍ଟର୍ ଚାଲିବ। ଲୋକଙ୍କୁ ସମସ୍ତ ସହଯୋଗ କରିବାକୁ ସରକାର ପ୍ରସ୍ତୁତ ରହିଛନ୍ତି । ବନ୍ୟାପରବର୍ତ୍ତୀ ସମୟ ପରେ ୭୨ ଘଣ୍ଟା ଭିତରେ କ୍ଷୟକ୍ଷତି ରିପୋର୍ଟ ଆସିବା ପରେ ଲୋକଙ୍କୁ ତାଙ୍କ ପ୍ରାପ୍ୟ ଦିଆଯିବ । ବିଶେଷ କରି ଚାଷୀଙ୍କୁ ତାଙ୍କ କ୍ଷତିର କଂପୋଜିଟ ପ୍ୟାକେଜ ଦେବୁ। କୃଷକଙ୍କର ଶସ୍ୟର ପ୍ରାପ୍ୟ ଦେବୁ। ପୁରୀ, ଜଗତସିଂପୁର , ଖୋର୍ଦ୍ଧା, କଟକର ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାଜପୁରରେ ସର୍ବାଧିକ ଘାଇ ହୋଇଛି । ତାପରେ ଭଦ୍ରକ ଜିଲ୍ଲାରେ ଘାଇ ସଂଖ୍ୟା ରହିଛି । ଯାହା ପାଇଁ ଏହି ଜିଲ୍ଲାଗୁଡ଼ିକ ଅଧିକ ପ୍ରଭାବିତ ହୋଇଛି । ପୂର୍ବରୁ ନଦୀଗୁଡିକରେ ହୋଇଥିବା ଘାଇ ଗୁଡ଼ିକ ଉପରେ ନଜର ରହିଛି । ତାହାର ତଥ୍ୟ ମଧ ମଗାଯାଇ ଅନୁଧ୍ୟାନ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି । ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ବଡ଼ ଆଶ୍ୱସ୍ତି ମିଳିଛି। ପାଣି ଛାଡ଼ିବା ପରେ ମାତ୍ର ତିନି ଦିନ ବା ୭୨ ଘଣ୍ଟା ମଧ୍ୟରେ ବନ୍ୟା କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ଦେବାକୁ ପଦକ୍ଷେପ ନିଆଯିବ। ଏନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ରାଜେଶ ପ୍ରଭାକର ପାଟିଲ ସୂଚନା ଦେଇଛନ୍ତି। ସମସ୍ତ ଜିଲ୍ଲାପାଳଙ୍କୁ ଏନେଇ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟାଜଳ ହ୍ରାସ ପାଇବା ମାତ୍ରେ କ୍ଷୟକ୍ଷତିର ସର୍ଭେ ଆରମ୍ଭ ହେବ।

## ଜଳଭଣ୍ଡାର ପରିଚାଳନା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୩୧ ।୭: ମୌସୁମୀ ପ୍ରବାହର ଗତି ସହିତ, ଓଡ଼ିଶା ସରକାର ଶୁକ୍ରବାର ରାଜ୍ୟର ପ୍ରମୁଖ ନଦୀ ଅବବାହିକାରେ ବିପଦକୁ କମ୍ କରିବା ପାଇଁ ଜଳଭଣ୍ଡାର କାର୍ଯ୍ୟ, ନଦୀ ତଦାରଖ ଏବଂ ବନ୍ୟା ପୂର୍ବାନୁମାନର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରି ଏହାର ବନ୍ୟା ପ୍ରସ୍ତୁତିକୁ ବୃଦ୍ଧି କରିଛନ୍ତି।ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଏଠାରେ ସେଚ ସଦନରେ ଏକ ବୈଠକର ଅଧ୍ୟକ୍ଷତା କରିଥିଲେ, ଯେଉଁଠାରେ ଅଧିକାରୀମାନେ ମହାନଦୀ, ବ୍ରାହ୍ମଣୀ ଏବଂ ବୈତରଣୀ ନଦୀ ପ୍ରଣାଳୀରେ ବନ୍ୟା ପରିସ୍ଥିତିର ମୂଲ୍ୟାଙ୍କନ କରିଥିଲେ ଏବଂ ଯେକୌଣସି ସମ୍ଭାବ୍ୟ ବନ୍ୟା ବିପଦର ମୁକାବିଲା ପାଇଁ ରାଜ୍ୟର ପ୍ରସ୍ତୁତି ସମୀକ୍ଷା କରିଥିଲେ।ବୈଠକରେ ଜଳଭଣ୍ଡାର ଜଳର ବୈଜ୍ଞାନିକ ପରିଚାଳନା, ନଦୀ ସ୍ତରର ନିରନ୍ତର ତଦାରଖ ଏବଂ ସମୟୋଚିତ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ବନ୍ୟା ପୂର୍ବାନୁମାନ ବ୍ୟବସ୍ଥାକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ବନ୍ୟା ପ୍ରଭାବିତଙ୍କ ସୁରକ୍ଷା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୩୧ ।୭(ନିପ୍ର): ବନ୍ୟା ପ୍ରଭାବିତଙ୍କ ସୁରକ୍ଷା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଆରୋପ କରିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟର ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଜୀବନ ଓ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ବିଭିନ୍ନ ସ୍ଥାନରେ ରିଲିଫ୍ କ୍ୟାମ୍ପ୍ ଜରିଆରେ ସହାୟତା ଯୋଗାଇ ଦିଆଯାଉଛି। ଜଳବନ୍ଦୀ ଅଞ୍ଚଳରୁ ଲୋକଙ୍କୁ ତୁରନ୍ତ ଉଦ୍ଧାର କରାଯିବା ସହ କ୍ୟାମ୍ପଗୁଡ଼ିକରେ ଗରମ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳଏବଂ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ମାଧ୍ୟମରେ ଜରୁରୀ ଚିକିତ୍ସା ସୁବିଧା ସୁନିଶ୍ଚିତ କରାଯାଉଛି। ଏହି ସଙ୍କଟ ସମୟରେ ପ୍ରତିଟି ନାଗରିକଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ।

## ମୁଖ୍ୟମନ୍ତ୍ରୀ ଆଜି ବନ୍ୟାଞ୍ଚଳ ବୁଲିବେ

- ଆକାଶମାର୍ଗରୁ ଦେଖିବେ ୪ ପ୍ରଭାବିତ ଜିଲ୍ଲା
- କ୍ଷୟକ୍ଷତିର କରାଯିବ ଆକଳନ



ଭୁବନେଶ୍ୱର, ୩୧ ।୭: ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର ହେଉଥିବା ବେଳେ ପ୍ରଭାବିତ ଅଞ୍ଚଳର ସ୍ଥିତି ସମୀକ୍ଷା ପାଇଁ ଶନିବାର ଆକାଶମାର୍ଗରୁ ଅନୁଧ୍ୟାନ (ଏରିଆଲ ସର୍ଭେ) କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସକାଳ ୧୦ଟାରେ ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ। ଏହି ଏରିଆଲ ସର୍ଭେ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ରହିବେ। ଆକାଶମାର୍ଗରୁ ଅଞ୍ଚଳଗୁଡ଼ିକର ସ୍ଥିତି ଅନୁଧ୍ୟାନ କରି ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯିବ। ଏଥିସହ ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଠିକ୍ ଭାବେ ପହଞ୍ଚୁଛି କି ନାହିଁ, ସେନେଇ ମଧ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବେ। ବନ୍ୟା ପରିସ୍ଥିତିରେ ପ୍ରଶାସନର ପ୍ରସ୍ତୁତି, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ଦିଗରେ ଏହି ସର୍ଭେ ଗୁରୁତ୍ୱପୂର୍ଣ୍ଣ ହେବ।

## ପେପର ଲିକ୍ ଘଟଣା, ୫ ଜଣିଆ କମିଟି ଗଠନ

ଭୁବନେଶ୍ୱର,୩୧ ।୭(ନିପ୍ର): ଅଲ୍ ଓଡ଼ିଶାମେଡିକାଲ୍ ପିଜିପରୀକ୍ଷା ପେପର୍ ଲିକ୍ ଘଟଣା ପରିପ୍ରେକ୍ଷୀରେ ଏମକେସିଜିରେ ବରିଷ୍ଠ ଅଧ୍ୟାପକଙ୍କୁ ନେଇ ୫ ଜଣିଆ କମିଟି ଗଠନ କରାଯାଇଛି । ଘଟଣାର ଅଧିକ ତଦନ୍ତ ପାଇଁ ଏହି କମିଟି ଗଠିତ। ଏହା ତଦନ୍ତ କରି ୭୨ ଘଣ୍ଟା ଭିତରେ ରିପୋର୍ଟ ଦେବ ବୋଲି ସୂଚନା ମିଳିଛି।

## ଅଣଛାତ୍ରଙ୍କ ଛୁରା ମାଡ଼: ଦଶମ ଛାତ୍ର ମୃତ

ଜୟପୁର,୩୧ ।୭: କୋରାପୁଟ ଜିଲ୍ଲା ଜୟପୁରର ବାରଣିପୁଟ ଯୋଜନା ଉଚ୍ଚ ବିଦ୍ୟାଳୟ ପରିସର ବାହାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଜଣେ ଅଣଛାତ୍ରଙ୍କ ଛୁରା ମାଡ଼ରେ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତକ ହେଲେ ମୂରଲୀ ବାଗଙ୍କ ପୁଅ ମହେଶ ବାଗ । ସୂଚନା ଅନୁସାରେ, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ସମୟ ଛୁଟି ବେଳେ ଛାତ୍ର ଜଣକ ବାହାରକୁ ଯିବା ବେଳେ ଛୁରା ମାଡ଼ ହୋଇଛି । ଜଣେ ଅଣଛାତ୍ରଙ୍କ ସହିତ ଛାତ୍ରଙ୍କର କୌଣସି କାରଣକୁ ନେଇ ବଚସା ହୋଇଥିଲା । ଏହା ଉପରେ ଅଣଛାତ୍ର ଜଣକ ତାଙ୍କୁ ଛୁରା ମାଡ଼ କରି ଫେରାର ହୋଇଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛି ।

## ଅଗଷ୍ଟ ୫ରୁ ଭୁବନେଶ୍ୱରରେ ବ୍ରିକ୍ସ

ଭୁବନେଶ୍ୱର,୩୧।୭: ଆସନ୍ତା ଅଗଷ୍ଟ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ବ୍ରିକ୍ସ-ଭାରତ ଅଧ୍ୟକ୍ଷତାର ଶିକ୍ଷାକ୍ଷେତ୍ର ବୈଠକମାଳା (ବ୍ରିକ୍ସ ଇଣ୍ଡିଆ ଚେୟାରସିପ୍ ଏଜୁକେସନ ଟ୍ରାକ୍ ମିଟିଙ୍ଗ୍ସ) ଅନୁଷ୍ଠିତ ହେବ । ଏହି ଆନ୍ତର୍ଜାତୀୟସ୍ତରୀୟ ବୈଠକର ସୁପରିଚାଳନା ଓ ସଫଳ ଆୟୋଜନ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ହୋଟେଲ ମେ ଫେୟାର ଲାଗୁନ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୧ଟି ବ୍ରିକ୍ସ ସଦସ୍ୟ ଦେଶର ୮ ଜଣ ଶିକ୍ଷାମନ୍ତ୍ରୀଙ୍କ ସହ ୪୦ ଜଣ ବରିଷ୍ଠ ପଦାଧିକାରୀ, ଭାରତ ସରକାରଙ୍କ ପଦାଧିକାର ଓ ଅନ୍ୟ ଅତିଥିମାନଙ୍କୁ ମିଶାଇ ମୋଟ ୨୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ।

# ଶାହାଙ୍କୁ ଭେଟି ଦାବି ରଖିଲେ ମୁଖ୍ୟମନ୍ତ୍ରୀ

- ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ: ମୋହନ
- ସମସ୍ତ ସହଯୋଗ ଯୋଗାଇ ଦିଆଯିବ: ଶାହା
- ନକ୍ସଲମୁକ୍ତ ଓଡ଼ିଶା, ଦ୍ରୁତ ଶିଳ୍ପାୟନ ନେଇ ହେଲା ଆଲୋଚନା



ନୂଆଦିଲ୍ଲୀ/ଭୁବନେଶ୍ୱର, ୩୧ ।୭; ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ପ୍ରେରଣାରେ ବିକାଶ, ପ୍ରଗତି ଓ ସମୃଦ୍ଧିର ଏକ ନୂତନ ପଥରେ ଓଡ଼ିଶା ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ରାଜ୍ୟର ବିକାଶମୂଳକ ପଦକ୍ଷେପ, ଆଇନ ଶୃଙ୍ଖଳା ପରିସ୍ଥିତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଚାଲୁରହିଥିବା ବିଭିନ୍ନ ବିକାଶମୂଳକ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ସହଯୋଗ କାମନା କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ଓଡ଼ିଶା ଆଜି ଏକ 'ନକ୍ସଲମୁକ୍ତ ରାଜ୍ୟ' ଭାବେ ମାନ୍ୟତା ପାଇପାରିଛି ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଦେଇଥିଲେ। ନକ୍ସଲ ଦମନରେ ଏହି ସଫଳତା ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି ବୋଲି ସେ କହିଥିଲେ । ନକ୍ସଲ ମୁକ୍ତ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର 'ଗ୍ରାମୋଦୟ ଯୋଜନା' ମାଧ୍ୟମରେ ସେହି ଅଞ୍ଚଳ ଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରୁଛନ୍ତି। ସକ୍ରିୟ ପୋଲିସିଂ ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଇଥିବା ଦ୍ରୁତ ଶିଳ୍ପାୟନ ବିଷୟରେ ଆଲୋଚନା କରି ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଗୃହମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଥିଲେ। ସେହିପରି ସମବାୟ କ୍ଷେତ୍ରରେ ମଧ କେନ୍ଦ୍ର ସରକାର ଓଡ଼ିଶାକୁ ସହଯୋଗ ଯୋଗାଇ ଦେଉଛନ୍ତି। ଓଡ଼ିଶାରେ ଚିନି କଳ ଗୁଡ଼ିକର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗ ଯୋଗୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୃହ ମନ୍ତ୍ରୀ ଶ୍ରୀ ଶାହାଙ୍କୁ ଧନ୍ୟବାଦ ଦେଇଥିଲେ । ଓଡ଼ିଶାର 'ଡବଲ୍-ଇଞ୍ଜିନ୍ ସରକାର' ସିଧାସଳଖ ଜନସମ୍ପର୍କ ଏବଂ ଦ୍ରୁତ ଅଭିଯୋଗ ପ୍ରତିକାର ମାଧ୍ୟମରେ ଜନସାଧାରଣଙ୍କ ଆସ୍ଥା ଜିତି ପାରିଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହା ସହିତ ସେ ରାଜ୍ୟର ପ୍ରମୁଖ ବିକାଶ ଓ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋକପାତ କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ରାଜ୍ୟର ପ୍ରଶଂସନୀୟ ଓ ଜନକଲ୍ୟାଣକାରୀ ପଦକ୍ଷେପ ଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ ଏବଂ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ।

## ପିଏମ୍ କିଷାନ ନିଧିକୁ ଆଉ ପାଞ୍ଚ ବର୍ଷ




ନୂଆଦିଲ୍ଲୀ,୩୧ ।୭: କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବଡ଼ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ସରକାର ଚାଷୀ, ଶକ୍ତି, କ୍ରୀଡା ଏବଂ ତୈଳ ଏବଂ ଗ୍ୟାସ କ୍ଷେତ୍ର ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁକ୍ରବାର ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାକୁ ଆଉ ପାଞ୍ଚ ବର୍ଷ ପାଇଁ ଜାରି ରଖିବା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ସରୋବର ଯୋଜନା ଆରମ୍ଭ କରିବା, ଖେଲୋ ଇଣ୍ଡିଆ ଯୋଜନାର ପୁନର୍ଗଠନ ଏବଂ 'ସମୁଦ୍ର ମନ୍ଥନ' ଜାତୀୟ ଉପକୂଳ ଅନୁସନ୍ଧାନ ଯୋଜନାକୁ ଅନୁମୋଦନ କରିଛି। ଏହି ଯୋଜନାଗୁଡ଼ିକ ଚାଷୀଙ୍କ ଆୟକୁ ସମର୍ଥନ କରିବା, ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବା, କ୍ରୀଡା ବିକାଶ କରିବା ଏବଂ ଦେଶର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖିଛି।କ୍ୟାବିନେଟ୍ ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାକୁ ଜାରି ରଖିବାକୁ ଅନୁମୋଦନ କରିଛି।

## ମହାରାଷ୍ଟ୍ରରେ କୋଠା ଭୁଶୁଡ଼ି ୯ ମୃତ

- କେତେକ ଭଗ୍ନାବଶେଷ ତଳେ ଚାପି ରହିଥିବା ଆଶଙ୍କା
- ଶୋକ ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ
- ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨ ଲକ୍ଷ ଅନୁକଂପା

ମୁମ୍ବାଇ, ୩୧ ।୭: ମହାରାଷ୍ଟ୍ରର ଥାନେ ଜିଲ୍ଲାର ଭିୱାଣ୍ଡିର ବାଲାଜୀ ନଗର-ଗଙ୍ଗାରାମୱାଡ଼ି ଠାରେ ଏକ ଚାରି ମହଲା କୋଠା (କୋହିନୁର ଆପାର୍ଟମେଣ୍ଟ) ଗତକାଲି ରାତିରେ ହଠାତ୍ ଭୁଶୁଡ଼ି ପଡ଼ିବା ଫଳରେ ଏପର୍ଯ୍ୟନ୍ତ ନଅ ଜଣଙ୍କର ମୃତ୍ୟୁ ଘଟିଛି। ଭଗ୍ନାବଶେଷ ତଳେ ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଥାନେ ଜିଲ୍ଲାର ଡେପୁଟି କଲେକ୍ଟର ସନ୍ଦୀପ ମାନେ ଶୁକ୍ରବାର କହିଛନ୍ତି ଯେ ସମସ୍ତ ମୃତଦେହ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ। ମୃତଦେହକୁ ଇନ୍ଦିରା ଗାନ୍ଧୀ ହସ୍ପିଟାଲକୁ ପଠାଯାଇଛି। ଭଗ୍ନାବଶେଷ ତଳେ ଫସି ରହିଥିବା ଅନ୍ୟମାନଙ୍କୁ ଖୋଜାଖୋଜି ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଲ୍ଲେଖ କରିଛନ୍ତି ଯେ ଥାନେରେ ଏକ କୋଠା ଭୁଶୁଡ଼ି ପ୍ରାଣ ହରାଇଥିବା ଖବର ଶୁଣି ଦୁଃଖିତ। ଏହି ଦୁଃଖଦ ସମୟରେ ମୋର ଚିନ୍ତାଧାରା ଶୋକସନ୍ତପ୍ତ ପରିବାର ସହିତ ଅଛି। ଆହତମାନେ ଯଥାଶୀଘ୍ର ସୁସ୍ଥ ହୁଅନ୍ତୁ। ପ୍ରତ୍ୟେକ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ପିଏମଏନଆରଏଫରୁ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ। ଆହତମାନଙ୍କୁ ୫୦,୦୦୦ ଟଙ୍କା କରି ଦିଆଯିବ।



# ମହାନଦୀରେ ପ୍ରବଳ ସ୍ରୋତ ଜାରି

 କଟକ/ଭୁବନେଶ୍ୱର,୩୧ ।୭ (ନିପ୍ର): ମହାନଦୀରେ ବନ୍ୟାଜଳର ପ୍ରବାହ ହ୍ରାସ ପାଇବା ଆରମ୍ଭ ହୋଇଥିଲେ ମଧ ଏହାର ଗତି ଅତ୍ୟନ୍ତ ମନ୍ଥର ଥିବାରୁ ଜିଲ୍ଲା ପ୍ରଶାସନ ଆହୁରି ୪୮ ଘଣ୍ଟା ପାଇଁ କଡ଼ା ସତର୍କତା ଜାରି ରଖିଛି। ମୁଣ୍ଡଳୀରେ ପ୍ରତି ୩ ଘଣ୍ଟାରେ ପ୍ରାୟ ୧୦ ହଜାର କ୍ୟୁସେକ୍ ଜଳ କମୁଥିବା ବେଳେ ନଦୀରେ ସ୍ରୋତ ଏବେ ମଧ ଅତ୍ୟନ୍ତ ପ୍ରବଳ ରହିଛି। ଏପରି ସ୍ଥିତିରେ ହୀରାକୁଦ ଜଳଭଣ୍ଡାରର ୨୨ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି । ବର୍ତ୍ତମାନ ଜଳସ୍ତର ୬୨୫.୨୫ ଫୁଟ ରହିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୪ଲକ୍ଷ ୫୨ ହଜାର ୫୫୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୩ଲକ୍ଷ ୮୯ ହଜାର ୩୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଥିବାରୁ ଆସନ୍ତା ୪୮ଘଣ୍ଟା ପର୍ଯ୍ୟନ୍ତ ମୁଣ୍ଡଳୀରେ ଜଳପ୍ରବାହ ସମାନ ରହିବା କିମ୍ବା ସାମାନ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ବନ୍ୟା ଆଶ୍ରୟସ୍ଥଳୀରେ ଥିବା ବିପନ୍ନମାନଙ୍କୁ ଖାଦ୍ୟ ଓ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେବା ସହ ଉପଜିଲ୍ଲାପାଳ, ବିଡିଓ, ତହସିଲଦାର ଓ କଟକ ମହାନଗର ନିଗମର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସତର୍କ ଦୃଷ୍ଟି ଦେବାକୁ କହିଛନ୍ତି। ବିପଦପ୍ରବଣ ଅଞ୍ଚଳରେ ମାଇକ ମାଧ୍ୟମରେ ପ୍ରଚାର କରାଯାଇ ସଚେତନତା ସୃଷ୍ଟି କରାଯିବା ସହ ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକର ସମସ୍ତ ନଦୀଘାଟକୁ ସାଧାରଣ ଲୋକଙ୍କ ପ୍ରବେଶ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ନଦୀରେ ଗାଧୋଇବା, ପହଁରିବା, ଡଙ୍ଗା ଚଳାଚଳ, ସେଲ୍‌ଫି ନେବା, ଜଳଧାର ନିକଟରେ ଠିଆ ହେବା ଏବଂ ଜିଲ୍ଲାର ସମସ୍ତ ବ୍ୟାରେଜ୍ ଅଞ୍ଚଳକୁ ଯିବା ଉପରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ସେହିପରି ବାଲିଯାତ୍ରା ତଳ ପଡ଼ିଆରେ ସାଧାରଣ ଲୋକଙ୍କ ଯାତାୟାତ, ସମାବେଶ ଓ ଭିଡ଼ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲାଗୁ କରାଯାଇଛି। ରାଜଧାନୀ ଭୁବନେଶ୍ୱରର ହାଇଟେକ୍ ଛକ ନିକଟସ୍ଥ କୁଆଖାଇ ନଦୀକୁ ଜଣେ ମହିଳା ଶୁକ୍ରବାର ଡେଇଁ ପଡ଼ିଥିବା ଘଟଣା ସାମ୍ନାକୁ ଆସିଛି। ଦୁଇଟି ଅଗ୍ନିଶମ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ନଦୀରେ ଜୋରଦାର ଖୋଜାଖୋଜି ଜାରି ରଖିଛନ୍ତି। ତେବେ ମହିଳା ଜଣଙ୍କ କିଏ ଏବଂ ସେ କାହିଁକି ଏଭଳି ଚରମ ପଦକ୍ଷେପ ନେଇ ନଦୀକୁ ଡେଇଁଲେ, ସେନେଇ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ କାରଣ ଜଣାପଡ଼ି ନାହିଁ। ସେହିପରି ଜଗତସିଂହପୁର ଆମ୍ବିକିଠାରେ ୨ ଯୁବକ ଭାସି ନିଖୋଜ ଅଛନ୍ତି।

- ଜିଲ୍ଲା ପାଇଁ ଆହୁରି ୪୮ ଘଣ୍ଟା ସତର୍କତା
- ନଦୀଘାଟ ଓ ବାଲିଯାତ୍ରା ତଳ ପଡ଼ିଆକୁ ସାଧାରଣଙ୍କ ପ୍ରବେଶ ନିଷିଦ୍ଧ
- ହୀରାକୁଦର ୨୨ ଗେଟ୍ ଦେଇ ଜଳ ନିଷ୍କାସନ
- କୁଆଖାଇ ଡେଇଁଲେ ମହିଳା,ଜଗତସିଂହପୁରରେ ୨ ଯୁବକ ଭାସିଗଲେ




CMYK

# ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ

## ସମ୍ପର୍କ ବିଶ୍ୱାସର ବଡ଼ ଶକ୍ତି





ମଣିଷ ଜନ୍ମରୁ ପାରିବାରିକ ସମ୍ପର୍କ ପାଇଥାଏ । ଜନ୍ମ ସମୟରେ ପିତା-ମାତା ଏବଂ ଭାଇ-ଭଉଣୀ ପରି ଆମେ ଏହି ସମସ୍ତ ସମ୍ପର୍କ ପାଇଥାଉ । କିନ୍ତୁ ବନ୍ଧୁତା ହେଉଛି ଏକ ସମ୍ପର୍କ ଯାହାକୁ ଆମେ ନିଜେ ବାଛୁ । ବନ୍ଧୁତା ରକ୍ତର ସମ୍ପର୍କ ନୁହେଁ କିନ୍ତୁ ଏହା ଏକ ପବିତ୍ର ସମ୍ପର୍କ, ଯାହା ଅନାବିଳ ପ୍ରେମ, ବିଶ୍ୱାସ ଓ ଭରସାର ପ୍ରତୀକ । ଏଥିରେ ନା ଥାଏ କୌଣସି ବାଛବିଚାର, ନା ବୟସର କଟକଣା। ସେ ଯୁବକ ହେଉ କି ବୃଦ୍ଧ ସମସ୍ତଙ୍କ ପାଖରେ ବନ୍ଧୁତ୍ୱର ମହତ୍ତ୍ୱ ରହିଛି। ଜାତି, ଧର୍ମ, ବର୍ଣ୍ଣ ସର୍ବପରେ ଅଟେ ବନ୍ଧୁତ୍ୱର ସଂପର୍କ। ବନ୍ଧୁତ୍ୱ ଏପରି ଏକ ସଂପର୍କ , ଯାହା କୈଣସି ସର୍ତ୍ତରେ ହୋଇ ନ ଥାଏ କେବଳ ହୃଦୟର ସହିତ ଏହି ସଂପର୍କ ଗଢି ଉଠିଥାଏ । ବନ୍ଧୁତା ହେଉଛି ସେହି ସୁନ୍ଦର ଅନୁଭବ ଯାହା ସମୟର ଗତି ସହିତ ଆହୁରି ନିବିଡ ହୋଇଯାଏ । ପ୍ରକୃତ ବନ୍ଧୁ ହେଉଛନ୍ତି, ଯିଏ ଆମକୁ ଭୁଲ ପଥରେ ଚାଲିବା ଠାରୁ ରକ୍ଷା କରନ୍ତି ଏବଂ ଖରାପ ସମୟରେ ଏକ ଦୃଢ ସ୍ତମ୍ଭ ପରି ଆମ ସହିତ ଠିଆ ହୁଅନ୍ତି । ଭାରତୀୟ ପରମ୍ପରାରେ ବନ୍ଧୁମାନଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ବନ୍ଧୁତା କେବଳ ଆଧୁନିକ ସମାଜରେ ସୀମିତ ନୁହେଁ । ପୂରଣରେ ମଧ୍ୟ ରହିଛି ବନ୍ଧୁତାର ବର୍ଣ୍ଣନା । ସେଥିମଧ୍ୟରୁ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଏବଂ ସୁଦାମା, ଶ୍ରୀକୃଷ୍ଣ-ଦ୍ରୌପଦୀ, ଶ୍ରୀକୃଷ୍ଣ-ଅର୍ଜୁନଙ୍କ ମଧ୍ୟରେ ବନ୍ଧୁତ୍ୱର ଉତ୍କୃଷ୍ଟ ଉଦାହରଣର ବର୍ଣ୍ଣନା ରହିଛି । ବନ୍ଧୁତ୍ୱର ସମ୍ପର୍କ ଅତ୍ୟନ୍ତ ସ୍ୱତନ୍ତ୍ର, ଯାହାର କୌଣସି ମୂଲ୍ୟ ଦେବା ସମ୍ଭବ ନୁହେଁ । ମହାଭାରତରେ ବନ୍ଧୁର ବର୍ଣ୍ଣନାରେ କୁହାଯାଇଛି ଯେ ଭଗବାନ ଶ୍ରୀକୃଷ୍ଣ ସଖାଙ୍କ ଅନେକ ରଙ୍ଗ ରୂପ ଥିଲା । ସେ ଲୋକଙ୍କୁ ଭଲ ପାଉଥିଲେ, ତାଙ୍କୁ ରାସ୍ତା ଦେଖାଉଥିଲେ, ଲୋକଙ୍କ ସହ ହସମଜାକ କରୁଥିଲେ । ନିଜ ଆଖପାଖର ଲୋକଙ୍କ ମଧ୍ୟରେ ଭାଇ-ଚାରା ଭାବ ରଖୁଥିଲେ । ବନ୍ଧୁଙ୍କୁ ରକ୍ଷା କରିବା ଓ ତାଙ୍କୁ ଚିତାଇବା ବି ଭଗବାନ କୃଷ୍ଣଙ୍କ ବନ୍ଧୁତ୍ୱର ରୂପ । ବନ୍ଧୁତ୍ୱର ଅନ୍ୟ ଏକ ଦିଗଦର୍ଶନ ଦୁର୍ଯ୍ୟୋଧନ କର୍ଣ୍ଣଙ୍କୁ ଅଙ୍ଗଦେଶର ରାଜା କରି ସମାଜରେ ସମ୍ମାନ ଦେଇଥିଲେ ଏବଂ କର୍ଣ୍ଣଜୀବନର ଶେଷ ପର୍ଯ୍ୟନ୍ତ ଏହି ବନ୍ଧୁତ୍ୱର ମୂଲ୍ୟ ରଖିଥିଲେ ତ୍ୟାଗ ଓ ସମର୍ପଣ ମାଧ୍ୟମରେ । ବନ୍ଧୁ ପାଇଁ ଜୀବନ ଦେବାକୁ ମଧ୍ୟ କର୍ଣ୍ଣ ପଛାଇ ନଥିଲେ। ଏହି ପୌରାଣିକ କଥାଗୁଡ଼ିକ ଆମକୁ ଶିକ୍ଷା ଦିଏ ଯେ ସତ କଥା, ବିଶ୍ୱାସ ଓ ସାହାଯ୍ୟ ହିଁ ଏକ ପ୍ରକୃତ ବନ୍ଧୁତାର ମୂଳଦୁଆ ଅଟେ। ଚଳଚ୍ଚିତ୍ର ମାଧ୍ୟମରେ ପ୍ରଦର୍ଶିତ ହୋଇଥିବା କିଛି ନିଚ୍ଛକ ବନ୍ଧୁତ୍ୱର କାହାଣୀ । ଆନନ୍ଦ ଚଳଚ୍ଚିତ୍ରରେ ଯେଉଁଥିରେ ଅମିତାଭ ବଚ୍ଚନ ଓ ରାଜେସ୍ ଖାନ୍ନାଙ୍କ ଦୋସ୍ତି ଦେଖିବାକୁ ମିଳିଥିଲା । ସେଥିରେ ରାଜେସ୍ ଖାନ୍ନା ମରିବା ଯାଏଁ ବି ଅମିତାଭଙ୍କୁ ଜୀବନର ପ୍ରକୃତ ମର୍ମ କଣ ବୁଝାଇ ଦେଇଯାଇଥିଲେ। ଶୋଲେ ଚରିତ୍ରରେ ଅମିତାଭ୍ ବଚ୍ଚନ ଓ ଧର୍ମେନ୍ଦ୍ର ଙ୍କର ଜବରଦସ୍ତ ଦୋସ୍ତି ଦେଖିବାକୁ ମିଳିଥିଲା । ଆଜି ବି ଅନେକ ଲୋକ ନିଜ ବନ୍ଧୁତ୍ୱ ସମ୍ପର୍କକୁ ଜୟ ଭୀରୁର ଦୋସ୍ତି ଭଳି ଉଦାହରଣ ସ୍ୱରୂପ ନିଅନ୍ତି । ୟାରାନା ଚଳଚ୍ଚିତ୍ର ଗୀତ 'ତେରେ ଜେସା ୟାର କାହାଁ' ଶୁଣିଲେ ଆଜି ବି ଲୋକଙ୍କ ଆଖିରେ ଲୁହ ଜକେଇ ଆସେ, ଦୁଇ ସାଙ୍ଗ କିଭଳି ଦୁହିଁଙ୍କ ଅସୁବିଧାରେ ଦମ୍ଭ ଭଳି ଛିଡା ହେଇପାରନ୍ତି ତାର ଶିକ୍ଷା ଦେଇଥିଲା ଚଳଚ୍ଚିତ୍ର ପ୍ରେମୀଙ୍କୁ। ନବେ ଦଶକର କିଛି ଖାସ୍ କଳାକାରଙ୍କ ଭିତରୁ ଅମିରଖାନ୍ ମଧ୍ୟ ଜଣେ ଜବରଦସ୍ତ ଅଭିନେତା । ତାଙ୍କ ଅଭିନୀତ ଜୋ ଜିତା ୱିହି ସିକନ୍ଦର ଫିଲ୍ମ ସେ ସମୟରେ ଅନେକ ଚର୍ଚ୍ଚା ସାଉଁଟି ଥିଲା । ଛାତ୍ର ସମୟରେ ସାଙ୍ଗମାନେ କେତେ ନିଜର ଥାଆନ୍ତି ଓ ପ୍ରତିଟି ସମୟରେ ସେମାନେ ସାଙ୍ଗ ପାଇଁ ଯେକୌଣସି ଅସୁବିଧାର ସମ୍ମୁଖୀନ କରିପାରନ୍ତି ତାର ଉଦାହରଣ ଏହି ଚଳଚ୍ଚିତ୍ରରେ ଦିଆଯାଇଥିଲା । ଓଡ଼ିଆ ଚଳଚ୍ଚିତ୍ର ଜଗତରେ ବନ୍ଧୁତା ଏବଂ ସମ୍ପର୍କର ପରିଭାଷା ଅତି ଗଭୀର । ଯେଉଁଠି ପରଦା ପଛର ସହଯୋଗ, ସହ-କଳାକାରଙ୍କ ମଧ୍ୟରେ ଅନ୍ତରଙ୍ଗତା ଏବଂ ପ୍ରାଣବନ୍ଧୁଙ୍କ କାହାଣୀ ସିନେମାକୁ ଜୀବନ୍ତ କରିଥାଏ । ନିତାଇ ପାଲିତଙ୍କ ସମୟରୁ ଆରମ୍ଭ କରି ଆଜିର ଆଧୁନିକ ଓଲିଉଡ୍ ସିନେମା ପର୍ଯ୍ୟନ୍ତ ବନ୍ଧୁତ୍ୱ ଏକ ପ୍ରମୁଖ ଭାବନା ଭାବେ ରହିଆସିଛି। ସମୟ ଚକ୍ରରେ ସଂସାର ରଥ ଚଳଚ୍ଚିତ୍ରରେ ବିଜୟ ମହାନ୍ତି ଓ ପ୍ରଦ୍ୟୁମ୍ନ ଲେଙ୍କାଙ୍କ ନିଖୁଣ ଅଭିନୟ ସମସ୍ତ ଚଳଚ୍ଚିତ୍ର ପ୍ରେମୀଙ୍କୁ ଆକର୍ଷିତ କରିଥିଲା। ବସନ୍ତ ନାୟକଙ୍କ ପ୍ରଯୋଜିତ ଏ ଯୁଗର କୃଷ୍ଣ ସୁଦାମା ଚଳଚ୍ଚିତ୍ରରେ ମିଥୁନ ଚକ୍ରବର୍ତ୍ତୀ ଓ ଉତ୍ତମ ମହାନ୍ତିଙ୍କ ଯୋଡ଼ି ଓଡ଼ିଶା ବାସୀଙ୍କ ନିକଟତର ହୋଇପାରିଥିଲା। ଜୀବନରେ ଦୀର୍ଘସ୍ଥାୟୀ ବନ୍ଧୁତ୍ୱ ଶ୍ରେଷ୍ଠ ଆଶୀର୍ବାଦଠାରୁ କୌଣସି ଗୁଣରେ କମ୍ ନୁହେଁ। ବନ୍ଧୁତ୍ୱ ହିଁ ଜୀବନକୁ ସୁନ୍ଦର ଓ ସୁଖମୟ କରେ। ଅସୁବିଧାରେ ପଡ଼ିଲେ ଆଗ ଖୋଜାପଡ଼େ ବନ୍ଧୁ। ଇତିହାସରେ ଏମିତି ଅନେକ ବନ୍ଧୁତ୍ୱର ନିଦର୍ଶନ ରହିଛି। ସମୟ, ବୟସ ଓ ସୀମା ସରହଦ ଡେଇଁ ଗଢ଼ି ଉଠିଥିବା କିଛି ବନ୍ଧୁତ୍ୱର କାହାଣୀର ସ୍ଥାୟିତ୍ୱ କଥା ସହଜରେ ବିଶ୍ୱାସ କରିହୁଏ ନାହିଁ । ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକ ଓ ମହମ୍ମଦ ଅଲୀ ଜିନ୍ନାଙ୍କ ବନ୍ଧୁତ୍ୱକୁ ଭାରତର ସବୁଠୁ ଚିତ୍ତାକର୍ଷକ ଐତିହାସିକ ବନ୍ଧୁତ୍ୱ କୁହାଯାଏ। ଲକ୍ଷ୍ୟ ଗୋଟିଏ ରହିଲେ ବନ୍ଧୁତ୍ୱ ଜାତିଧର୍ମ ବାଛବିଚାର କରେ ନାହିଁ। ଏ ଦୁହିଁଙ୍କ କ୍ଷେତ୍ରରେ ସାଧାରଣ ଲକ୍ଷ୍ୟ ଥିଲା ଭାରତରୁ ବ୍ରିଟିସ୍ ଶାସନ ହଟାଇ ସ୍ୱ-ଶାସନ ଚଳାଇବା। ଘନିଷ୍ଠ ବନ୍ଧୁତା କଥା ଉଠିଲେ ମନକୁ ଆସେ ରତନ ଟାଟା ଓ ଶାନ୍ତନୁ ନାଇଡୁଙ୍କ ମଧ୍ୟରେ ଗଢ଼ି ଉଠିଥିବା ଅସମ୍ଭାବ୍ୟ ବନ୍ଧୁତାର କଥା। କୁକୁର ପ୍ରୀତି ହିଁ ଥିଲା ସେମାନଙ୍କ ବନ୍ଧୁତ୍ୱର ଆଧାର। ସେମାନଙ୍କ ବନ୍ଧୁତ୍ୱ ସଙ୍ଗୀତ ଦୁନିଆରେ ଚହଳ ପକାଇଲା। ଦୁଇ ଭିନ୍ନ ସଙ୍ଗୀତ ଶୈଳୀ ସମ୍ମିଶ୍ରଣରୁ ଯେଉଁ ସବୁ ଶ୍ରେଷ୍ଠ ସଙ୍ଗୀତ ସୃଷ୍ଟି ହେଲା ତାହା ଆଜି ମଧ୍ୟ ଲୋକପ୍ରିୟ ହୋଇ ରହିଛି। ଭାରତ ଇତିହାସରେ ଶ୍ରେଷ୍ଠ ବନ୍ଧୁତ୍ୱ ପ୍ରସଙ୍ଗ ଆସିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ବିଶିଷ୍ଟ ଲେଖିକା ଓ ସଂପାଦକ ପୁପୁଲ ଜୟକରଙ୍କୁ ଏଡ଼ାଇ ହେବନାହିଁ। ଉଭୟଙ୍କ ପିଲାଦିନ ଆହ୍ଲାବାଦରେ ଅତିବାହିତ ହୋଇଥିଲା ଏବଂ ସେମାନଙ୍କ ବନ୍ଧୁତ୍ୱ ଥିଲା ଖୁବ୍ ନିବିଡ଼। ପରସ୍ପର ସହ ସମୟ ବିତାଇବାରୁ ସେମାନେ ପାଉଥିଲେ ଅପାର ଆନନ୍ଦ । ମଣିଷ ଜୀବନ ବନ୍ଧୁ ବିନା ରଙ୍ଗହୀନ। ବନ୍ଧୁତା ଆକାଶ ପରି ଅସୀମ, ସାଗର ପରି ଗଭୀର। ପ୍ରକୃତ ବନ୍ଧୁ ସୁଖଦୁଃଖର ସାଥୀ। ତୁମ ଖୁସିରେ ଯିଏ ଖୁସି ହୁଏ, ଦୁଃଖରେ ଦୁଃଖୀ ହୁଏ ସିଏ ପ୍ରକୃତ ବନ୍ଧୁ। ବନ୍ଧୁତାର ସମ୍ପର୍କ ଯେ କୌଣସି ସମ୍ପର୍କ ଠାରୁ ମଧ୍ୟ ଶକ୍ତିଶାଳୀ। ଈଶ୍ୱର ଯାହାକୁ ରକ୍ତ ସମ୍ପର୍କରେ ବାନ୍ଧିବାକୁ ଭୁଲିଯାଆନ୍ତି, ତାକୁ ବନ୍ଧୁତାର ନିବିଡ଼ ବନ୍ଧନରେ ବାନ୍ଧି ଦିଅନ୍ତି । ବନ୍ଧୁତାରେ ଜାତିଅଜାତି, ଧନୀ ଗରିବର ଭେଦଭାବ ନଥାଏ। ଏହି ସମ୍ପର୍କରେ ସବୁ ନିର୍ମଳ ଆଉ ପବିତ୍ର। ହେଲେ ଯୁଗ ବଦଳିବା ସଙ୍ଗେସଙ୍ଗେ ବନ୍ଧୁତାର ପରିଭାଷା ବଦଳିଛି। ଫେସବୁକ, ଇନଷ୍ଟାଗ୍ରାମ୍, ପରି ସାମାଜିକ ଗଣମାଧ୍ୟମରେ ହେଉଛି ଆଧୁନିକ ବନ୍ଧୁତା । ଡିଜିଟାଲ ବନ୍ଧୁ ହେଉଛି ଆଜିର ଡିଜିଟାଲ ଯୁଗରେ ଜଣେ ସାଥୀ କିମ୍ବା ମାର୍ଗଦର୍ଶକ, ଯିଏ ଆପଣଙ୍କୁ ମୋବାଇଲ, କମ୍ପ୍ୟୁଟର ଏବଂ ଅନଲାଇନ୍ ସେବାଗୁଡ଼ିକର ସଠିକ୍ ଓ ସୁରକ୍ଷିତ ବ୍ୟବହାର କରିବାରେ ସାହାଯ୍ୟ କରେ। ତେବେ ଏଇଠି କହି ରଖୁଛୁ, ଫେସବୁକ ସମେତ ଅନ୍ୟ ସୋସିଆଲ ମିଡ଼ିଆ ମାଧ୍ୟମରେ ହେଉଥିବା ବନ୍ଧୁତ୍ୱରେ ଥାଏ ଅନେକ ବିପଦ। କୌଣସି ବି ଅଜଣା, ଅଚିହ୍ନା ବ୍ୟକ୍ତି ସହ ବନ୍ଧୁତା କରିବାକୁ ଯାଉଥିଲେ, ହଜାରେ ଥର ଚିନ୍ତା କରନ୍ତୁ। କାରଣ ଭବିଷ୍ୟତରେ ସାମାଜିକ ଗଣମାଧ୍ୟମର ବନ୍ଧୁ ଆପଣଙ୍କ ପାଇଁ ସବୁଠାରୁ ବଡ଼ ବିପଦ ସୃଷ୍ଟି କରିପାରନ୍ତି। ଆପଣଙ୍କ ଆଗକୁ ଯାଇ ସ୍ୱାର୍ଥପର ହୋଇ ଧୋକାବାଜ କରପାରନ୍ତି। ଆପଣଙ୍କ ବ୍ୟକ୍ତିଗତ ଫଟୋ କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ କରି ଅପପ୍ରଚାର କରିପାରନ୍ତି । ଆଉ ଏହାର ଅନେକ ନଜିର ମଧ୍ୟ ରହିଛି । ଏଥିପାଇଁ ବନ୍ଧୁତା କରିବା ପୂର୍ବରୁ ସାମାଜିକ ଗଣମାଧ୍ୟମର ବନ୍ଧୁକୁ ଭଲଭାବେ ବୁଝିନିଅନ୍ତୁ ଓ ଜାଣିନିଅନ୍ତୁ।

***କିଶୋର ଚନ୍ଦ୍ର ବେହେରା,***
***ମୋ-୯୪୩୭୯୫୫୫୬୮***









# ବନ୍ଧୁତା, ସ୍ୱାର୍ଥ ଓ ସମାଜ


**'ବନ୍ଧୁ'** - କେବଳ ଗୋଟିଏ ଶବ୍ଦ ନୁହେଁ, ଏହା ଏକ ଏପରି ଅନୁଭୂତି ଯାହା ମନରେ ଏକ ଅପୂର୍ବ ଖୁସି ଓ ଶାନ୍ତି ଭରିଦିଏ। ଜୀବନର ଜଟିଳ ଓ ଅଙ୍କବଙ୍କା ବାଟରେ ଯେତେବେଳେ ଆମେ ଆଗକୁ କ'ଣ କରିବା କିଛି ବୁଝିପାରୁନାହୁଁ, ସେତେବେଳେ ଜଣେ ପ୍ରକୃତ ବନ୍ଧୁ ଆମକୁ ସଠିକ୍ ଦିଗଦର୍ଶନ ଦେଇଥାଏ। ଦୁଃଖ ହେଉ କି ସୁଖ, ସେ ସବୁବେଳେ ବିନା ସର୍ତ୍ତରେ ପାଖରେ ଛିଡ଼ାହୁଏ। ଜୀବନର ଏକ ବଡ଼ ଅଂଶ ଆମେ ଏହି ସମ୍ପର୍କ ସହ ବିତାଇଥାଉ। ବାଧାବିଘ୍ନ ଆସିଲେ ଆମେ ପ୍ରଥମେ ବନ୍ଧୁଙ୍କ ପାଖକୁ ହିଁ ଧାଇଁଯାଉ। କେବଳ ସମବୟସ୍କ ପୁଅ କି ଝିଅ ନୁହଁନ୍ତି, ଆମ ବାପା, ମାଆ, ଭାଇ, ଭଉଣୀ କିମ୍ବା ଶିକ୍ଷକ ବି ଜଣେ ଜଣେ ନିଷ୍ଠାପର ବନ୍ଧୁ ହୋଇପାରନ୍ତି। ଜୀବନର ଚଲାପଥରେ ଜଣେ ସଚ୍ଚା ବନ୍ଧୁର ଉପସ୍ଥିତି ଓ ଅବଦାନ ସତରେ ଅତୁଳନୀୟ। ଭଗବାନ ଶ୍ରୀକୃଷ୍ଣ ଓ ସୁଦାମାଙ୍କ ଅତୁଳନୀୟ ବନ୍ଧୁତା ଆଜି ବି ମାନବ ସମାଜ ପାଇଁ ଚିରସ୍ମରଣୀୟ ଓ ପ୍ରେରଣାଦାୟୀ। କିନ୍ତୁ ଆଜିର ଆଧୁନିକ, ସ୍ୱାର୍ଥପର ଓ ବସ୍ତୁବାଦୀ ଦୁନିଆରେ ବନ୍ଧୁତାର ଏହି ପବିତ୍ର ସଂଜ୍ଞା ସମ୍ପୂର୍ଣ୍ଣ ବଦଳିଯାଇଛି। ଆଜିର ସମାଜରେ ବନ୍ଧୁତା ଅପେକ୍ଷା 'ସ୍ୱାର୍ଥ' ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଯେଉଁଠି ସ୍ୱାର୍ଥ ଅଛି, ଆଜି ସେଠି ବନ୍ଧୁତାର ଆବରଣ ଦେଖିବାକୁ ମିଳୁଛି। ବିନା କୌଣସି ଲାଭ କିମ୍ବା ସ୍ୱାର୍ଥରେ ସମ୍ପର୍କ ଯୋଡ଼ିବା ଆଜିର ସମୟରେ ଅତ୍ୟନ୍ତ ବିରଳ ହୋଇଗଲାଣି। ଯେତେଦିନ ପର୍ଯ୍ୟନ୍ତ ଜଣେ ବନ୍ଧୁଙ୍କଠାରୁ ଫାଇଦା ମିଳୁଥାଏ, ସେତେଦିନ ସମ୍ପର୍କ ନିବିଡ଼ ଥାଏ କିନ୍ତୁ ସ୍ୱାର୍ଥ ପୂରଣ ହୋଇଗଲେ କିମ୍ବା ଲାଭ ମିଳିବା ବନ୍ଦ ହୋଇଗଲେ ସେହି ସମ୍ପର୍କ ଭାଙ୍ଗିବାକୁ ବେଶୀ ସମୟ ଲାଗେନାହିଁ। ଆଜି ଲୋକମାନେ ଟଙ୍କା, ପଦବୀ ଓ ଷ୍ଟାଟସ୍ ଦେଖି ବନ୍ଧୁତା ବାଛୁଛନ୍ତି, ଯେପରି ଭବିଷ୍ୟତରେ ସେମାନଙ୍କୁ ନିଜ କାମରେ ବ୍ୟବହାର କରାଯାଇପାରିବ। ସମାଜ ଏପରି ଏକ ଦିଗରେ ଗତି କରୁଛି ଯେଉଁଠି ନିସ୍ୱାର୍ଥପରତାର କୌଣସି ମୂଲ୍ୟ ରହୁନାହିଁ। ଯେଉଁଠି ସ୍ୱାର୍ଥ ନାହିଁ, ସେଠାରେ ବନ୍ଧୁତାର ଆୟୁଷ ମଧ୍ୟ ଅତ୍ୟନ୍ତ କମ୍। ଅନେକ ସମୟରେ ଦେଖାଯାଏ, ଜଣେ ବନ୍ଧୁର ବିପଦ ସମୟରେ ଆମେ ନିଜେ କଷ୍ଟ ସହି, କାହାଠାରୁ ଧାର-ଉଧାର କରି ମଧ୍ୟ ତାକୁ ସାହାଯ୍ୟ କରିଥାଉ। କିନ୍ତୁ ପରବର୍ତ୍ତୀ ସମୟରେ ଯେତେବେଳେ ସେହି ସାହାଯ୍ୟ କିମ୍ବା ଅର୍ଥ କଥା ଉଠେ, ସେତେବେଳେ ସମ୍ପର୍କରେ ତିକ୍ତତା ଆସିଯାଏ। ସେହିପରି, କିଛି ବନ୍ଧୁ ଏପରି ଥାଆନ୍ତି ଯାହାଙ୍କ ପାଇଁ ଆମେ ଜୀବନର ସବୁକିଛି ଉତ୍ସର୍ଗ କରିଦେଇଥାଉ, ମାତ୍ର କୌଣସି ନୂଆ ବନ୍ଧୁ ମିଳିଗଲେ ସେମାନେ ଅତୀତର ସମସ୍ତ ତ୍ୟାଗ ଓ ସହଯୋଗକୁ ସହଜରେ ଭୁଲିଯାଆନ୍ତି। ଥରେ ହେଲେ ବି ଭାବନ୍ତି ନାହିଁ ଯେ ଅତୀତରେ ଏହି ବ୍ୟକ୍ତିଟି ତାଙ୍କ ପାଇଁ କ'ଣ ସବୁ କରିଥିଲା। ଆଜିର ବିଚିତ୍ର ଦୁନିଆରେ ଯିଏ ଛଳନା ଓ ଚାଟୁକାରିତା କରୁଛି, ସେ ଭଲ ବନ୍ଧୁର ଆଖ୍ୟା ପାଉଛି, ଆଉ ଯିଏ ସତୋଟତା, ଆଦର ଓ ଆନ୍ତରିକତା ସହ ଭଲପାଉଛି, ସେ ଆଜି ବନ୍ଧୁତାଠାରୁ ଦୂରେଇ ରହିବାକୁ ବାଧ ହେଉଛି।



ବର୍ଷ ବର୍ଷ ଧରି ଗଢ଼ିଉଠିଥିବା ନିବିଡ଼ ସମ୍ପର୍କ ଗୋଟିଏ ସାମାନ୍ୟ ଭୁଲ୍ ବୁଝାମଣା ଯୋଗୁଁ ଭାଙ୍ଗିଯାଉଛି। ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ବନ୍ଧୁ ସହ ଦିନେ ସବୁ ଗୋପନ କଥା ବଣ୍ଟାଯାଇଥିଲା, ସମ୍ପର୍କ ଭାଙ୍ଗିଗଲା ପରେ ସେହି ବନ୍ଧୁ ହିଁ ଶତ୍ରୁ ସହ ମିଶି କ୍ଷତି ପହଞ୍ଚାଇବାକୁ ପଛାଉନାହିଁ। ଏହିସବୁ ପ୍ରତାରଣା ଓ ଛଳନା କାରଣରୁ ଆଜି ମଣିଷ କାହାକୁ ସହଜରେ ବିଶ୍ୱାସ କରି ନୂଆ ବନ୍ଧୁଟିଏ କରିବାକୁ ପଛଘୁଞ୍ଚା ଦେଉଛି। ପ୍ରତିଟି ସମ୍ପର୍କରେ ସନ୍ଦେହ ଓ ଭୟର ଛାୟା ଦେଖାଦେଉଛି। ଛଳନା, ପ୍ରତାରଣା ଓ ସ୍ୱାର୍ଥପରତାର ଏହି ବିଷାକ୍ତ ସ୍ରୋତ ମଧ୍ୟରେ ଜଣେ ସଚ୍ଚା, ନିସ୍ୱାର୍ଥପର ଓ ଶ୍ରଦ୍ଧାବାନ୍ ବନ୍ଧୁ ପାଇବା ନିଶ୍ଚିତ ଭାବେ ଆଜିର ସମାଜରେ ଏକ ବଡ଼ ଆହ୍ୱାନ ହୋଇପଡ଼ିଛି। ଏସବୁ ନକାରାତ୍ମକ ପରିସ୍ଥିତି ସତ୍ତ୍ୱେ, ବନ୍ଧୁତାର ସମ୍ପୂର୍ଣ୍ଣ ଆଲୋକ ଲିଭିଯାଇନାହିଁ। ଆଜି ବି ସମାଜରେ କିଛି ନିସ୍ୱାର୍ଥପର, ତ୍ୟାଗୀ ଓ ହୃଦୟବାନ୍ ମଣିଷ ଅଛନ୍ତି, ଯାହାଙ୍କ ଯୋଗୁଁ ବନ୍ଧୁତାର ପବିତ୍ରତା ଓ ସୌନ୍ଦର୍ଯ୍ୟ ଆଜି ବି ବଞ୍ଚିରହିଛି। 'ବନ୍ଧୁତା ଦିବସ' କେବଳ ସୋସିଆଲ୍ ମିଡିଆରେ ଗୋଟିଏ ସୁନ୍ଦର ମେସେଜ୍ କିମ୍ବା ଫଟୋ ପୋଷ୍ଟ କରିବାର ଦିନ ନୁହେଁ, ବରଂ ଏହା ନିଜ ଅନ୍ତରାତ୍ମାକୁ ପ୍ରଶ୍ନ କରିବାର ଓ ଆତ୍ମସମୀକ୍ଷା କରିବାର ସମୟ। ଆମକୁ ନିଜକୁ ପ୍ରଶ୍ନ ପଚାରିବାକୁ ହେବ — ଆମେ ନିଜେ କାହା ପାଇଁ ଜଣେ ସଚ୍ଚା, ନିସ୍ୱାର୍ଥପର ଓ ବିଶ୍ୱସନୀୟ ବନ୍ଧୁ ହୋଇପାରିଛେ ତ ? ସ୍ୱାର୍ଥର ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଉଠି ସମ୍ପର୍କକୁ ସମ୍ମାନ ଦେବା, ପ୍ରତିବଦଳରେ କିଛି ନ ଚାହିଁ ଅନ୍ୟକୁ ସାହାଯ୍ୟ କରିବା ଏବଂ ବିପଦ ସମୟରେ ଆନ୍ତରିକତାର ସହ ସାଥ୍ ଦେବା ହିଁ ପ୍ରକୃତ ବନ୍ଧୁତାର ଶ୍ରେଷ୍ଠ ପରିଚୟ। ଯଦି ଆମେ ନିଜେ ସଚ୍ଚୋଟ ଓ ନିସ୍ୱାର୍ଥପର ହେବା, ତେବେ ନିଶ୍ଚିତ ଭାବେ ଏହି ବଦଳୁଥିବା ସମାଜରେ ପୁଣିଥରେ ପ୍ରକୃତ ବନ୍ଧୁତାର ହଜିଯାଇଥିବା ମୂଲ୍ୟବୋଧ ପ୍ରତିଷ୍ଠିତ ହୋଇପାରିବ ଏବଂ ଜୀବନର ଚଲାପଥ ସୁନ୍ଦର ହୋଇଉଠିବ।

***ଅଖିଳ ତରାଇ, ମୋ- ୭୭୮୭୦୦୧୦୦୧***





## ସମର୍ପଣରେ... ଅଛି ଆନ୍ତରିକ ସନ୍ତୁଳନ

ସ୍ୱାମୀ ଚିନ୍ମୟାନନ୍ଦ କହିଛନ୍ତି, ଯେ 'ଯୋଗ କ୍ଷେମଂ ବହାମ୍ୟହମ୍'(ମୁଁ ତୁମର ଆବଶ୍ୟକତାକୁ ପୂରା କରୁଛି ତଥା ଯାହା କିଛି ତୁମର ପାଖରେ ବିଦ୍ୟମାନ ଅଛି,ଏହାର ସଂରକ୍ଷଣ ମଧ୍ୟ କରିଥାଏ) । ବାସ୍ତବରେ ଅତ୍ୟନ୍ତ ପ୍ରଭାବଶାଳୀ ଅଟେ । ଯଦି ଆମେ ଟିକିଏ ଅଟକି ନିଜର ଜୀବନ ଉପରେ ବିଚାର କରିବା, ତା'ହେଲେ ଏହି ପ୍ରତିଜ୍ଞା ପ୍ରତ୍ୟେକ ଦିନ ପୂରା ହୋଇ ରହିଥାଏ । ଯେତେବେଳେ ଆମେ ଏହି ଶ୍ଳୋକକୁ ନିଜ ଜୀବନର ଅଂଶ ବନେଇ ଥାଉ,ତା'ହେଲେ ଆମେ ଚିନ୍ତା କରିବା ତଥା ଏହି ପ୍ରଶ୍ନ କରିବା ବନ୍ଦ କରିଦେଇ ଥାଉ କି କ'ଣ ଈଶ୍ୱର ଆମର ଦେଖାଶୁଣା କରୁଛନ୍ତି ନା' ନାହିଁ । ଏହାର ବିପରୀତ ଆମେ ନିଜ ହୃଦୟରେ ଜାଣି ନେବା ଯେ ତାହା ସର୍ବଦୈବ ଆମର ସଂରକ୍ଷଣ କରିଥାଏ । ଜୀବନରେ କିଛି ସମୟରେ ରୋଗ,ଦୁର୍ବଳତା ଆଉ ଅନ୍ୟ ପ୍ରକାରର ବ୍ୟବଧାନ ଅବଶ୍ୟ ଆସିବ । ସ୍ୱୟଂକୁ ଈଶ୍ୱର ତଥା ତାଙ୍କର ବୁଦ୍ଧି ପ୍ରତି ସମର୍ପିତ କର ଏବଂ ଶାନ୍ତ ତଥା ଅବିଚଳ ମନରେ ନିଜର କର୍ତ୍ତବ୍ୟକୁ ପାଳନ କର । ଯାହା କିଛି ବି ହେଉଛି ତାହା ଈଶ୍ୱରଙ୍କ ଉପହାର ଅଟେ,ଯାହା ଅନ୍ତତଃ ଆମର ନିଜର ବିକାଶ ହେତୁ । ଅନାବଶ୍ୟକ ଚିନ୍ତା କରନାହିଁ । ସମସ୍ୟା ସବୁ ସମୟର ସହିତ ସ୍ୱୟଂ ଦୂର ହୋଇଯାଏ । ଈଶ୍ୱରତଥା ତାଙ୍କର ଇଚ୍ଛାରେ ବିଶ୍ୱାସ ବଜାୟ ରଖ,ହର୍ଷିତ ରୁହ । ଏତେ ଶକ୍ତ ରଖକି ସବୁ ଚିନ୍ତାକୁ ପ୍ରଭୁଙ୍କ ଚରଣରେ ସମର୍ପିତ କରିପାରିବ । କାହିଁକି ହେବନି ? ପ୍ରୟାସ କର । ଏହା ଆପଣଙ୍କୁ ଅନାବଶ୍ୟକ ମାନସିକ ପୀଡାରୁ ମୁକ୍ତ କରିଥାଏ । ଏବେ ଆପଣଙ୍କ ସହିତ କିଛି ବି ଅଶୁଭ ହେବ ନାହିଁ । ଆପଣ ସ୍ୱୟଂଦେଖନ୍ତୁ । ଏହି ସବୁ କେବଳ ଆପଣଙ୍କୁ ଉନ୍ନତ କରିବା ପାଇଁ ଅଟେ । ତାଙ୍କର ଧାରାର ସହିତ ବହି ଯାଆନ୍ତୁ । ଈଶ୍ୱର ସବୁଜାଣିଥାନ୍ତି । ସେ ଅତ୍ୟନ୍ତ ବିବେକଶୀଳ ଆଉ ଜ୍ଞାନଯୁକ୍ତ ଅଟନ୍ତି । ଯେତେବେଳେ ସେ ଆମକୁ ଏମିତି ବାତାବରଣର ସମ୍ପର୍କରେ ଆଣିଥାନ୍ତି,ତାହା କେବଳ ଏଥିପାଇଁ କିଏହା ଆମର ଅନ୍ତଃମୁଖୀ ବିକାଶର ପାଇଁ ଆବଶ୍ୟକ ଅଟେ । ଏହା ହିଁ ମାର୍ଗ ଅଟେ ।

## ସୁକନ୍ୟା ଅନ୍ତର୍ଭୁକ୍ତିକରଣ ଶିବିର

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ତଥା ସୁକନ୍ୟା ଅନ୍ତର୍ଭୁକ୍ତିକରଣ ଶିବିର ଦୋସିଙ୍ଗା ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ, ଦୋସିଙ୍ଗା, ଚାନ୍ଦବାଲିରେ ଅନୁଷ୍ଠିତ ହୋଇଯାଇଛି।

ଏହି ସଭାରେ ଅତିଥି ଭାବରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ଥାନାର ଅଧକ୍ଷ ଦୟାନିଧି ଦାସ, ଧାମରା ଥାନାର ଏସ୍ ଆଇ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ, ଦୋସିଙ୍ଗା ଗ୍ରାମପଞ୍ଚାୟତର ସରପଞ୍ଚ, ଦୋସିଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ଲୋକ ମାନଙ୍କୁ ସଂଚୟର ମହତ୍ତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାର ସମାଜ ଗଢ଼ିବା ପାଇଁ ସହାୟକ ହେବ ବୋଲି କହି ଅନୁପ୍ରାଣିତ କରିଥିଲେ। ସାଇବର ସେଲ ଅଧକ୍ଷ ଓ ବସୁଦେବପୁର ଥାନା ର ଏସ ଆଇ ଲୋକମାନଙ୍କୁ ସାଇବର ଅପରାଧୀମାନଙ୍କ ଶିକାରରୁ ବଞ୍ଚିବାର ଉପାୟମାନ ବୁଝାଇଥିଲେ । ସୋସିଆଲ ମିଡ଼ିଆର ସଠିକ୍ ବ୍ୟବହାର କରିବାର ଉପାୟମନ ଜଣାଇଥିଲେ।

ଏହି ସଭାରେ ମୋଟ ୧୫୦ ଜଣ ଅଭିଭାବକ, କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ଡାକ ବିଭାଗ ଏଜେଣ୍ଟମାନେ ଯୋଗଦେଇଥିଲେ । 'ସଞ୍ଚୟ ଓ ସଚେତନତା ଆଜିର ଆବଶ୍ୟକତା' ଏହି ଥିମ୍‌ରେ ସଭାଟି ଆୟୋଜିତ ହୋଇଥିଲା। ଏହି ସଭାରେ ସୁକନ୍ୟା ସମୃଦ୍ଧି ଯୋଜନାରେ ଆକାଉଣ୍ଟ ଖୋଲା କାର୍ଯ୍ୟକ୍ରମ ଓ ଆଧାର ଶିବିର ମଧ ଅନୁଷ୍ଠିତ ହୋଇଯାଇଛି। ମୋଟ ୧୦୦ ରୁ ଅଧିକ କନ୍ୟା ଓ ବ୍ୟକ୍ତିମାନେ ଉପକୃତ ହୋଇପାରିଛନ୍ତି।

## କୁମ୍ଭାରପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା ଦିବସ

କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଗ୍ରାମସ୍ଥିତ ଶ୍ରୀଲଡୁକେଶ୍ୱର ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି।ଏ ଅବସରରେ ପୂର୍ବାହ୍ନରେ ପ୍ରଭୁ ଶ୍ରୀ ଲଡୁକେଶ୍ୱର ଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠା ଦିବସ ପାଳନ ନେଇ କାର୍ଯ୍ୟକ୍ରମର ଆୟୋଜନ କରା ଯାଇଥିଲା।ଅନୁଷ୍ଠାନର ଅଧକ୍ଷା ମଞ୍ଜୁବାଳା ଭୋଇଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ତଥା ଅବସରପ୍ରାପ୍ତ ଅଧକ୍ଷ ପ୍ରମୋଦ କୁମାର ରାଉତ,ମୁଖ୍ୟ




ବକ୍ତା ଭାବେ ପ୍ରାକ୍ତନ ଛାତ୍ର ସଂସଦର ସମ୍ପାଦକ ଅଜୟ କୁମାର ସେଠୀ,ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଗୁଣନିଧି ଦାଶ,ଓଡ଼ିଆ ଅଧ୍ୟାପିକା ପୂଜା ମହାପାତ୍ର,ଅର୍ଥନୀତି ବିଭାଗର ଅଧ୍ୟାପିକା ବିଜୟଲକ୍ଷ୍ମୀ ରାଉତ,କ୍ରୀଡା ଶିକ୍ଷକ ସୁମନ୍ତ କୁମାର ସାହୁ ଓ ରମେଶ ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇ ପ୍ରତିଷ୍ଠା ଦିବସ ପାଳନର ମହତ୍ୱ ସଂପର୍କରେ ଆଲୋକପାତ କରିବା ସହ ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ।ସେହିପରି ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ଜୀବନକୁ ଆପଣେଇ ଉଚ୍ଚାଭିଳାଷୀ ଓ ଚରିତ୍ରବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

ଅନୁଷ୍ଠାନର ଗ୍ରନ୍ଥାଗାର ପରିଚାଳକ ମାନସିଂ ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଗହଣରେ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଅତିଥିମାନେ ଅନୁଷ୍ଠାନ ପରିସରରେ ବିଭିନ୍ନ କିସମର ଚାରାରୋପଣ କରିବା ଅବସରରେ ବୃକ୍ଷ ରୋପଣର ମହନୀୟତା ସଂପର୍କରେ ଅତିଥିମାନେ ଆଲୋକପାତ କରିଥିଲେ।

## ଗୁରୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,(ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପଣସପଦା ହରିହର ନୋଡାଲ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ମିଶ୍ର ଏବଂ ଶିକ୍ଷୟିତ୍ରୀ ଶୈଳବାଳା ଦେଇଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟୀ ଗୁରୁଙ୍କୁ ଏନସି ସି ଶିକ୍ଷାର୍ଥୀମାନେ ପ୍ୟାରେଡ ମାଧ୍ୟମରେ ପାଛୋଟି ଆଣିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ରସେନ ସାହୁଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଧ୍ରୁବ ଚରଣ ପ୍ରଧାନ, ସିଆରସିସି ଦକ୍ଷଶରଥୀ ଶତପଥୀ, ବିଦ୍ୟାଳୟ ପରିଚାଳନା ସଭାପତି ଆଲୋକ କୁମାର ପ୍ରଧାନ, ଆଲୁମିନ ଅଧକ୍ଷ ମେରୁଧର ଦଳାଇ, କ୍ଲଷ୍ଟର ଶିକ୍ଷକ ପ୍ରତିନିଧି କୃତିବାସ ବଳବନ୍ତରାୟ, ଶିକ୍ଷକ ପ୍ରତିନିଧି ଯୁଧିଷ୍ଠିର ପଲାଇ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟର କୁନି କୁନି ଶିକ୍ଷାର୍ଥୀ ମାନେ ପ୍ରାରମ୍ଭିକ ସଂଗୀତ ଗାନ ଏବଂ ନୃତ୍ୟ ପରିବେଷଣ କରିଥିଲେ। ବିଦାୟୀ ଗୁରୁଙ୍କୁ ଉପଢୌକନ, ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲେ। ମଞ୍ଚାସିନ ଅତିଥି ଶିକ୍ଷକ, ଶିକ୍ଷାର୍ଥୀ ମାନେ ଗୁରୁଙ୍କ ଗୁଣଗାନ କରିଥିଲେ। ମାଲୁଦ ଶିକ୍ଷା ସର୍କଲ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରବୀଣା ଦାସ ଗୁଣଗାନ କରିବା ସହ ଉପହାର ପ୍ରଦାନ କରିଥିଲେ। ଗୁରୁଦ୍ୱୟଙ୍କୁ ଶିକ୍ଷକ ଛାତ୍ରଛାତ୍ରୀ ମାନେ ଉପହାର ମାନପତ୍ର ପ୍ରଦାନ କରିଥିଲେ। ପଣସପଦା ହରିହର ନୋଡାଲ ବିଦ୍ୟାପୀଠ ଦୁଇଜଣ ଆଦର୍ଶ ଗୁରୁଙ୍କୁ ଶିକ୍ଷାଦାନରୁ ହରାଇ ଥିବା ଅତିଥିମାନେ କହିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ବିପଦପୂର୍ଣ୍ଣ ତେଲସିଂ ପ୍ରାଥମିକ ବିଦ୍ୟାଳୟ

# ବିପଦକୁ ଡାକୁଛି ସ୍କୁଲ ଭିତରେ ଥିବା ବିଶାଳ ଗଛ

## ଶ୍ରେଣୀ ଗୃହ କାନ୍ଥଫାଟି ଆଁ,ଛାତରୁ ଗଳୁଛି ପାଣି, ଖସୁଛି ସିମେଣ୍ଟ ଅତଡ଼ା

ରେଢ଼ାଖୋଲ,(ନିପ୍ର) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ତ୍ରିବେଣୀପୁର ପଞ୍ଚାୟତ ଅନ୍ତର୍ଗତ ତେଲସିଂ ଗାଁରେ ଥିବା ପ୍ରାଥମିକ ସ୍କୁଲଟି ବିଭିନ୍ନ ଅବ୍ୟବସ୍ଥା ଘେରରେ ପଡ଼ିରହିଛି। ତଥାପି ଏଠାରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଆଖପାଖ ଗାଁରୁ ଛାତ୍ରଛାତ୍ରୀ ବିପଦପୂର୍ଣ୍ଣ ଅବସ୍ଥାରେ ପାଠ ପଢୁଥିବା ଦେଖିବାକୁ ମିଳିଛି।




କାହିଁକି ନା ଏହାର ମୁଖ୍ୟ ସମସ୍ୟା ସ୍କୁଲର ଶ୍ରେଣୀ ଗୃହ ଗୁଡ଼ିକ ଛାତ ଫାଟି ଆଁ ହୋଇ ଛଡ ବାହାରି ବା ସହ ଛାତରୁ କଂକ୍ରିଟ୍ ଖସୁଥିବାରୁ ଛାତ୍ରଛାତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ଏହା ସହ ସ୍କୁଲ ଘର ଉପରେ ବିପଦପୂର୍ଣ୍ଣ ଅବସ୍ଥାରେ ଠିଆ ହୋଇଛି ବିଶାଳ ବରଗଛ । ଯାହା ବର୍ଷା ତଥା ପବନ ଓ ବାତ୍ୟା ସମୟରେ ଭାଙ୍ଗିଯିବାର ଆଶଙ୍କା ଥିବା ସହ ବର୍ଷା ହେଲେ ସ୍କୁଲ ଛାତରୁ ପାଣି ଗଳୁଥିବାରୁ ଭୟରେ ପାଠ ପଢୁଛନ୍ତି କୁନି କୁନି ଛାତ୍ରଛାତ୍ରୀ । ଅନ୍ୟପଟେ ସ୍କୁଲର ନଳକୂଅରୁ ମଇଳା ପାଣି ବାହାରୁ ଥିବାବେଳେ ପିଇବା ପାଣି ସମସ୍ୟା ସହ ବର୍ଷା ହେଲେ ରୋଷେଇ ଘର ଛାତରୁ ମଧ ଗଳୁଛି ପାଣି। ଫଳରେ ରୋଷେଇ କରିବାରେ ମଧ ବାଧା ହେଉଥିବା କୁହାଯାଇଛି। ସ୍କୁଲଟି ୧୯୯୯ମସିହାରୁ ଆରମ୍ଭ ହୋଇଥିବା ବେଳେ ଗତ ୧୩ବର୍ଷ ପୂର୍ବରୁ ବିନା ପିଲରରେ ନୂତନ ଶ୍ରେଣୀଗୃହ ନିର୍ମାଣ କରାଯାଇଥିଲା । ହେଲେ ତାହା ବର୍ତ୍ତମାନ ବିପଦ ସଂକୁଳ ଅବସ୍ଥାରେ ଛାତ୍ରଛାତ୍ରୀମାନେ ପାଠ ପଢୁଥିବାରୁ ଏହାର ମରାମତି ସହ ନୂତନ ଶ୍ରେଣୀ କୋଠରି ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏହାସହ ସ୍କୁଲ ପଛ ପାଚେରୀ, ବରଗଛ କାଟିବା, ରୋଷେଇ ଘର ମରାମତି, ପାଣି ସମସ୍ୟା,ସହ ଅଙ୍ଗନବାଡ଼ି କେନ୍ଦ୍ର ନ ଥିବାରୁ ସ୍କୁଲର ଗୋଟିଏ ଶ୍ରେଣୀରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର । ଫଳରେ ନୂତନ ଭାବେ ଅଙ୍ଗନୱାଡ଼ି କେନ୍ଦ୍ରଟିଏ ପାଇଁ ମଧ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କୁ ଅନୁରୋଧ କରିଛନ୍ତି । ଏନେଇ ୩ବର୍ଷ ପୂର୍ବରୁ ଏବିଷୟରେ ପ୍ରଶାସନ ଓ ଶିକ୍ଷା ବିଭାଗକୁ ଜଣାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କି ଦୃଷ୍ଟି ଦେଉନଥିବା କହିଛନ୍ତି ଏଠାକାର ଗ୍ରାମବାସୀ । ତେଣୁ ଏଗୁଡ଼ିକର ଦୃଷ୍ଟି ଦେଇ ସ୍ଥାନୀୟ ପ୍ରଶାସନ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ପ୍ରତିବାଦରେ ଆଗକୁ ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିବାକୁ ଅଭିଭାବକ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ବୌଦ୍ଧରେ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ବୌଦ୍ଧ,(ନିପ୍ର) : ସମାଜର ଗରିବ, ଦୁର୍ବଳ ଓ ବଞ୍ଚିତ ବର୍ଗର ଲୋକମାନଙ୍କ ନିକଟରେ ଆଇନ ସଚେତନତା ପହଞ୍ଚାଇବା ଏବଂ ନିଶୁଳ୍କ ଆଇନ ସେବାର ସୁବିଧା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ), ବୌଦ୍ଧ ପକ୍ଷରୁ ଆଜି ଜଗତିସ୍ଥିତ ମୁଖ୍ୟମନ୍ତ୍ରୀ ସେବା ଗୃହ ପରିସରରେ 'ନାଲସା ୨୦୧୫, ନାଲସା (୨୦୨୫ ମହମ୍ମଦ ଆହମଦ ଖାନ ବନାମ ଶାହ ବାନୋ ବେଗମ ଓ ଅନ୍ୟମାନେ ମାମଲାର ଐତିହାସିକ ରାୟ ଏବଂ 'ସମାଧାନ ସମାରୋହ–୨୦୨୬'ସମ୍ପର୍କିତ ଏକ ବ୍ୟାପକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଡିଏଲଏସଏ, ବୌଦ୍ଧର ସଚିବ ଶ୍ରଦ୍ଧାଞ୍ଜଳି ରାୟଙ୍କ ତତ୍ତ୍ୱାବଧାନ ଓ ନିର୍ଦ୍ଦେଶନାରେ ଆୟୋଜିତ ହୋଇଥିଲା। ସେ କହିଥିଲେ ଯେ, ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ପ୍ରଣୀତ ବିଭିନ୍ନ ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ସମାଜର ଦୁର୍ବଳ, ଅବହେଳିତ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ଲୋକମାନଙ୍କୁ ନିଶୁଳ୍କ ଆଇନ ସହାୟତା ପ୍ରଦାନ କରି ସେମାନଙ୍କୁ ନ୍ୟାୟର ସୁଗମ ସୁଯୋଗ ଯୋଗାଇ ଦେବା। ଏହି ଅବସରରେ ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତର ସରପଞ୍ଚ ଭାରତୀ ପୁରୋହିତ, ବୌଦ୍ଧ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀ ଶରତ ପୁରୋହିତ ଏବଂ ପୂର୍ବତନ ସରପଞ୍ଚ ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏଭଳି ଜନହିତକର ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଐତିହାସିକ 'ମହମ୍ମଦ ଆହମଦ ଖାନ ବନାମ ଶାହ ବାନୋ ବେଗମ ଓ ଅନ୍ୟମାନେ' ମାମଲାର ରାୟର ଗୁରୁତ୍ୱ, ମହିଳାଙ୍କ ଭରଣପୋଷଣର ଆଇନଗତ ଅଧିକାର, ସାମାଜିକ ନ୍ୟାୟ ଏବଂ ଲିଙ୍ଗଗତ ସମାନତା ସମ୍ପର୍କରେ ମଧ ବିସ୍ତୃତ ଆଲୋଚନା କରାଯାଇଥିଲା।

'ସମାଧାନ ସମାରୋହ–୨୦୨୬' ସମ୍ପର୍କରେ ଆଲୋଚନା କରି ବିବାଦର ଆପୋଷ ସମାଧାନ, ମଧ୍ୟସ୍ଥତା, ଲୋକ ଅଦାଲତ ଓ ବିକଳ୍ପ ବିବାଦ ସମାଧାନ ପ୍ରଣାଳୀର ସୁବିଧା ଓ ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଯାଇଥିଲା।

# ଲଗାଣ ବର୍ଷା ପ୍ରଭାବରେ ଧୋଇଗଲା କଟଙ୍ଗା ପୋଲ

## ପଥୁରିଆ ଓ ବଡ଼ମାଳ ସମେତ ୪ ଗାଁ ବିଚ୍ଛିନ୍ନ, ସ୍ଥାୟୀ ସମାଧାନ ପାଇଁ ବ୍ରିଜ ନିର୍ମାଣ ଦାବି

ରେଢ଼ାଖୋଲ,(ନିପ୍ର): ଲଘୁଚାପ ଜନିତ ବର୍ଷା ଯୋଗୁଁ ବିଭିନ୍ନ ଅଞ୍ଚଳରେ ବନ୍ୟାଜଳ ସମସ୍ୟା ସହ ରାସ୍ତା ଘାଟ ଭାଙ୍ଗିବା ଓ କିଛି ଅଞ୍ଚଳ ବିଚ୍ଛିନ୍ନ ହୋଇ ଯାଇଥିବା ଦେଖାଯାଇଛି । ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ୍ ଘୋସରାମାଳ ପଞ୍ଚାୟତ ପଥୁରିଆ ଠାରୁ ବଡ଼ମାଳ ରାସ୍ତା ଉପରେ ଥିବା କଟଙ୍ଗା ନାଳ ପୋଲ ଲଗାଣ ବର୍ଷା ଯୋଗୁଁ ଭାଙ୍ଗିଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ କିଛିଦିନ ପୂର୍ବରୁ ରେଢ଼ାଖୋଲ ଓ ନାକଟିଦେଉଳ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁଁ ନାଳ ,ଯୋର, ନଈ,ଗାଡିଆ, ପୋଖରୀରେ ଜଳସ୍ତର ଫୁଲିବା ସହ ପୋଲ ଉପରେ ପାଣି ପ୍ରବାହ ହେତୁ ନିମ୍ନମାନର କାମ ହୋଇଥିବା ପୋଲ ଗୁଡିକ ଭାଙ୍ଗି ଯାଇଥିବା ସହ ସାଇଡ୍ ୱାଲ୍ ଗୁଡିକରୁ ମାଟି ତଥା କଂକ୍ରିଟ ଧୋଇନେଇ ବଡ଼ବଡ଼ ଖାଲ ହୋଇ ରାସ୍ତା ଭାଙ୍ଗି ଜିବା ଆସିବା ଠପ୍ ହୋଇ ପଡିଥିବା ଦେଖିବାକୁ ମିଳିଛି ।



ସୂଚନାଯୋଗ୍ୟ ଯେ ଏହି ନାଳ ଉପରେ ଥିବା ପୋଲଟି ବଡ଼ମାଳ ଅଧିବାସୀ ନିଜ ଉଦ୍ୟମରେ ତିଆରି କରିଥିବା ବେଳେ ଆରଡ଼ି ରାସ୍ତା ଯୋଗୁଁ ବିଭାଗ ପକ୍ଷରୁ ପୋଲ ସାଇଡ଼ରେ ୱାଲ କାମ ୩ବର୍ଷ ପୂର୍ବରୁ କରାଯାଇଥିବା ବେଳେ ନିମ୍ନମାନର କାମ ହେତୁ ପ୍ରତ୍ୟେକ ବର୍ଷ ବର୍ଷା ଦିନରେ ବର୍ଷାପାଣି ବଢ଼ି ହେତୁ ପୋଲ ସାଇଡ୍‌ରୁ ପିଚୁ ଉଠିବା ସହ କଂକ୍ରିଟ୍ ଧୋଇନେଇ ଗର୍ତ୍ତ ସୃଷ୍ଟି ହୋଇ ଯିବାଆସିବା ବନ୍ଦ ହୋଇଯାଇଥାଏ । ଯାହା ଚଳିତ ବର୍ଷ ବର୍ତ୍ତମାନ ଲଘୁଚାପ ବର୍ଷା ରେ ମଧ ଏଭଳି ହୋଇଥିବାରୁ ବଡ଼ବଡ଼ ଖାଲ ଦେଇ ବିପଦସଂକୁଳ ପରିସ୍ଥିତିରେ ଲୋକେ ପୋଲ ଉପରେ ଯିବା ଆସିବା କରୁଥିବା ଦେଖାଯାଇଛି । ପୋଲ ଭାଙ୍ଗିବା ଫଳରେ ବଡ଼ବଡ଼ ଗାଡ଼ି ତଥା ଆମ୍ବୁଲାନ୍ସ ସେବା ମଧ ବନ୍ଦ ହୋଇଯାଇଛି । ଫଳରେ ଲୋକେ ସ୍ୱାସ୍ଥ୍ୟ ଜନିତ ସମସ୍ୟାରୁ ମଧ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି । ଅନ୍ୟପଟେ କାର୍ ତଥା କୌଣସି ଅସୁବିଧା ହେଲେ ଅଟୋ କି ଅନ୍ୟକୌଣସି ଚାରିଚକିଆ ଗାଡି ଯାଇଆସି ପାରୁନଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି । ଏହାର ସ୍ଥାୟୀ ସମାଧାନ ପାଇଁ ଏଠାରେ ଏକ ଉଚ୍ଚତମ ବ୍ରିଜ ନିର୍ମାଣ ପାଇଁ ଲୋକେ ଦାବି କରିଛନ୍ତି । ତେଣୁ ଏଥିପ୍ରତି ସରକାର ତଥା ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ଉଚିତ। ଏହାର ସମାଧାନ ନ ହେଲେ ଆଗକୁ ରାଜରାସ୍ତାକୁ ଓହ୍ଲାଇବା ସହ ଅଫିସ୍ ଘେରାଉ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ୭୫ ପ୍ରତିଶତ ଦିବ୍ୟାଙ୍ଗ ସତ୍ତ୍ୱେ ଭତ୍ତାରୁ ବଞ୍ଚିତ ଛାତ୍ରୀ

ପାରଳାଖେମୁଣ୍ଡି,(ନିପ୍ର): ଜନ୍ମରୁ କଥା କହିପାରୁନାହାନ୍ତି କି ଶୁଣିପାରୁନାହାନ୍ତି। ସରକାରଙ୍କ ପକ୍ଷରୁ ୭୫ ପ୍ରତିଶତ ଭିନ୍ନକ୍ଷମତା ପ୍ରମାଣପତ୍ର ମିଳିଥିଲେ ଦୀର୍ଘଦିନ ଧରି ସରକାରୀ ଦିବ୍ୟାଙ୍ଗ ଭତ୍ତାରୁ ବଞ୍ଚିତ ରହିଛନ୍ତି ଜଣେ ୭ବର୍ଷୀୟା ଛାତ୍ରୀ । ଏତିକି ନୁହେଁ, ମୂକ ଓ ବଧିର ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବିଦ୍ୟାଳୟରେ ପଢ଼ିବା ପରିବର୍ତ୍ତେ ସାଧାରଣ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଛନ୍ତି।



ଗଜପତି ଜିଲ୍ଲା ମୋହନା ବ୍ଲକ ମାଣିକପୁର ପଞ୍ଚାୟତ ଅଧୀନ ଗୁବୁରିଗୁଡ଼ା ଗ୍ରାମରେ ଏହି ଘଟଣା ଦେଖିବାକୁ ମିଳିଛି। ଗ୍ରାମର ସଞ୍ଜୟ ରଇତଙ୍କ ଝିଅ ଭାଗ୍ୟଲକ୍ଷ୍ମୀ ଜନ୍ମରୁ ମୂକ ଓ ବଧିର ଝିଅର ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲକୁ ଯାଇ ବହୁ ଅର୍ଥ ବ୍ୟୟ କରିଥିଲେ ମଧ ସ୍ୱାସ୍ଥ୍ୟରେ ସୁଧାର ଆସିନାହିଁ । ଅନ୍ୟପକ୍ଷରେ, ଭାଗ୍ୟଲକ୍ଷ୍ମୀଙ୍କୁ ନିକଟସ୍ଥ ଗୁବୁରିଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭର୍ତ୍ତି କରାଯାଇଛି। ସେ ନିୟମିତ ବିଦ୍ୟାଳୟକୁ ଆସୁଥିବା ବେଳେ ସହପାଠୀଙ୍କ ସହ ମିଶୁଛନ୍ତି ଏବଂ ଖେଳକୁଦରେ ମଧ ଭାଗ ନେଉଛନ୍ତି। ତେବେ ମୂକ ଓ ବଧିର ହୋଇଥିବାରୁ ସାଧାରଣ ଶ୍ରେଣୀରେ ପାଠପଢ଼ା କରିବାରେ ତାଙ୍କୁ ଅନେକ ଅସୁବିଧା ହେଉଥିବା ଶିକ୍ଷକ କହିଛନ୍ତି । ଉପଯୁକ୍ତ ଶିକ୍ଷା ମିଳିଲେ ତାଙ୍କ ଭବିଷ୍ୟତ ଉନ୍ନତ ହୋଇପାରିବ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ମୋହନା ବିଡିଓ ରାଜୀବ ଦାସ କହିଛନ୍ତି, ଭାଗ୍ୟଲକ୍ଷ୍ମୀଙ୍କ ସମସ୍ତ ଆବଶ୍ୟକ ଦସ୍ତାବିଜ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ ହୋଇଛି । ତେବେ ସରକାରଙ୍କ ପକ୍ଷରୁ ନୂତନ ଭିନ୍ନକ୍ଷମ ଭତ୍ତା ପାଇଁ ଟାର୍ଗେଟ ଆସି ନଥିବାରୁ ଏପର୍ଯ୍ୟନ୍ତ ଭତ୍ତା ମଞ୍ଜୁର ହୋଇପାରିନାହିଁ । ଟାର୍ଗେଟ ମିଳିବା ପରେ ନିୟମ ଅନୁଯାୟୀ ଭତ୍ତା ପ୍ରଦାନ କରାଯିବ । ସେହିପରି ପରିବାର ଇଚ୍ଛା ପ୍ରକାଶ କଲେ ଭାଗ୍ୟଲକ୍ଷ୍ମୀଙ୍କୁ ମୂକବଧିର ବିଦ୍ୟାଳୟକୁ ସ୍ଥାନାନ୍ତର ପାଇଁ ମଧ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଏଭଳି ପରିସ୍ଥିତିରେ ଭାଗ୍ୟଲକ୍ଷ୍ମୀ କେବେ ଦିବ୍ୟାଙ୍ଗ ଭତ୍ତା ଏବଂ ଉପଯୁକ୍ତ ଶିକ୍ଷା ସୁବିଧା ପାଇବେ ତାକୁ ଦେଖିବାକୁ ବାକି ରହିଛି ବୋଲି ସାଧାରଣରେ କୁହାଯାଉଛି।

## ଜିଲ୍ଲାପାଳଙ୍କ ଦୁଇଦିନିଆ ଗସ୍ତ

### ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ଲୋକଙ୍କ ସମସ୍ୟା ଶୁଣିଲେ ଜିଲ୍ଲାପାଳ

ରାୟଗଡ଼ା,(ନି:ପ୍ର): କୋଡିଙ୍ଗାମାଳି ଖଣି ପ୍ରଭାବିତ ଅଞ୍ଚଳର ବିକାଶ କାର୍ଯ୍ୟର ସ୍ଥିତି ପରଖିବା ଏବଂ ସ୍ଥାନୀୟ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ଉଦ୍ଦେଶ୍ୟରେ ରାୟଗଡ଼ ଜିଲ୍ଲାପାଳ ଅଶୁତୋଷ କୁଲକର୍ଣ୍ଣୀ କାଶୀପୁର ବ୍ଲକର କୋଡିଙ୍ଗାମାଳି ପ୍ରଭାବିତ ଗ୍ରାମଗୁଡ଼ିକରେ କ୍ରମାଗତ ଦୁଇଦିନ ଧରି ଗସ୍ତ କରିଛନ୍ତି। ପ୍ରଥମ ଦିନ ଅର୍ଥାତ୍ ୨୯ ଜୁଲାଇ ୨୦୨୬ ତାରିଖରେ ଜିଲ୍ଲାପାଳ କଂସାରିଗୁଡ଼ା, କଦାପଦର, ମଣ୍ଡାଗାଁ, ନୂଆସାହି ଓ ଆଣ୍ଡୁଗୁଡ଼ା ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହେବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ। ଗସ୍ତର ଦ୍ୱିତୀୟ ଦିନ ଅର୍ଥାତ୍ ୩୦ ଜୁଲାଇ ୨୦୨୬ରେ ଜିଲ୍ଲାପାଳ କୋଡିଙ୍ଗା, ବାଙ୍କମ୍ବା, ମାଙ୍କଡ଼ାଝୋଲା ଓ ପୁହୁଣ୍ଡି ଗ୍ରାମ ପରିଦର୍ଶନ କରିଥିଲେ। ସେଠାରେ ଗ୍ରାମବାସୀଙ୍କ ସହ ମତବିନିମୟ କରି ସେମାନଙ୍କ ଅଭାବ, ଅସୁବିଧା ଓ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ନେଇଥିଲେ। ଗସ୍ତ ସମୟରେ ଜିଲ୍ଲାପାଳ ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାରେ ପ୍ରଦାନ କରାଯାଉଥିବା ସେବାର ମାନ ଯାଞ୍ଚ କରିଥିଲେ। ଏଥିସହ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ପାଇପ୍ ଜଳ ପ୍ରକଳ୍ପ, ପାନୀୟ ଜଳ ସୁବିଧା, ରାସନ ସାମଗ୍ରୀ ବଣ୍ଟନ, ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ। ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ଗ୍ରାମବାସୀଙ୍କ ସମସ୍ୟାର ତ୍ୱରିତ ସମାଧାନ ସହ ସମସ୍ତ ସରକାରୀ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟକାରିତା ଏବଂ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ପ୍ରତି ଜିଲ୍ଲା ପ୍ରଶାସନ ସର୍ବଦା ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ଉକ୍ତ ଗସ୍ତରେ ରାୟଗଡ ଉପଜିଲ୍ଲାପାଳ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ଚନ୍ଦ୍ରକାନ୍ତ ମାଝୀ, କାଶୀପୁର ବିଡିଓ, ତହସିଲଦାର ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ରହିଥିଲେ।

## ରୁପାଲି ପଣ୍ଡା ପାଇଲେ ହିନ୍ଦୁସ୍ତାନ ୟୁଥ୍ ଆଇକନ୍ ଆୱାର୍ଡ

କୁଚିଣ୍ଡା,(ନିପ୍ର): ଉତ୍ତର ପ୍ରଦେଶସ୍ଥିତ ୟୁଥ ଏଭରେଷ୍ଟ ଫାଉଣ୍ଡେସନର ପଞ୍ଚମ ପ୍ରତିଷ୍ଠା ଦିବସ ଅବସରରେ ସହାରନପୁରସ୍ଥିତ ମା' ଶାକମ୍ଭରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସମ୍ମାନ ସମାରୋହରେ ଓଡ଼ିଶାର ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ଯୁବ ସମାଜସେବୀ ରୁପାଲି ପାଣ୍ଡାଙ୍କୁ ସମାଜସେବା, ଯୁବ ସଶକ୍ତିକରଣ ଓ ରାଷ୍ଟ୍ର ଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ହିନ୍ଦୁସ୍ତାନ ୟୁଥ ଆଇକନ୍ ଆୱାର୍ଡ–୨୦୨୬'ମିଳିଛି। ଏହି କାର୍ଯ୍ୟକ୍ରମରେ ମା' ଶାକମ୍ଭରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିମଳା ୱାଇ.ଜି ମୁଖ୍ୟଅତିଥି ଭାବେ ଯୋଗଦେଇ ରୂପାଲି ପାଣ୍ଡାଙ୍କୁ ସମ୍ମାନିତ କରିଥିଲେ।

### ଭଦ୍ରକ ଜିଲ୍ଲାରେ ବନ୍ୟା ପରିସ୍ଥିତି

# ୪.୬୮ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ, ୧.୫୮ ଲକ୍ଷରୁ ଅଧିକ ସ୍ଥାନାନ୍ତର

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲାରେ ଜାରି ରହିଥିବା ବନ୍ୟା ପରିସ୍ଥିତି ମଧ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର, ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ୩୦ ଜୁଲାଇ ୨୦୨୬ ସନ୍ଧ୍ୟା ୭ଟା ସୁଦ୍ଧା ଜିଲ୍ଲାର ୧୧୦ଟି ଗ୍ରାମ ପଞ୍ଚାୟତ ଓ ୨୬ଟି ୱାର୍ଡର ୪୨୩ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି।ମୋଟ ୪,୬୮,୬୪୯ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୧,୫୮,୨୨୮ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଅଞ୍ଚଳରେ ୨୮୬ଟି ମାଗଣା ରୋଷେଇ କେନ୍ଦ୍ର ଚାଲୁ ରହିଛି। ଏଥିସହ ୨୪୮.୮ କ୍ୱିଣ୍ଟାଲ ଚୁଡ଼ା ଓ ୩୩.୮୮ କ୍ୱିଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି।ବ୍ଲକୱାରୀ ସ୍ଥିତି ଅନୁଯାୟୀ, ଧାମନଗର ବ୍ଲକର ୩୦ଟି ଗ୍ରାମ ପଞ୍ଚାୟତ ଓ ୧୪ଟି ୱାର୍ଡର ୧୪୭ଟି ଗ୍ରାମର ୧,୮୨,୩୦୨ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୧,୦୫,୯୭୯ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ସେଠାରେ ୧୪୦ଟି ମାଗଣା ରୋଷେଇ କେନ୍ଦ୍ର ଚାଲୁ ରହିଥିବା ବେଳେ ୯୨.୭୫ କ୍ୱିଣ୍ଟାଲ ଚୁଡ଼ା ଓ ୯.୩ କ୍ୱିଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି।ଭଣ୍ଡାରିପୋଖରୀ ବ୍ଲକର ୧୯ଟି ଗ୍ରାମ ପଞ୍ଚାୟତର ୭୭ଟି ଗ୍ରାମର ୭୨,୨୦୩ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୫,୪୪୨ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଏଠାରେ ୨୫ଟି ମାଗଣା ରୋଷେଇ କେନ୍ଦ୍ର, ୪୦.୦୮ କ୍ୱିଣ୍ଟାଲ ଚୁଡ଼ା ଓ ୪.୦୮ କ୍ୱିଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ତିହିଡ଼ି ବ୍ଲକର ୩୦ଟି ଗ୍ରାମ ପଞ୍ଚାୟତର ୧୦୨ଟି ଗ୍ରାମର ୯୮,୬୦୨ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୧୭,୮୬୫ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଏଠାରେ ୩୦ଟି ମାଗଣା ରୋଷେଇ କେନ୍ଦ୍ର, ୫୬ କ୍ୱିଣ୍ଟାଲ ଚୁଡ଼ା ଓ ୫ କ୍ୱିଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ବାସୁଦେବପୁର ବ୍ଲକର ୬ଟି ଗ୍ରାମ ପଞ୍ଚାୟତର ୧୩ଟି ଗ୍ରାମର ୭,୨୦୫ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୩,୧୦୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଏଠାରେ ୪ଟି ମାଗଣା ରୋଷେଇ କେନ୍ଦ୍ର, ୧.୨ କ୍ୱିଣ୍ଟାଲ ଚୁଡ଼ା ଓ ୦.୩ କ୍ୱିଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ଭଦ୍ରକ ବ୍ଲକର ୧୭ଟି ଗ୍ରାମ ପଞ୍ଚାୟତ ଓ ୧୨ଟି ୱାର୍ଡର ୬୧ଟି ଗ୍ରାମର ୭୩,୧୦୬ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୧୧,୦୯୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଏଠାରେ ୫୬ଟି ମାଗଣା ରୋଷେଇ କେନ୍ଦ୍ର, ୩୨.୮ କ୍ୱିଣ୍ଟାଲ ଚୁଡ଼ା ଓ ୯.୨ କ୍ୱିଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ଚାନ୍ଦବାଲି ବ୍ଲକର ୮ଟି ଗ୍ରାମ ପଞ୍ଚାୟତର ୨୩ଟି ଗ୍ରାମର ୩୫,୨୩୧ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୧୪,୭୪୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଏଠାରେ ୩୧ଟି ମାଗଣା ରୋଷେଇ କେନ୍ଦ୍ର, ୨୬ କ୍ୱିଣ୍ଟାଲ ଚୁଡ଼ା ଓ ୬ କ୍ୱିଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି।



ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ଧାମନଗର, ଧୁଷୁରୀ (ଧାମନଗର) ଓ ତିହିଡ଼ି ବ୍ଲକରେ ୩ଟି ଏନଡିଆରଏଫ ଟିମ୍, ଧାମନଗର, ଭଣ୍ଡାରିପୋଖରୀ ଓ ବାସୁଦେବପୁର ବ୍ଲକରେ ୭ଟି ଓଡ୍ରାଫ ଟିମ୍ ଏବଂ ସମସ୍ତ ବ୍ଲକରେ ସ୍ଥାନୀୟ ଅଗ୍ନିଶମ ବାହିନୀର ଟିମ୍ ମୁତୟନ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଥିବା ବେଳେ ପ୍ରଭାବିତ ଲୋକଙ୍କୁ ସମସ୍ତ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି।

## ଅଧିକାରୀମାନଙ୍କୁ ବ୍ଲାକ ମେଲିଂ ଅଭିଯୋଗ,ତଦନ୍ତ ଦାବି

ଖଣ୍ଡପଡ଼ା,(ନି.ପ୍ର) ଖଣ୍ଡପଡ଼ା ଅଞ୍ଚଳରେ ଅସାମାଜିକ ବ୍ୟକ୍ତିମାନଙ୍କ ଦୌରାତ୍ମ୍ୟ ସମୟାନୁକ୍ରମେ ବୃଦ୍ଧି ପାଉଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି।କେତେକ ଅସାମାଜିକ ବ୍ୟକ୍ତି ସାମଜିକ ଗଣମାଧ୍ୟମକୁ ଅସ୍ତ୍ର କରି ଖଣ୍ଡପଡ଼ା ଅଞ୍ଚଳରେ କାର୍ଯ୍ୟରତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କୁ ଧମକ ଦେବା ସହ ଅସଦ ଉପାୟ ଅବଲମ୍ବନ କରି ମୋଟା ଅଙ୍କର ଅର୍ଥ ଆଦାୟ କରିବା ନିମନ୍ତେ ମସୁଧା ଚଳାଇ ଥିବା ଅଭିଯୋଗ ହେଉଛି।ଏପରିକି ଅସାମାଜିକ ବ୍ୟକ୍ତିମାନେ ବିଭିନ୍ନ ତରିକାରେ ସଂଗଠନର ନାମ ନେଇ ପ୍ରଶାସନିକ ଅଧିକାରୀମାନଙ୍କ ବିରୋଧରେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବାକୁ ପଛାଉ ନଥିବା ଏକ ସୂତ୍ରରୁ ଜଣାପଡିଛି।ବିଭିନ୍ନ ସମୟରେ ଫେସବୁକ ଓ ସାମାଜିକ ଗଣମାଧ୍ୟମର ଉପଯୋଗ କରି ପ୍ରଶାସନିକ ଅଧିକାରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସେମାନଙ୍କର ଚରିତ୍ର ସଂହାର କରିବାକୁ ମଧ୍ୟ ସେମାନେ ପଛାଉ ନଥିବା ଜଣାପଡିଛି। ସେହିପରି ଏକ ଘଟଣାକ୍ରମେ ସଚେତନ ନାଗରିକ ମଞ୍ଚ ନାମରେ ଏକ ସଂଗଠନ ଏବେ ସକ୍ରୀୟ ହୋଇ ଉଠି ଖଣ୍ଡପଡ଼ା ଅଞ୍ଚଳରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀମାନଙ୍କ ବିରୁଦ୍ଧରେ ଉପରିସ୍ଥ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ସେମାନଙ୍କୁ ବଦନାମ କରିବା ନିମନ୍ତେ ପ୍ରୟାସ ଚଳାଇଥିବା ଅଭିଯୋଗ ହେଉଛି।

ତିଥି :(ତୃତୀୟା): (ଶତଭିଷା କୁମ୍ଭ)
ଅମୃତ ବେଳା: ରାତ୍ରି ଘ ୯ ।୨୫ ଗତେ ଘ୧୨ ।୩୭ ମଧ୍ୟେ

## ଆଜିର ଅନୁଚିନ୍ତନ

କର୍ମଯୋଗୀ ସାଧକ ସେ ସମସ୍ତ ଇନ୍ଦ୍ରିୟଙ୍କୁ ବଶୀଭୂତ କରି ମତ୍‌ପରାୟଣ ହୋଇ ବସିବା ଉଚିତ, କାରଣ ଯାହାର ଇନ୍ଦ୍ରିୟମାନେ ବଶୀଭୂତ, ତାହାର ବୁଦ୍ଧି ସ୍ଥିର।। - ଶ୍ରୀମଦ୍ ଭଗବଦ୍ ଗୀତା

# ନିରୂପିତ ହେଉ ନ୍ୟାଯ୍ୟ ପ୍ରାପ୍ୟ

ମହାନଦୀ ଜଳ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ବିବାଦର ଅବସାନ ଦୀପାବଳି ସୁଦ୍ଧା ତୁଟିଯିବ, ଏପରି ଆଶ୍ୱାସନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ମଧ୍ୟରେ ଘଣ୍ଟାଏ କାଳ ଏଥିନେଇ ଦିଲ୍ଲୀରେ ନିକଟରେ ଆଲୋଚନା ହୋଇଥିଲା। ସଂକ୍ଷେପରେ ଏହି ଆଲୋଚନାର ସାରାଂଶ ଯେ ସମାଧାନ ପନ୍ଥା ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସହମତି ପ୍ରକାଶ କରିଛନ୍ତି ଓ ତିନିମାସ ମଧ୍ୟରେ କେନ୍ଦ୍ର ଜଳ କମିଶନ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ରିପୋର୍ଟ ମହାନଦୀ ନ୍ୟାୟାଧିକରଣକୁ ଦେବ।

ଉଲ୍ଲେଖ କରାଯାଇପାରେ ଯେ ଓଡ଼ିଶାର ଜୀବନରେଖା ହେଉଛି ମହାନଦୀ। ଆନ୍ତଃରାଜ୍ୟ ରାଜନୀତି ଓ ବିବାଦର କେନ୍ଦ୍ରବିନ୍ଦୁ ଏହା ଢେର୍ ଦିନରୁ ହୋଇଆସିଛି। ଅବିଭକ୍ତ ମଧ୍ୟପ୍ରଦେଶର ଅମରକଣ୍ଟକ ପର୍ବତମାଳାରେ ମହାନଦୀର ଆରମ୍ଭ। କ୍ରମେ ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଓଡ଼ିଶାରେ ଜଳ ସଂଗ୍ରହ ପୂର୍ବକ ପ୍ରବହମାନ ଏହି ନଦୀ ଛତିଶଗଡ଼ର ଦୁଇଟି ନଦୀ ସହ ମିଶି ବିଶାଳ ରୂପ ଧାରଣ କରିଛି। ପରେ ପୂର୍ବମୁହାଁ ହୋଇ ଶହ ଶହ କିଲୋମିଟର ଦେଇ ବଙ୍ଗୋପସାଗରରେ ବିଲୀନ ହୋଇଛି। ନଦୀ ଏକ ଜୀବନ୍ତ ସତ୍ତା। କାରଣ ମଣିଷ ତାହା ଉପରେ ବିଭିନ୍ନ ଭାବରେ ନିର୍ଭରଶୀଳ ହୋଇ ଜୀବନଯାପନ କରିଆସୁଛି। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ଏକାଧିକ ବ୍ୟାରେଜ ଓ ଆନିକଟ ନିର୍ମାଣପୂର୍ବକ ଜଳପ୍ରବାହକୁ ରୋକିଥିବା ହେତୁ ଅଣମୌସୁମୀ ସମୟରେ ଆମ ରାଜ୍ୟରେ ମହାନଦୀ ଏକପ୍ରକାର ଶୁଖିଲା ପଡୁଥିବା ଓ ସେଥିନେଇ ରାଜ୍ୟବାସୀ ନାନା ଭାବେ ଦହଗଞ୍ଜ ହେଉଥିବା ଜଣାଶୁଣା ବିଷୟ। ପରିଣତିରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଇବା ସହ ରାଜ୍ୟର ପ୍ରାୟ ୧୫ ଜିଲ୍ଲାର କୃଷି ଓ ପାନୀୟଜଳ ବ୍ୟବସ୍ଥା ବିପନ୍ନ ହୋଇଆସୁଥିବା ନେଇ ଦୀର୍ଘଦିନରୁ ଅଭିଯୋଗ ହୋଇଆସୁଛି। ଛତିଶଗଡ଼ ନିର୍ମାଣ କରୁଥିବା ବନ୍ଧମାନ ପଛରେ ସେଣ୍ଟ୍ରାଲ ୱାଟର ଆଣ୍ଡ ପାୱାର କମିଶନ (ସିଡବ୍ଲ୍ୟୁସି) ମଂଜୁରୀ ଦେଇଥିବା ମନେହୁଏନାହିଁ। ଅଥଚ ଛତିଶଗଡ଼ ସରକାର ମୌସୁମୀ କାଳରେ ମହାନଦୀର ଉଦ୍‌ବୃତ୍ତ ଜଳକୁ ଓଡ଼ିଶାକୁ ଛାଡୁଥିବା ସର୍ବଜନବିଦିତ। ନିଜର ହକ୍ ପାଇଁ ଓଡ଼ିଶା ଦାବି କରିଆସୁଥିଲେ ହେଁ ଗତ ସରକାର ସମୟରେ ଏହା ପ୍ରତି ଉଚିତ ଦୃଷ୍ଟି ଦିଆଯାଇନଥିଲା, ତେବେ ମୋହନ ସରକାରଙ୍କ ସମୟରେ ଏଥିପ୍ରତି ଧ୍ୟାନ ଦିଆଯାଇଥିବା ଉଲ୍ଲେଖର ବିଷୟ। ମହାନଦୀ ବିବାଦ ନେଇ ଏକଦା 'ଜଳପୁରୁଷ' ରାଜେନ୍ଦ୍ର ସିଂହ ଯାହା ମତବ୍ୟକ୍ତ କରିଥିଲେ ତାହାର ନିର୍ଯାସ ହେଉଛି ବିଜେପିର ଟ୍ରିପଲ ଇଂଜିନ ସରକାର କେନ୍ଦ୍ର, ଓଡ଼ିଶା ଓ ଛତିଶଗଡ଼ରେ ରହିଥିବା ହେତୁ ଅଣମୌସୁମୀରେ ଶୁଖିଯାଉଥିବା ମହାନଦୀ ପ୍ରତି ଉଚିତ ପଦକ୍ଷେପ ଆଲୋଚନା ମାଧ୍ୟମରେ ନିଆଯାଉ। ଏକ ସଂଗଠନର କର୍ମକର୍ତ୍ତାଙ୍କ କହିବାନୁଯାୟୀ ଗ୍ରୀଷ୍ମଋତୁରେ ଓଡ଼ିଶାର ମହାନଦୀରେ ୧୬୪ନିୟୁତ ଏକର ଫୁଟ ପାଣି ରହିବା ଆବଶ୍ୟକ। ସୁତରାଂ ପ୍ରଶ୍ନ ଉଠୁଛି ମହାନଦୀର ବାର୍ଷିକ ହାରାହାରି ଜଳଧାରଣ ଶକ୍ତି କେତେ ଏବଂ ତାହା ଆଧାରରେ ଓଡ଼ିଶାର ନ୍ୟାଯ୍ୟ ପ୍ରାପ୍ୟ ନିରୂପଣ ଦିଗରେ ରାଜ୍ୟ ସରକାର ଯଥୋଚିତ ଦୃଷ୍ଟିଦେବା ଶ୍ରେୟସ୍କର ହେବ।

# ହସିଲେ ବି ହସି ପାରୁନି

ଡ. ଅରୁନ୍ଧତୀ ଦେବୀ

ଅତି ବସ୍ତୁବାଦୀ ସଂସ୍କୃତି ଭିତରେ ଆଜିର ମଣିଷ ଶଢ଼ିଯାଉଛି। ଯାହାକୁ ପଚାରିଲେ ସେ କହୁଛି ମୁଁ ଟିକେ ବ୍ୟସ୍ତ ଅଛି। ଏତେଗୁଡ଼ିଏ କାମ ହାତରେ ସମୟ କମ୍। ଅଣନିଶ୍ୱାସୀ ହେବାକୁ ପଡୁଛି, ତଥାପି କାମ ସରୁନି। ଏକାଠି ବସି ଟିକେ କଥାବାର୍ତ୍ତା ହେବା, ଦୁଃଖସୁଖ ବାଣ୍ଟିବା ଓ ହସ ଖୁସିରେ କିଛି ସମୟ ବିତାଇବା ପାଇଁ ଇଚ୍ଛା ଥିଲେ ବି ସମୟ କାହିଁ? ତେବେ ଏତେ ବ୍ୟସ୍ତତା କ'ଣ ପାଇଁ ଓ କାହା ପାଇଁ? ମଣିଷ ଏକମାତ୍ର ପ୍ରାଣୀ ଯିଏ ହସିପାରେ ଅଥଚ ଆଜି ମଣିଷ ଜୀବନରୁ ହସ ଉଭେଇ ଯାଇଛି। ଜଣେ କବି ଯଥାର୍ଥରେ କହିଛନ୍ତି, ସେ ଆମ୍ବ, କି ଆମ୍ବ, ଯେଉଁଥିରେ ନାହିଁ ରସ / ସେ ମୁହଁ କି ମୁହଁ ଯେଉଁଥିରେ ନାହିଁ ହସ....। ଗୋଟିଏ ସଭ୍ୟତା ଓ ସଂସ୍କୃତି କେବଳ ବସ୍ତୁବାଦୀ ଜୀବନକୁ ନେଇ ବହୁଦିନ ବଞ୍ଚିପାରେନା। ବସ୍ତୁ ସଭ୍ୟତାର ବିକାଶ ଜୀବନକୁ ସରଳ ଓ ଗତିଶୀଳ କରିଛି ସତ। କିନ୍ତୁ ମଣିଷ ଜୀବର ପୂର୍ଣ୍ଣାଙ୍ଗ ବିକାଶରେ ଏହା ଶେଷ କଥା ନୁହେଁ। ତାହା ହୋଇଥିଲେ ଧନୀ, ରାଜା ମହାରାଜାମାନେ ବା ଧନାଢ଼୍ୟ ବ୍ୟକ୍ତିମାନେ ଜୀବନସାରା ହସଖୁସିରେ ବଞ୍ଚି ରହିପାରିଥାନ୍ତେ। ଇତିହାସ କୁହେ ଯେ ଅନେକ ବିତ୍ତଶାଳୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଜୀବନ ଦୁଃଖରେ ହିଁ କଟିଛି। କିଏ ରୋଗ୍ଣ ବୈରାଗ୍ୟରେ ଶଢ଼ି ଜୀବନ ହାରିଛି ତ କିଏ ସମସ୍ତ ବିଭବ ସତ୍ତ୍ୱେ ଆତ୍ମହତ୍ୟା କରି ଜୀବନ ନାଶ କରିଛି। କୁହାଯାଏ ଜଣେ ବିତ୍ତଶାଳୀ ଓ କ୍ଷମତାଶାଳୀ ରାଜା ତାଙ୍କର ସୁଖର ଦିନଗୁଡ଼ିକୁ କାନ୍ଥରେ ଗାର ଟାଣି ଲେଖି ରଖୁଥିଲେ। ପରିଣତ ବୟସରେ ଉପନୀତ ହୁଅନ୍ତେ ସେ ଏତେ ନିଃସଙ୍ଗ ହୋଇଯାଇଥିଲେ ଯେ ତାଙ୍କର ସୁଖର ଦିନଗୁଡ଼ିକୁ କାନ୍ଥରୁ ଗଣିବାକୁ ଆରମ୍ଭ କଲେ। ଜାଣିବାକୁ ପାଇଲେ ଯେ ଜୀବନକାଳ ମଧ୍ୟରେ ତାଙ୍କର ସୁଖର ଦିନ ମାତ୍ର ୮୭। ସେ ଆତ୍ମନିରୀକ୍ଷଣ କରିବାର ସୁଯୋଗ ପାଇଲେ ସେଇଦିନ, ଯେଉଁଦିନ ଜଣେ ଅଭାବୀ ମଣିଷ ରାଜାଙ୍କ ଠାରୁ କିଛି ସାହାଯ୍ୟ ପାଇବା ପାଇଁ ତାଙ୍କର ଦ୍ୱାରସ୍ଥ ହେଲେ। କିନ୍ତୁ ଆଶ୍ଚର୍ଯ୍ୟ, ରାଜା ଦେଖିଲେ ଯେ ସେ ଅଭାବୀ ମଣିଷଟି ହାତରେ ଧରିଥିବା ଗୋଟେ ପିଆଜକୁ ଚୋବାଇ ଖାଉଥାଏ ଓ ହସୁଥାଏ। ଏପରି ହସିବାର ଗୁପ୍ତ ରହସ୍ୟ ରାଜା ଜାଣିବାକୁ ଜିଜ୍ଞାସା କରନ୍ତେ ଉକ୍ତ ବ୍ୟକ୍ତି ଜଣକ ଉତ୍ତର ଦେଲେ - ଦିନକୁ ଗୋଟିଏ ପିଆଜ ଖାଇଲେ ଦୁଃଖ ଆପେ ଆପେ ଛାଡ଼ି ଚାଲିଯାଏ। ରୋଗ ବୈରାଗ୍ୟ ହୁଏନି। ଏଭଳି ଏକ ଚମତ୍କାର ଅବତାରଣା କରିଛନ୍ତି ବିଶିଷ୍ଟ ଇଂରାଜୀ ଗାଳ୍ପିକ ଓ ପ୍ରାବନ୍ଧିକ ହିଲାରୀ ବେଲକ୍।

ସମସ୍ତ ସାମର୍ଥ୍ୟ ଥିବା ସତ୍ତ୍ୱେ ଆଜିର ମଣିଷ କାହିଁକି ହସିପାରେନା? ପାଖରେ ଅର୍ଥ ଅଛି, କ୍ଷମତା ଅଛି, ଯଶ ଅଛି, ପ୍ରାଚୁର୍ଯ୍ୟ ଅଛି ଅଥଚ ହୃଦୟ ଖୋଲା ହସଟିଏ ସେ ହସିପାରୁନି। ଏହାକୁ ବୁଝାଇବାକୁ ଯାଇ ବିଶିଷ୍ଟ ଭାରତୀୟ ଦାର୍ଶନିକ ଜେ.ଡ଼ି.କ୍ରୀଷ୍ଣମୂର୍ତ୍ତି କହିଛନ୍ତି ଯେ ଅନ୍ତଃଭୟ ହିଁ ଏହାର ପ୍ରମୁଖ କାରଣ। ବାହାରକୁ ଦେଖାଯାଉ ନ ଥିଲେ ମଧ୍ୟ ବାହ୍ୟଭୟ ଅପେକ୍ଷା ଅନ୍ତଃଭୟ ଅତ୍ୟନ୍ତ ମାରାତ୍ମକ। କାରଣ ବାହ୍ୟଭୟର ନିରାକରଣ ଅନ୍ୟର ସାହାଯ୍ୟରେ କରାଯାଇପାରେ। କିନ୍ତୁ ଅନ୍ତଃଭୟ ନିଜେ ଚାହିଁଲେ ନିଜେ ଦୂର କରିପାରିବ। ତେବେ ଏ ଅନ୍ତଃଭୟ କ'ଣ? ଏହାର ଜନ୍ମ ଅନିଶ୍ଚିତତା, ଅସହାୟତା ଓ ଆଶଙ୍କାରୁ। ଯାହାର ଯେତେ ଅଧିକ ଧନ ସଂପତ୍ତି, ସନ୍ତାନସନ୍ତତି ଓ ଅଧିକ ପରିବାର ବର୍ଗ ବୁଝିନେବାକୁ ହେବ ଯେ ସେ ଲୋକଟି ସେତେ ମାତ୍ରାରେ ଅନ୍ତଃଭୟରେ ଜର୍ଜରିତ। ଜଣେ ସାଧୁ ବା ସନ୍ନ୍ୟାସୀ ବା ତପସ୍ୱୀର ଏସବୁ କିଛି ନ ଥାଏ। ବଣ, ଜଙ୍ଗଲ ଓ ପାହାଡ଼ ପରିବେଶରେ ସେ ବର୍ଷ ବର୍ଷ ଧରି ଧ୍ୟାନସ୍ଥ ହୋଇଥାଏ। ଅଥଚ ତା'ମନରେ, ହୃଦୟରେ ଓ ପ୍ରାଣରେ ଅସରନ୍ତି ଆନନ୍ଦ। ତେଣୁ ସେ ଦୀର୍ଘଜୀବୀ ହୋଇଥାଏ। କାରଣ ତା'ର ଅନ୍ତଃଭୟ ନଥାଏ। ଏଠାରେ ପୌରାଣିକ କଥାବସ୍ତୁରୁ କଂସଙ୍କ ଉଦାହରଣ ନିଆଯାଇପାରେ। ମହାପ୍ରତାପୀ କଂସକୁ ଯେତେବେଳେ ଦୈବବାଣୀ ଦ୍ୱାରା ଶୁଣାଗଲା ଯେ ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜାତ ପୁତ୍ର ସନ୍ତାନ ତା'ର ମୃତ୍ୟୁର କାରଣ ହେବ ସେହି ମୁହୂର୍ତ୍ତରୁ କଂସ ଅନ୍ତଃଭୟ ଆତଙ୍କରେ ତା'ର ଜୀବନ ବିତାଇବାକୁ ଆରମ୍ଭ କଲା। ତା' ପରେ ଯାହାସବୁ ଘଟିଛି ସମସ୍ତେ ଜାଣନ୍ତି। ପରିଶେଷରେ ଦେବକୀଙ୍କ ଅଷ୍ଟମ ସନ୍ତାନ କୃଷ୍ଣଙ୍କୁ ଦେଖିବା ମାତ୍ରେ ତା'ର ଅନ୍ତଃଭୟ ହିଁ ତାର ମୃତ୍ୟୁର କାରଣ ହେଲା। ଭାରତୀୟ ଶାସ୍ତ୍ରରେ ନବ ରସ କଥା ଉଲ୍ଲେଖ ଅଛି। ତାହା ହେଲା ଆଦି, କରୁଣ, ରୌଦ୍ର, ହାସ୍ୟ, ବୀର, ଭୟାନକ, ବୀଭତ୍ସ ପ୍ରଭୃତି। ସକାରାତ୍ମକ ପ୍ରଭାବ ମଣିଷକୁ ସୁସ୍ଥ ଜୀବନଯାପନ କରିବାରେ ସାହାଯ୍ୟ କରିଥାଏ। ସେଥିପାଇଁ ଅତୀତରେ ଦିନଯାକର ଆବଶ୍ୟକ କର୍ମଜଞ୍ଜାଳ ପରେ ଶ୍ରମ ଓ ଯନ୍ତ୍ରଣା ଲାଘବ ପାଇଁ ଲୋକମାନଙ୍କୁ ପାରମ୍ପରିକ ପାଲା, ଦାସକାଠିଆ, ଧୁଡୁକି ଆଦି ମାଧ୍ୟମରେ ମନୋରଞ୍ଜନ ପାଇଁ ହାସ୍ୟରସ ପରିବେଷଣ କରାଯାଉଥିଲା।

କଟକ, ମୋ : ୯୯୩୭୧୭୨୮୧୦

**୧୩୦ତମ ସଂଶୋଧନକୁ ନୈତିକତା ଏବଂ ଦାୟିତ୍ୱର ପ୍ରତୀକ ଭାବରେ ଉପସ୍ଥାପିତ କରାଯାଇଥିଲା, କିନ୍ତୁ ପ୍ରକୃତ ଖେଳ ହେଉଛି ସୀମା ନିର୍ଦ୍ଧାରଣ। ସରକାର ପ୍ରଥମେ ବିରୋଧୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଦାୟିତ୍ୱର ପ୍ରସଙ୍ଗ ଉଠାଇଥିଲେ ଏବଂ ତା'ପରେ ଧୀରେ ଧୀରେ ସୀମା ନିର୍ଦ୍ଧାରଣ ସହିତ ଆଗକୁ ବଢ଼ାଉଥିଲେ। ତେଣୁ, ଉଭୟ ବିଲ୍ ସମାନ ରାଜନୈତିକ ରଣନୀତିର ଅଂଶ - ଗୋଟିଏ ନୈତିକତାର ମୁଖା, ଅନ୍ୟଟି କ୍ଷମତା ସନ୍ତୁଳନ ପରିବର୍ତ୍ତନ କରିବା ପାଇଁ ଏକ ପ୍ରକୃତ ଅସ୍ତ୍ର।**
**ତେଣୁ ଏହା କୁହାଯାଇପାରେ ଯେ ଯଦି ସୀମା ନିର୍ଦ୍ଧାରଣ ବିଲ୍ ଗୃହୀତ ହୁଏ, ତେବେ ୧୩୦ତମ ସଂଶୋଧନ ଆବଶ୍ୟକ ଭାବରେ କାର୍ଯ୍ୟକାରୀ ହେବ ନାହିଁ। ତଥାପି, ଉଭୟଙ୍କ ମଧ୍ୟରେ ସଂଯୋଗ ହେଉଛି ଯେ ଅନ୍ୟଟିକୁ ପ୍ରକ୍ଷେପଣ କରି ଗୋଟିଏକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତି କରାଯାଉଛି। ଏହା ସଂଘୀୟ ରାଜନୀତିରେ ଉତ୍ତର-ଦକ୍ଷିଣ ଅସମାନତାକୁ ଆହୁରି ଘନିଷ୍ଠ କରିବାର ଏକ ଚାଲ୍।**


# ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍

ଅସିତ ମହାନ୍ତି

୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍‌ର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ମନ୍ତ୍ରୀମାନଙ୍କ ଦାୟିତ୍ୱ ସୁନିଶ୍ଚିତ କରିବା, ଯେତେବେଳେ ମୋଦି ସରକାର ଏହାର ଆବରଣ ତଳେ ସୀମା ନିର୍ଦ୍ଧାରଣ ବିଲ୍ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ପଦକ୍ଷେପ ଭାରତର ସଂଘୀୟ ଗଠନକୁ ଗଭୀର ଭାବରେ ପ୍ରଭାବିତ କରିପାରେ, କାରଣ ଜନସଂଖ୍ୟା ଆଧାରରେ ଆସନ ପୁନଃବଣ୍ଟନ କରାଯିବ, ଯାହା ଉତ୍ତର ଭାରତକୁ ଯଥେଷ୍ଟ ଲାଭ ଦେବ ଏବଂ ଦକ୍ଷିଣ ଭାରତକୁ ଆପେକ୍ଷିକ ଭାବରେ କ୍ଷତି ପହଞ୍ଚାଇବ।

୧୩୦ତମ ସଂଶୋଧନ ବିଲ୍‌ର ବାସ୍ତବତା - ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ୨୦୨୫ ମସିହାରେ ଆଗତ କରାଯାଇଥିଲା। ଏଥିରେ ବ୍ୟବସ୍ଥା ଥିଲା ଯେ ଯଦି ଜଣେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ ଏକ ଗୁରୁତର ଅପରାଧ ପାଇଁ ଗିରଫ କରାଯାଏ ଏବଂ ଲଗାତାର ୩୦ ଦିନ ପାଇଁ ହାଜତରେ ରଖାଯାଏ, ତେବେ ସେମାନଙ୍କୁ ସ୍ୱୟଂଚାଳିତ ଭାବରେ ପଦରୁ ବହିଷ୍କାର କରାଯିବ। ଏହି ବ୍ୟବସ୍ଥା ଦାୟିତ୍ୱ ଏବଂ ନୈତିକତା ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଥିଲା, କିନ୍ତୁ ସରକାର ଏହାକୁ ପ୍ରତ୍ୟାହାର କରି ସୀମା ନିର୍ଦ୍ଧାରଣ ବିଲ୍ ଏବଂ ମହିଳା ସଂରକ୍ଷଣ ଆଇନ ଉପରେ ଧ୍ୟାନ ଦେଇଥିଲେ।

ସୀମା ନିର୍ଦ୍ଧାରଣ ବିଲ୍ ଏବଂ ସଂଘୀୟ ଗଠନ ଉପରେ ଏହାର ପ୍ରଭାବ - ୧୯୭୬ ମସିହାରୁ ଆସନ ପୁନଃବଣ୍ଟନ ଉପରେ ଏକ ସ୍ଥଗିତାଦେଶ ଜାରି ରହିଛି। ବର୍ତ୍ତମାନ, ସରକାର ୧୩୧ତମ ସଂଶୋଧନ ଏବଂ ସୀମା ନିର୍ଦ୍ଧାରଣ ବିଲ୍ ମାଧ୍ୟମରେ ଏହି ସ୍ଥଗିତାଦେଶକୁ ଉଠାଇବାକୁ ଚାହୁଁଛନ୍ତି। ଏହା ଅଧୀନରେ, ଲୋକସଭା ଆସନ ସଂଖ୍ୟା ୫୪୩ ରୁ ୮୫୦ କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟ ବିଧାନସଭା ଆସନ ସଂଖ୍ୟା ମଧ୍ୟ ଜନସଂଖ୍ୟା ଆଧାରରେ ପରିବର୍ତ୍ତନ କରାଯିବ। ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଲାଗୁ କରିବା ପୂର୍ବରୁ ସୀମା ନିର୍ଦ୍ଧାରଣକୁ ବାଧ୍ୟତାମୂଳକ କରାଯାଇଛି। ଯେକୌଣସି ପ୍ରକାଶିତ ଜନଗଣନା ଆଧାରରେ ସୀମା ନିର୍ଦ୍ଧାରଣ କରିବାକୁ ସଂସଦକୁ କ୍ଷମତା ଦିଆଯାଇଛି, ଅର୍ଥାତ୍ ୨୦୨୬ ଜନଗଣନା ପାଇଁ ଆଉ ଅପେକ୍ଷା କରିବାର ଆବଶ୍ୟକତା ନାହିଁ। ରାଜନୈତିକ ସମୀକରଣ ଏବଂ ସରକାରୀ ରଣନୀତି - ଏହି ବିଲ୍ ପାସ୍ କରିବା ପାଇଁ ମୋଦି ସରକାରଙ୍କୁ ଲୋକସଭା ଏବଂ ରାଜ୍ୟସଭାରେ ଦୁଇ-ତୃତୀୟାଂଶ ବହୁମତ ଆବଶ୍ୟକ। ଏହାକୁ ହାସଲ କରିବା ପାଇଁ, ଏହା ବିରୋଧୀ ଦଳଗୁଡ଼ିକଠାରୁ ସମର୍ଥନ ସଂଗ୍ରହ କରିବାକୁ ଚେଷ୍ଟା କରୁଛି। ଡିଏମ୍‌କେ ଏବଂ ଦକ୍ଷିଣ ଭାରତୀୟ ଦଳଗୁଡ଼ିକର ବିରୋଧୀ ସବୁଠାରୁ ବଡ଼ ପ୍ରତିବନ୍ଧକ, କାରଣ ସେମାନେ ଭୟ କରୁଛନ୍ତି ଯେ ଆସନର ଜନସଂଖ୍ୟା ଆଧାରିତ ପୁନଃବଣ୍ଟନ ସେମାନଙ୍କ ଅଂଶ ହ୍ରାସ କରିବ। ଏନସିପି (ଏସପି) ଏବଂ ଅନ୍ୟାନ୍ୟ ଦଳଗୁଡ଼ିକ ୫୦% ସଂରକ୍ଷଣ ସୀମା ଏବଂ ମୋଟ ଆସନ ସଂଖ୍ୟା ଉପରେ ସ୍ୱଷ୍ଟତା ଭଳି ସର୍ତ୍ତ ସହିତ ସମର୍ଥନ କରିବାକୁ ବିଚାର କରୁଛନ୍ତି। ଲୁକ୍କାୟିତ ଷଡ଼ଯନ୍ତ୍ର ଏବଂ ସମାଲୋଚନା - ବିରୋଧୀ ଅଭିଯୋଗ କରିଛନ୍ତି ଯେ ସରକାର ମହିଳା ସଂରକ୍ଷଣ ବାହାନାରେ ସୀମା ନିର୍ଦ୍ଧାରଣ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି। ଏହା ଉତ୍ତର ଭାରତର ଜନବହୁଳ ରାଜ୍ୟଗୁଡ଼ିକୁ ଅଧିକ ଆସନ ଦେବ ଏବଂ ଦକ୍ଷିଣ ଭାରତର ରାଜନୈତିକ ପ୍ରଭାବକୁ ହ୍ରାସ କରିବ। ଏହାକୁ ସଂଘୀୟ ସନ୍ତୁଳନକୁ ବିପର୍ଯ୍ୟସ୍ତ କରୁଥିବା ଏକ ପଦକ୍ଷେପ ବୋଲି ବିବେଚନା କରାଯାଉଛି।




ସୀମା ନିର୍ଦ୍ଧାରଣ ହିନ୍ଦୀ ବେଲ୍ଟ ରାଜ୍ୟଗୁଡ଼ିକର ଶକ୍ତି ବୃଦ୍ଧି କରିବ, ଯାହା କେନ୍ଦ୍ରରେ ଦୀର୍ଘକାଳୀନ ଭାବରେ ବିଜେପିକୁ ଲାଭ ଦେବ। ଦକ୍ଷିଣ ଭାରତର ନେତାମାନେ କହିଛନ୍ତି ଯେ ଏହି ପଦକ୍ଷେପ ସମ୍ବିଧାନର ସଂଘୀୟ ଭାବନା ବିରୋଧରେ ଏବଂ ଆଞ୍ଚଳିକ ଅସମାନତାକୁ ଆହୁରି ଗଭୀର କରିବ। ସରକାର ବର୍ତ୍ତମାନ ୧୩୦ତମ ସଂଶୋଧନ ବିଲ୍ ସ୍ଥଗିତ ରଖିଛନ୍ତି, କିନ୍ତୁ ଏହା ପଛରେ ପ୍ରକୃତ ଧ୍ୟାନ ସୀମା ନିର୍ଦ୍ଧାରଣ ଉପରେ ଅଛି। ଏହା କେବଳ ଆସନର ପୁନଃବଣ୍ଟନ ନୁହେଁ ବରଂ ଭାରତର ସଂଘୀୟ ରାଜନୀତିର ପୁନର୍ଗଠନ। ମୋଦି ସରକାର ଏହାକୁ ମହିଳା ସଂରକ୍ଷଣ ଏବଂ ଜନସଂଖ୍ୟାଗତ ନ୍ୟାୟ ନାମରେ ଆଗକୁ ବଢ଼ାଉଛି, ଯେତେବେଳେ ବିରୋଧୀ ଏହାକୁ କ୍ଷମତା ସନ୍ତୁଳନକୁ ପରିବର୍ତ୍ତନ କରିବାର ଏକ ଷଡ଼ଯନ୍ତ୍ର ବୋଲି ବିବେଚନା କରୁଛନ୍ତି। ଯଦି ଏହି ବିଲ୍ ପାସ୍ ହୁଏ, ତେବେ ଭାରତୀୟ ଗଣତନ୍ତ୍ରରେ ଉତ୍ତର-ଦକ୍ଷିଣ ଅସମାନତା ଆହୁରି ଗଭୀର ହୋଇପାରେ।

୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ଏବଂ ସୀମା ନିର୍ଦ୍ଧାରଣ ବିଲ୍ ମଧ୍ୟରେ ସମ୍ପର୍କ ପ୍ରତ୍ୟକ୍ଷ ଏବଂ ରଣନୈତିକ। ଯଦିଓ ଉଭୟକୁ ପୃଥକ୍ ଭାବରେ ଦର୍ଶାଯାଇଛି, ସେମାନେ ପ୍ରକୃତରେ ସମାନ ରାଜନୈତିକ ପ୍ରକଳ୍ପର ଅଂଶ। ୧୩୦ତମ ସଂଶୋଧନ ବିଲ୍‌ର ମୂଳ ଉଦ୍ଦେଶ୍ୟ ଥିଲା ଯଦି ଜଣେ ମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ଏକ ଗୁରୁତର ଅପରାଧ ପାଇଁ ଗିରଫ ହୁଅନ୍ତି ଏବଂ ଲଗାତାର ୩୦ ଦିନ ପାଇଁ ହାଜତରେ ରହନ୍ତି, ତେବେ ତାଙ୍କୁ ସ୍ୱୟଂଚାଳିତ ଭାବରେ ପଦରୁ ବହିଷ୍କାର କରିବା। ଏହି ବ୍ୟବସ୍ଥା ଦାୟିତ୍ୱ ଏବଂ ନୈତିକତାକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ତଥାପି, ସରକାର ଏହାକୁ ପ୍ରତ୍ୟାହାର କରି ସୀମା ନିର୍ଦ୍ଧାରଣ ଉପରେ ଧ୍ୟାନ ଦେଇଥିଲେ।

ସୀମା ନିର୍ଦ୍ଧାରଣ ବିଲ୍ ଜନସଂଖ୍ୟା ଆଧାରରେ ଲୋକସଭା ଏବଂ ବିଧାନସଭା ଆସନ ପୁନଃବଣ୍ଟନ କରିବାର ଲକ୍ଷ୍ୟ ରଖିଛି। ଏହା ଉତ୍ତର ଭାରତର ଜନବହୁଳ ରାଜ୍ୟଗୁଡ଼ିକୁ ଅଧିକ ଆସନ ଦେବ ଏବଂ ଦକ୍ଷିଣ ଭାରତର ଅଂଶ ହ୍ରାସ କରିବ। ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ପୂର୍ବରୁ ସୀମା ନିର୍ଦ୍ଧାରଣକୁ ବାଧ୍ୟତାମୂଳକ କରାଯାଇଛି।

ବର୍ତ୍ତମାନ ପ୍ରଶ୍ନ ହେଉଛି: ଯଦି ସୀମା ନିର୍ଦ୍ଧାରଣ ବିଲ୍ ପାସ୍ ହୁଏ, ତେବେ କ'ଣ ୧୩୦ତମ ସଂଶୋଧନ ସ୍ୱୟଂଚାଳିତ ଭାବରେ କାର୍ଯ୍ୟକାରୀ ହେବ? ନା, ଦୁଇଟି ବିଲ୍ ଭିନ୍ନ। ୧୩୦ତମ ସଂଶୋଧନ ଦାୟିତ୍ୱ ସହିତ ଜଡିତ, ଯେତେବେଳେ ସୀମା ନିର୍ଦ୍ଧାରଣ ଜନସଂଖ୍ୟା ଆଧାରିତ ଆସନ ପୁନଃବଣ୍ଟନ ସହିତ ଜଡିତ। ତଥାପି, ରାଜନୈତିକ ସ୍ତରରେ, ଉଭୟକୁ ସମାନ ରଣନୀତିର ଅଂଶ ଭାବରେ ବ୍ୟବହାର କରାଯାଉଛି। ବିରୋଧୀଙ୍କ ଧ୍ୟାନ ଦାୟିତ୍ୱ ଠାରୁ ସୀମା ନିର୍ଦ୍ଧାରଣକୁ ସ୍ଥାନାନ୍ତର କରିବା ପାଇଁ ସରକାର ୧୩୦ତମ ସଂଶୋଧନକୁ ସ୍ଥଗିତ ରଖିଥିଲେ। ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ସୀମା ନିର୍ଦ୍ଧାରଣକୁ ଆବଶ୍ୟକ ବୋଲି ଦାବି କରାଯାଉଛି, ଏବଂ ଏହି ବାହାନାରେ, ସଂଘୀୟ ଢାଞ୍ଚାରେ ଏକ ବଡ଼ ପରିବର୍ତ୍ତନ କରାଯାଉଛି। ୧୩୦ତମ ସଂଶୋଧନକୁ ନୈତିକତା ଏବଂ ଦାୟିତ୍ୱର ପ୍ରତୀକ ଭାବରେ ଉପସ୍ଥାପିତ କରାଯାଇଥିଲା, କିନ୍ତୁ ପ୍ରକୃତ ଖେଳ ହେଉଛି ସୀମା ନିର୍ଦ୍ଧାରଣ। ସରକାର ପ୍ରଥମେ ବିରୋଧୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଦାୟିତ୍ୱର ପ୍ରସଙ୍ଗ ଉଠାଇଥିଲେ ଏବଂ ତା'ପରେ ଧୀରେ ଧୀରେ ସୀମା ନିର୍ଦ୍ଧାରଣ ସହିତ ଆଗକୁ ବଢ଼ାଉଥିଲେ। ତେଣୁ, ଉଭୟ ବିଲ୍ ସମାନ ରାଜନୈତିକ ରଣନୀତିର ଅଂଶ - ଗୋଟିଏ ନୈତିକତାର ମୁଖା, ଅନ୍ୟଟି କ୍ଷମତା ସନ୍ତୁଳନ ପରିବର୍ତ୍ତନ କରିବା ପାଇଁ ଏକ ପ୍ରକୃତ ଅସ୍ତ୍ର।

ତେଣୁ ଏହା କୁହାଯାଇପାରେ ଯେ ଯଦି ସୀମା ନିର୍ଦ୍ଧାରଣ ବିଲ୍ ଗୃହୀତ ହୁଏ, ତେବେ ୧୩୦ତମ ସଂଶୋଧନ ଆବଶ୍ୟକ ଭାବରେ କାର୍ଯ୍ୟକାରୀ ହେବ ନାହିଁ। ତଥାପି, ଉଭୟଙ୍କ ମଧ୍ୟରେ ସଂଯୋଗ ହେଉଛି ଯେ ଅନ୍ୟଟିକୁ ପ୍ରକ୍ଷେପଣ କରି ଗୋଟିଏକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତି କରାଯାଉଛି। ଏହା ସଂଘୀୟ ରାଜନୀତିରେ ଉତ୍ତର-ଦକ୍ଷିଣ ଅସମାନତାକୁ ଆହୁରି ଘନିଷ୍ଠ କରିବାର ଏକ ଚାଲ୍, ଏହା ହିଁ ମନେ ହେଉଛି।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

**ଆମ ଦେଶରେ ୨୦୧୫ ମସିହାରେ ଇଭି ଯାନ ଅଭିଯାନ ଆରମ୍ଭ ହୋଇଥିଲା। ବିଶ୍ୱର ବହୁ ଆର୍ଥିକ ସମୃଦ୍ଧ ରାଷ୍ଟ୍ର ଇଭି ଅଭିଯାନ ଆରମ୍ଭ କରିବାର ୫ବର୍ଷ ପରେ ଭାରତ ସରକାର ଏହି ପ୍ରକଳ୍ପ ଆରମ୍ଭ କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକା ୨୦୧୦ ମସିହାରେ ଇଭି ଅଭିଯାନ ଆରମ୍ଭ କରି ଥିବାବେଳେ ଚୀନ ଏହାର ବର୍ଷକ ପୂର୍ବରୁ ଅର୍ଥାତ୍ ୨୦୦୯ ମସିହାରେ ଆରମ୍ଭ କରିଥିଲା। ବିଶ୍ୱ ଜଳବାୟୁ ପରିବର୍ତ୍ତନ, ଉଷ୍ମତା ବୃଦ୍ଧି, ବାୟୁ ପ୍ରଦୂଷଣ ବୃଦ୍ଧିକୁ ଦୃଷ୍ଟିରେ ରଖି ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ଇଭି ଅଭିଯାନ ଉପରେ ଗୁରୁତ୍ୱ ଦେଇଛନ୍ତି।**
**ଅନ୍ତର୍ଜାତିକ ସ୍ତରରେ ୨୦୨୪ରେ ମୋଟ ୧୭ ମିଲିଅନ କାର୍ ବିକ୍ରି ହୋଇଥିବାବେଳେ ଚୀନ୍‌ରେ କେବଳ ୧୧.୩ ମିଲିଅନ, ୟୁରୋପରେ ୩.୨ ମିଲିଅନ, ଆମେରିକାରେ ୧.୫ ମିଲିଅନ, ଭାରତରେ ୧ଲକ୍ଷ ୬୦ହଜାର କାର୍ ବିକ୍ରି ହୋଇଥିଲା। କିନ୍ତୁ ୨୦୨୫ରେ ଦେଶରେ ଇଭି କାର୍ ବିକ୍ରି ସଂଖ୍ୟା ୧.୭୭ ଲକ୍ଷକୁ ବୃଦ୍ଧି ପାଇବା ନିଶ୍ଚିତ ଭାବେ ସୁଖବର।**

# ଓଡ଼ିଶା ଇଭି ଅଭିଯାନ

ସୌଭାଗ୍ୟ ରଂଜନ ମହାନ୍ତି

ବୈଦ୍ୟୁତିକ ଯାନ (ଇଭି) କ୍ରୟ ଓ ବ୍ୟବହାରରେ ଓଡ଼ିଶା ଦେଶରେ ଏକ ଅଗ୍ରଣୀ ରାଜ୍ୟର ମାନ୍ୟତା ହାସଲ କରିଥିବାବେଳେ ରାଜ୍ୟ ସରକାରଙ୍କର ବିଭିନ୍ନ ସରକାରୀ ବିଭାଗର ଏହା ପ୍ରତି ମୁହଁ ମୋଡ଼ିବା ବା ଆଗ୍ରହ ପ୍ରକାଶ ନ କରିବା ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରିବ। ଇରାନ-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ରାଜ୍ୟରେ ପେଟ୍ରୋଲ, ଡିଜେଲର ଅଭାବକୁ ଦୃଷ୍ଟିରେ ରଖି ସରକାର ସମସ୍ତ ସରକାରୀ ବିଭାଗରେ ଇଭି ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଖୋଦ୍ ପରିବହନ ମନ୍ତ୍ରୀ ଇଭି କାରରେ ସଚିବାଳୟକୁ ଆସିଥିଲେ। ମାତ୍ର ଏବେ ଇଭି ପ୍ରତି ଭିତ୍ତିଭୂମିର ଅଭାବ ଦର୍ଶାଇ ଏଥିପ୍ରତି ଏକ ପ୍ରକାର ଆଖିବୁଜି ଦେଇଥିବା ମନେହୁଏ। ଭୁବନେଶ୍ୱର ବାହାରକୁ ଗଲେ ଚାର୍ଜିଂ ସମସ୍ୟା ଆଶଙ୍କା ଥିବାରୁ କ୍ରମ କିମ୍ବା ଭଡ଼ାରେ ଆଣିବା ଫଳପ୍ରଦ ନ ଥିବା ବହୁ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଯାହାକି ସେମାନଙ୍କ ଇଭି ପ୍ରତି ବିମୁଖତାକୁ ପ୍ରମାଣିତ କରୁଛି। ପରିବହନ, ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗରେ ହାତଗଣତି କେତୋଟି ଇଭି ଯାନକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସରକାରୀ ଯାନ ପେଟ୍ରୋଲ କିମ୍ବା ଡିଜେଲ ଚାଳିତ। ସେହିପରି ଲୋକଭବନର ସମସ୍ତ ଯାନ ଇଭିରେ ରୂପାନ୍ତରିତ ହୋଇଥିବାବେଳେ ଓଡିଶା ରାଜ୍ୟ ପରିବହନ ନିଗମ ଓ ସହରାଞ୍ଚଳ କେତୋଟି ଇଭି ବସ ମଧ୍ୟ ଚଳାଚଳ କରୁଥିବା ଦେଖାଯାଏ। ମାତ୍ର ବେସରକାରୀ ସ୍ତରରେ ଏବେ ଇଭି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

ରାଜ୍ୟରେ ଇନ୍ଧନ ଅଭାବ ପୂର୍ବରୁ ଦୈନିକ ହାତଗଣତି କେତୋଟି ଇଭି ଯାନ ବିକ୍ରି ହେଉଥିବା ଏବେ ସଂଖ୍ୟାଧିକ ଯାନ ବିକ୍ରି ହେଉଥିବା ସରକାରୀ ତଥ୍ୟ କହେ। ସରକାରୀ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଗଲା ୨୦୨୫ ଡିସେମ୍ବର ସୁଦ୍ଧା ରାଜ୍ୟରେ ମୋଟ ୨ଲକ୍ଷ ୧୯ ହଜାର ଇଭି ଯାନ ପଞ୍ଜୀକୃତ ହୋଇଥିବାବେଳେ ଗତ ୬ ମାସରେ ଏହି ସଂଖ୍ୟା ଏବେ ବହୁ ଅଧିକ ହେବ।



ଗତ ୨୦୨୧ରେ ରାଜ୍ୟ ସରକାର ଇଭି ବ୍ୟବହାରକୁ ପ୍ରୋତ୍ସାହନ ଦେବା ଲାଗି ଯାନ କ୍ରୟ ପାଇଁ ହିତାଧିକାରୀଙ୍କ ପାଇଁ ରିହାତି ଘୋଷଣା କରିଥିଲେ। ଏପରିକି ସରକାରୀ କର୍ମଚାରୀଙ୍କ ପାଇଁ ଏଥିଲାଗି ଋଣ ବ୍ୟବସ୍ଥା କରିଥିଲେ। ୨୦୨୧ ମସିହାରେ ରାଜ୍ୟରେ ମାତ୍ର ୫୬୨୮ଟି ଇଭି ଯାନ ବିକ୍ରି ହୋଇଥିବାବେଳେ ୨୦୨୪ରେ ଏହି ସଂଖ୍ୟା ୬୫,୯୭୭ କୁ ବୃଦ୍ଧି ପାଇଥିଲା। ପଞ୍ଜୀକୃତ ଇଭି ଯାନ ମଧ୍ୟରେ ମୁଖ୍ୟତଃ ସ୍କୁଟର, ଅଟୋ, କାର ଆଦି ରହିଛି। ଇଭି ଯାନ ବ୍ୟବହାରକୁ ଉତ୍ସାହିତ କରିବା ଲାଗି ସରକାର ୧.୨୨ ଲକ୍ଷ ହିତାଧିକାରୀଙ୍କୁ ୨୩୨ କୋଟି ଟଙ୍କାର ରିହାତି ଦେଇଥିବାବେଳେ ରାଜ୍ୟର ବିଭିନ୍ନ ସହରରେ ୧୯୮ଟି ସରକାରୀ ଚାର୍ଜିଂ ସେଣ୍ଟର ପ୍ରତିଷ୍ଠା କରିଛନ୍ତି। ଚଳିତ ବର୍ଷ ଆଉ ୧୦୦ଟି ଚାର୍ଜିଂ ସେଣ୍ଟର ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

ସେହିପରି ଇଭି ଯାନ ନିର୍ମାଣ, ବ୍ୟାଟେରି ଉତ୍ପାଦନ ପାଇଁ କେତେକ କମ୍ପାନୀ ସହ ବୁଝାମଣା ସ୍ୱାକ୍ଷରିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ୨୦୧୫ ମସିହାରେ ଇଭି ଯାନ ଅଭିଯାନ ଆରମ୍ଭ ହୋଇଥିଲା। ବିଶ୍ୱର ବହୁ ଆର୍ଥିକ ସମୃଦ୍ଧ ରାଷ୍ଟ୍ର ଇଭି ଅଭିଯାନ ଆରମ୍ଭ କରିବାର ୫ବର୍ଷ ପରେ ଭାରତ ସରକାର ଏହି ପ୍ରକଳ୍ପ ଆରମ୍ଭ କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକା ୨୦୧୦ ମସିହାରେ ଇଭି ଅଭିଯାନ ଆରମ୍ଭ କରି ଥିବାବେଳେ ଚୀନ ଏହାର ବର୍ଷକ ପୂର୍ବରୁ ଅର୍ଥାତ୍ ୨୦୦୯ ମସିହାରେ ଆରମ୍ଭ କରିଥିଲା। ବିଶ୍ୱ ଜଳବାୟୁ ପରିବର୍ତ୍ତନ, ଉଷ୍ମତା ବୃଦ୍ଧି, ବାୟୁ ପ୍ରଦୂଷଣ ବୃଦ୍ଧିକୁ ଦୃଷ୍ଟିରେ ରଖି ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ଇଭି ଅଭିଯାନ ଉପରେ ଗୁରୁତ୍ୱ ଦେଇଛନ୍ତି।

ଅନ୍ତର୍ଜାତିକ ସ୍ତରରେ ୨୦୨୪ରେ ମୋଟ ୧୭ ମିଲିଅନ କାର ବିକ୍ରି ହୋଇଥିବାବେଳେ ଚୀନରେ କେବଳ ୧୧.୩ ମିଲିଅନ, ୟୁରୋପରେ ୩.୨ ମିଲିଅନ, ଆମେରିକାରେ ୧.୫ ମିଲିଅନ, ଭାରତରେ ୧ଲକ୍ଷ ୬୦ହଜାର କାର ବିକ୍ରି ହୋଇଥିଲା। କିନ୍ତୁ ୨୦୨୫ରେ ଦେଶରେ ଇଭି କାର୍ ବିକ୍ରି ସଂଖ୍ୟା ୧.୭୭ ଲକ୍ଷକୁ ବୃଦ୍ଧି ପାଇବା ନିଶ୍ଚିତ ଭାବେ ସୁଖର ଖବର। ଆହୁରି ଦେଶରେ ବିଭିନ୍ନ ମୋଟର ଯାନ ନିର୍ମାଣ କମ୍ପାନୀର ଇଭି ଯାନ ତଥା ସ୍କୁଟର ମୋଟର ସାଇକେଲ, ଅଟୋ ରିକ୍ସା, କାର୍, ବସ ଆଦି ଉତ୍ପାଦନ ବୃଦ୍ଧି ପାଇଛି। ଆମ ରାଜ୍ୟରେ ଗୋଟିଏ ପଟେ ସରକାରୀ ବିଭାଗ ଇଭି କାର ପ୍ରତି ବିମୁଖ ଥିବାବେଳେ ଅନ୍ୟ ପଟେ କ୍ରେତାଙ୍କୁ ଦେଉଥିବା ରିହାତିକୁ ବନ୍ଦ କରିଦେଇଛନ୍ତି। ସେହିପରି ରାଜ୍ୟରେ ଇଭି ଯାନବାହନ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଆବଶ୍ୟକ ମରାମତି ଗ୍ୟାରେଜ ଅଭାବ ଜନସାଧାରଣଙ୍କୁ ବିମୁଖ କରୁଛି। ଏଥିପ୍ରତି ସରକାର ଅଗ୍ରାଧିକାର ଦେବା ଆବଶ୍ୟକ। ଅନ୍ୟଥା ଇଭି ଅଭିଯାନ ସଫଳ ହେବା ଆଶା କ୍ଷୀଣ।

ମୋ-୯୪୩୭୯୯୪୩୭୯

# ଆମ ପୋଲିସ ସମିତି ବୈଠକ

ଖଣ୍ଡପଡ଼ା୩୧ ।୭(ନି.ପ୍ର)ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଖଣ୍ଡପଡ଼ା ପୁଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଏସଡିପିଓ ସରୋଜ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଶିଖରପୁର ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ବୁଦ୍ଧିଜୀବୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସମେତ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏସଡିପିଓ ଶ୍ରୀ ସାହୁ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା ନିମନ୍ତେ ମତ ଦେବା ସହ ଏକ ନିଶାମୁକ୍ତ ସମାଜ ଗଠନର ମହତ ଲକ୍ଷ୍ୟ ନେଇ ସର୍ବଦା ପୁଲିସ କାର୍ଯ୍ୟ କରିବ ବୋଲି ସୂଚନା ଦେଇଥିଲେ ।ବିଶେଷ କରି ଚୋରାରେ ଗଞ୍ଜେଇ, ଧଳା ଜହର ଓ ଦେଶୀ ମଦ ପ୍ରସ୍ତୁତ କରି ବିକ୍ରୀବଟା କରୁଥିବା ମାଫିଆ ଓ ଗ୍ରାମ୍ୟ ପରିବେଶରେ କଙ୍ଗାରୁ କୋର୍ଟ କରୁଥିବା ଅସାମାଜିକ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଆଗାମୀ ଦିନରେ ପୁଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ସୂଚନା ଦିଆ ଯାଇଥିଲା ।ଖଣ୍ଡପଡା,ଫତେଗଡ ଓ ଗଣିଆ ଥାନା ଅଞ୍ଚଳରେ ଘଟୁଥିବା ବିଭିନ୍ନ ଅପରାଧ ଓ ବିଶୃଙ୍ଖଳାକୁ ଏବେ କେତେକାଂଶରେ ରୋକାଯାଇ ପାରିଥିବା ବେଳେ ଆଗାମୀ ଦିନରେ ମଧ୍ୟ ଜନସାଧାରଣଙ୍କ ସକ୍ରୀୟ ସହଯୋଗରେ ପୁଲିସ ତାର କାର୍ଯ୍ୟ ଧାରା ଜାରି ରଖିବ ବୋଲି ଏସଡିପିଓ ମତ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ବନ୍ୟା ପ୍ରସ୍ତୁତି ସମୀକ୍ଷା

କେନ୍ଦ୍ରାପଡ଼ା,୩୧ ।୭ (ନିପ୍ର): ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବନ୍ୟା ପ୍ରସ୍ତୁତି ଓ ସମନ୍ୱୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଧାୟକ ମହାକାଳପଡ଼ା ଦୁର୍ଗା ପ୍ରସନ୍ନ ନାୟକ, ବିଧାୟକ ପାଟକୁରା ଅରବିନ୍ଦ ମହାପାତ୍ର, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ପ୍ରମୁଖଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକରେ ଜିଲ୍ଲାର ବର୍ତ୍ତମାନ ବନ୍ୟା ପରିସ୍ଥିତି, ବୈତରଣୀ ନଦୀର ଜଳସ୍ତର, ନଦୀବନ୍ଧର ସୁରକ୍ଷା, ଦୁର୍ବଳ ସ୍ଥାନଗୁଡ଼ିକର ନିରନ୍ତର ତଦାରଖ, ଜଳ ନିଷ୍କାସନ ବ୍ୟବସ୍ଥା, ସମ୍ଭାବ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳ ଚିହ୍ନଟ, ଲୋକଙ୍କ ସ୍ଥାନାନ୍ତରଣ, ବନ୍ୟା ଆଶ୍ରୟସ୍ଥଳଗୁଡ଼ିକର ପ୍ରସ୍ତୁତି, ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟସେବା, ଔଷଧ, ସାପ କାମୁଡ଼ା ଔଷଧ, ଶୁଖିଲା ଖାଦ୍ୟ, ଅତ୍ୟାବଶ୍ୟକ ସାମଗ୍ରୀ, ପଶୁଖାଦ୍ୟ, ପଶୁ ଚିକିତ୍ସା, ସଡ଼କ ସଂଯୋଗ, ଉଦ୍ଧାରକାରୀ ଦଳ, ଅଗ୍ନିଶମ ବାହିନୀ, ଓଡ୍ରାଫ ଓ ଅନ୍ୟାନ୍ୟ ଜରୁରୀକାଳୀନ ସେବାର ପ୍ରସ୍ତୁତି ସମ୍ପର୍କରେ ବିଭାଗୱାରୀ ସମୀକ୍ଷା କରାଯାଇଥିଲା ।

# ବୌଦ୍ଧ ଜିଲ୍ଲାରେ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ତତ୍ପର ପ୍ରଶାସନ

ବୌଦ୍ଧ,୩୧ ।୭(ନିପ୍ର): ବୌଦ୍ଧ ଜିଲ୍ଲାରେ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ତତ୍ପରତା ଦେଖାଇଛି ଜିଲ୍ଲା ପ୍ରଶାସନ । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ହରଭଙ୍ଗା ବ୍ଲକର ଜଗନ୍ନାଥ ରୋଡ଼ ସମେତ ବିଭିନ୍ନ ତଳିଆ ଓ ବିଚ୍ଛିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ । ହରଭଙ୍ଗା ତହସିଲଦାର କର୍ଣ୍ଣ ସୁନା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହାୟତାରେ ସ୍ଥାନୀୟ ଡଙ୍ଗା ଯୋଗେ କୁଡ଼ାସିଙ୍ଗା ଗ୍ରାମକୁ ଯାଇ ପରିସ୍ଥିତିର ଆକଳନ କରିଥିଲେ । ପ୍ରଭାବିତ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯିବା ସହ ସାପ କାମୁଡ଼ାରୁ ସତର୍କ ରହିବା ପାଇଁ ସଚେତନ କରାଯାଇଥିଲା । ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଏବଂ ବୌଦ୍ଧ ବ୍ଲକର ବିଡିଓ ଯୁଗଳ କିଶୋର ବିଶ୍ୱାଳ ରାଜସ୍ୱ ନିରୀକ୍ଷକ ଓ ଗ୍ରାମ କୃଷି କର୍ମଚାରୀଙ୍କ ସହ ବୌଦ୍ଧ ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତିର ତଦାରଖ କରିଥିଲେ । କଣ୍ଟାମାଳ ବ୍ଲକର ଇଣ୍ଟେକ୍ ୱେଲ୍‌କୁ ସଂଯୋଗ କରୁଥିବା ରାସ୍ତା ଉପରେ ପ୍ରାୟ ୫ ଫୁଟ ଉଚ୍ଚତାରେ ପାଣି ପ୍ରବାହିତ ହେଉଥିବାରୁ ସେଠାକୁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଫଳରେ ପମ୍ପିଂ କାର୍ଯ୍ୟ ପ୍ରଭାବିତ ହୋଇଥିବା ବେଳେ ପିଏଚଇଡି ପକ୍ଷରୁ ବିକଳ୍ପ ବ୍ୟବସ୍ଥା ଭାବେ ଜଳ ଉତ୍ସ ସ୍ଥଳକୁ ବିଶୋଧନ କରାଯାଇଛି ଏବଂ ପାନୀୟ ଜଳର ସୁରକ୍ଷା ନିଶ୍ଚିତ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଛି । ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ଜନସାଧାରଣଙ୍କ ସୁରକ୍ଷା, ରିଲିଫ୍ ଓ ଆବଶ୍ୟକୀୟ ସେବା ସୁନିଶ୍ଚିତ କରିବା ଦିଗରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି ।

# ଦୋଭାୟା ଗ୍ରାମରେ ଦମନ କାର୍ଯ୍ୟକ୍ରମ

କୁଚିଣ୍ଡା,୩୧ ।୭ (ନିପ୍ର); ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ଦୋଭାୟା ଗ୍ରାମରେ ଗୁରୁବାର ଦମନ କାର୍ଯ୍ୟକ୍ରମ ସହ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡା.ଈଶ୍ୱର ମୁଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ, କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ,ବକ୍ସମା ସମିତି ସଭ୍ୟା ରଶ୍ମି କୁସୁମଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଯୋଗଦେଇଥିଲେ । ଉପଜିଲ୍ଲାପାଳ ସ ଦୁର୍ଗମ ଅଞ୍ଚଳର ଜନସାଧାରଣ ପାଉଥିବା ସ୍ୱାସ୍ଥ୍ୟସେବାର ସମୀକ୍ଷା କରିଥିଲେ ।ସେ କହିଥିଲେ ଦୋଭାୟା ଗ୍ରାମଟି କୁଚିଣ୍ଡା ବ୍ଲକର ଏକ ଛୋଟ ଦୁର୍ଗମ ପାହାଡ଼ିଆ ଅଞ୍ଚଳ ଅଟେ । ୭୩ ଜନସଂଖ୍ୟା ବିଶିଷ୍ଟ ଲୋକଙ୍କ ନିକଟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଦମନ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ।ତିନି ଦିନ ଧରି ହେବାକୁ ଥିବା ଏହି ସ୍ୱାସ୍ଥ୍ୟ ଶିବିରରେ ମ୍ୟାଲେରିଆ ପରୀକ୍ଷା,ରୋଗ ଚିହ୍ନଟ, ଚିକିତ୍ସା, ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ଏବଂ ମ୍ୟାଲେରିଆ ପ୍ରତିରୋଧମୂଳକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି ।

# ସାଧାରଣ ଲୋକଙ୍କ ଜୀବନ ଜୀବିକା ଓ ବଞ୍ଚିବାର ଅଧିକାର ଦାବିରେ ସିପିଆଇ(ଏମ୍) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର

ରାଉରକେଲା,୩୧ ।୭ (ନିପ୍ର): ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ସିପିଆଇ(ଏମ୍) ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ସାଧାରଣ ଲୋକଙ୍କ ଜୀବନ ଜୀବିକା ଓ ବଞ୍ଚିବା ଅଧିକାର ଦାବିରେ ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡିଶାରେ ବିଜେପିର ମୋହନ ଚରଣ ମାଝିଙ୍କ ସରକାର କ୍ଷମତାକୁ ଆସିବା ପରଠାରୁ ସାଧାରଣ ଲୋକଙ୍କ ଜୀବନ ଅଧିକ ଯନ୍ତ୍ରଣାଦାୟକ ହୋଇପଡ଼ିଛି । ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକ ପ୍ରତାରଣାରେ ପରିଣତ ହୋଇଛି ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, କୃଷି ସଙ୍କଟ, ଶ୍ରମିକ ଶୋଷଣ, ମହିଳାଙ୍କ ଉପରେ ବଢ଼ୁଥିବା ଅତ୍ୟାଚାର, ଆଦିବାସୀ ଓ ଦଳିତଙ୍କ ଉପରେ ଦମନ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଶିକ୍ଷାରେ ଅରାଜକତା, ଭୁଷୁଡ଼ି ପଡ଼ିଥିବା ସ୍ୱାସ୍ଥ୍ୟ ବ୍ୟବସ୍ଥା, ବିଦ୍ୟୁତ୍ ଦରବୃଦ୍ଧି, ସାମାଜିକ ସୁରକ୍ଷା ଯୋଜନାରେ କଟକଣା ଏବଂ କର୍ପୋରେଟ୍ ସ୍ୱାର୍ଥ ପାଇଁ ଜମି, ଜଙ୍ଗଲ ଓ ଖଣିଜ ସମ୍ପଦର ଲୁଣ୍ଠନ ଆଜି ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି । ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ରାଉରକେଲା ଓ ରଘୁନାଥପାଲ୍ଲୀ ନିର୍ବାଚନମଣ୍ଡଳୀ ସମେତ ସୁନ୍ଦରଗଡ଼ ଜିଲ୍ଲାର ଅନ୍ୟ ବିଧାନସଭା କ୍ଷେତ୍ରରେ ସାଧାରଣ ଲୋକଙ୍କ ଜୀବନ ଜୀବିକା ଓ ବଞ୍ଚିବାର ଦାବୀ ଉପସ୍ଥାପନ କରାଯାଇଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରି ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଣ । ବିଜ୍ଞାନସମ୍ମତ, ଧର୍ମନିରପେକ୍ଷ ଓ ସମ୍ବିଧାନସମ୍ମତ ଶିକ୍ଷା ବ୍ୟବସ୍ଥା ଚାଲୁକରିବା । ପାଠ୍ୟପୁସ୍ତକରେ ଥିବା ଅକ୍ଷମଣୀୟ ତ୍ରୁଟି ପାଇଁ ଉତ୍ତରଦାୟିତ୍ୱ ନେଇ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଏବଂ ଗଣଶିକ୍ଷା ବିଭାଗର ସଚିବଙ୍କୁ ବଦଳାଇ ଓଡ଼ିଆ ଭାଷାର ପାରଦର୍ଶୀତା ଥିବା ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ଦାବି କରାଯାଇଛି । ଚାଷୀଙ୍କ ସମସ୍ତ ଫସଲ ପାଇଁ ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଅନୁଯାୟୀ ମୋଟ ଉତ୍ପାଦନ ଖର୍ଚ୍ଚ(ସି- ୨)ଏବଂ ୫୦ ପ୍ରତିଶତ ଆଧାରରେ ସର୍ବନିମ୍ନ ସହାୟକ ମୂଲ୍ୟ ନିଶ୍ଚିତ କରାଯିବା ସହିତ ଚାଷୀ ଓ ଭାଗଚାଷୀଙ୍କୁ ରିହାତି ଦରରେ ବିହନ, ସାର, କୀଟନାଶକ, ବିଦ୍ୟୁତ୍ ଓ କୃଷି ଉପକରଣ, ଫସଲ ବୀମା ସୁବିଧା ଏବଂ ମଣ୍ଡିରେ ଫସଲ ବିକ୍ରୟର ଅଧିକାର ଦିଆଯିବା ସହିତ ଚାଷୀ ଆତ୍ମହତ୍ୟା ରୋକିବା ପାଇଁ କୃଷି ଋଣ ଛାଡ଼ କରାଯିବାକୁ ଦାବି କରାଯାଇଛି । ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ନିୟନ୍ତ୍ରଣ ସହ ବିଶ୍ୱ ବଜାରରେ ଅଶୋଧୀତ ତୈଳର ଦର କମିବା ଅନୁପାତରେ ରନ୍ଧନ ଗ୍ୟାସ୍, ଡ଼ିଜେଲ ଓ ପେଟ୍ରୋଲର ଦର ହ୍ରାସ କରାଯିବାକୁ ଦାବି କରାଯାଇଛି । ମନରେଗା ତଥା ଭି.ବି.ଜି. ରାମଜି ଯୋଜନାରେ ବର୍ଷକୁ ୨୦୦ ଦିନର କାମ ଓ ଦୈନିକ ୭୦୦ଟଙ୍କା ମଜୁରୀ ଦିଆଯିବା ସହିତ ଅନ୍ତତଃ ରାଜ୍ୟ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯିବାକୁ ଦାବି କରାଯାଇଛି । କୃଷି ଶ୍ରମିକ ଓ ଭାଗଚାଷୀଙ୍କ ପାଇଁ ସାମାଜିକ ସୁରକ୍ଷା ଓ ପେନସନ୍ ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି । ଶ୍ରମିକ ବିରୋଧୀ ଚାରିଟି ଶ୍ରମକୋଡ଼ ପ୍ରତ୍ୟାହାର କରାଯିବା ସହିତ ସମସ୍ତ ଠିକା, ଆଉଟସୋର୍ସିଂ ଓ କାଜୁଆଲ୍ ଶ୍ରମିକ-କର୍ମଚାରୀଙ୍କୁ ସ୍ଥାୟୀ କରାଯିବାକୁ ଦାବି କରାଯାଇଛି । ସମସ୍ତଙ୍କୁ କାମ ଦିଆଯିବା ସହ ସର୍ବନିମ୍ନ ମଜୁରୀ ଓ ସମାନ କାମ ପାଇଁ ସମାନ ମଜୁରୀ ସୁନିଶ୍ଚିତ କରାଯିବାକୁ ଦାବି କରାଯାଇଛି । ସମସ୍ତ ପ୍ରବାସୀ ଶ୍ରମିକଙ୍କ ପଞ୍ଜିକରଣ କରାଯିବାକୁ ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ବଣାଇଁର ସାମଗ୍ରିକ ବିକାଶ କାର୍ଯ୍ୟକୁ ବ୍ୟାପକ କରିବା ପାଇଁ ଜିଲ୍ଲା ଖଣିଜ ପାଣ୍ଠିର ସଠିକ୍ ବିନିଯୋଗ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସଂପ୍ରସାରଣ କାର୍ଯ୍ୟରେ ସ୍ଥାନୀୟ ବେକାର ଯୁବକ ଯୁବତୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବା ସହିତ ରାଉରକେଲା ଇ.ଏସ୍.ଆଇ ମଡ଼େଲ ହସ୍ପିଟାଲରେ ସମସ୍ତ ବିଭାଗର ଅଭିଜ୍ଞ ଡାକ୍ତର, ନର୍ସ ଓ ପାରାମେଡ଼ିକାଲ ଷ୍ଟାଫ୍ ପର୍ଯ୍ୟାପ୍ତ ଭାବରେ ନିଯୁକ୍ତି ଦେବା ସହ ସମସ୍ତ ଡିସ୍ପେନ୍‌ସେରି ଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି । ଜନବିରୋଧୀ ସ୍ମାର୍ଟ ମିଟର ଯୋଜନା ଓ ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରତ୍ୟାହାର କରି ଲାଗିଥିବା ସ୍ମାର୍ଟ ମିଟର ହଟାଇବା ସହିତ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଓ ମାସିକ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ପ୍ରଦାନ କରାଯିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ମହିଳା ଓ ଶିଶୁଙ୍କ ସହିତ ବଳାତ୍କାର, ନିର୍ଯ୍ୟାତନା ଓ ହତ୍ୟା ରୋକିବା ପାଇଁ କଡ଼ା ପଦକ୍ଷେପ ନେବା ସହ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଅଣାଯିବାକୁ ଦାବି କରାଯାଇଛି । ଲୋକଙ୍କ ଧନ-ଜୀବନର ସୁରକ୍ଷା ସୁନିଶ୍ଚିତ କରି ସାମ୍ପ୍ରଦାୟିକ ବିଭାଜନ, ଘୃଣାର ରାଜନୀତି ଓ ସମ୍ବିଧାନ ବିରୋଧୀ କାର୍ଯ୍ୟ ବନ୍ଦ କରାଯିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଆଦିବାସୀ ଓ ଦଳିତଙ୍କ ଉପରେ ଘଟୁଥିବା ଅତ୍ୟାଚାରର ଦ୍ରୁତ ବିଚାର କରି ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯିବା ସହିତ ପୀଡ଼ିତଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି କରାଯାଇଛି । ଜଳ, ଜଙ୍ଗଲ, ଜମି ଓ ଖଣିଜ ସମ୍ପଦ ଉପରେ ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରାଯିବାକୁ ଦାବି କରାଯାଇଛି । ଜଙ୍ଗଲ ଅଧିକାର ଆଇନ - ୨୦୦୬ ଅନୁଯାୟୀ ଜଙ୍ଗଲ ଅଧିକାର ପଟ୍ଟା ପ୍ରଦାନ କରି ଆଦିବାସୀଙ୍କ ସମ୍ମତି ବିନା ଜମି ଅଧିଗ୍ରହଣ ଓ ଖଣି ଖନନ ବନ୍ଦ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ପୋଲିସ୍ ଦମନ ବନ୍ଦ କରି ଗ୍ରାମସଭାର ସାମ୍ବିଧାନିକ ଅଧିକାରକୁ ସମ୍ମାନ ଦିଆଯିବାକୁ ଦାବି କରାଯାଇଛି । ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ରାଉରକେଲା ଆଞ୍ଚଳିକ କମିଟିର ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ସମେତ ସୁମନ୍ତ ବେହେରା, ବି ପି ମହାପାତ୍ର, ଅଜୟ ଶର୍ମା, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ମାଝି, କବି ପ୍ରଧାନ, ସି ଦିବାକର ରାଓ, ଅଜିତ୍ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ ।




# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା
## ବିଜ୍ଞାନର ଆଲୋକରେ ଭବିଷ୍ୟତ ଗଢିବା

ବୋଲଗଡ଼, ୩୧ ।୭(ନିପ୍ର); ଓଡିଶା ଶିକ୍ଷା ବିକାଶ ସମିତି ନିର୍ଦ୍ଦେଶକ୍ରମେ ରାଜସୁନାଖଳାସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଆବାହକତ୍ୱରେ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦଘାଟିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁମନ୍ଦିର ପରିଚାଳନା କମିଟିର ସଭାପତି ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଇଂ ପ୍ରଦୀପ୍ତ କୁମାର ନନ୍ଦ, ମୁଖ୍ୟବକ୍ତାଭାବେ ସମ୍ପାଦକ ଗୌରଚରଣ ସାମନ୍ତ ସିଂହାର ଓ ସମ୍ମାନିତ ଭାବେ ରାଜସୁନାଖଳା ସଂକୁଳ ପ୍ରମୁଖ ସାନନ୍ଦ କୁମାର ସାହୁ ପ୍ରମୁଖ ଯୋଗଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ ।

ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଚାର୍ଯ୍ୟ ନିରଞ୍ଜନ ପ୍ରସାଦ ଦାସ ମଞ୍ଚ ପରିଚାଳନା କରୁଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳା ପ୍ରତିଯୋଗିତାରେ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଏହି ଜ୍ଞାନ ଓ ବିଜ୍ଞାନ ମେଳର ବିଚାରକ ଭାବେ ବାଙ୍କୋଇ ପି ଏମ ଶ୍ରୀ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶୁଭେନ୍ଦୁ କୁମାର ସ୍ୱାଇଁ ଓ ସୁର୍କାବାଡ଼ି ମହିଳା ଉଚ୍ଚ ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରମୋଦିନୀ ପଟ୍ଟନାୟକ



ଯୋଗଦେଇଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଉଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ୨୫ଜଣ ଛାତ୍ରଛାତ୍ରୀଙ୍କୁ ସଂକୁଳସ୍ତରୀୟ ଜ୍ଞାନ, ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି ।

# ବୌଦ୍ଧ ଜିଲ୍ଲାରେ ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ଜିଲ୍ଲାପାଳ

ବୌଦ୍ଧ,୩୧ ।୭ (ନିପ୍ର); ବୌଦ୍ଧ ଜିଲ୍ଲାର ବର୍ତ୍ତମାନର ବନ୍ୟା ପରିସ୍ଥିତିର ସମୀକ୍ଷା, କ୍ଷୟକ୍ଷତିର ଆକଳନ ଏବଂ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ , ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଅଗ୍ନିଶମ ବିଭାଗ, କୃଷି, ଉଦ୍ୟାନ କୃଷି, ୱାଟରସେଡ୍, ପ୍ରାଣୀ ସମ୍ପଦ, ଗ୍ରାମ୍ୟ ଉନ୍ନୟନ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର, ଆରଡବ୍ଲ୍ୟୁଏସ୍ଏସ୍, ଜଳସମ୍ପଦ, ଟିପିଏସ୍ଓଡିଏଲ୍, ଆର ଆଣ୍ଡ ବି, ପୌରପାଳିକା, ପିଏଚ୍ଇଡି, ମତ୍ସ୍ୟ, ଶ୍ରମ, ପରିବହନ, ଜିଲ୍ଲା ଶିକ୍ଷା, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ଓଡ୍ରାଫ୍ ସମେତ ସମସ୍ତ ସମ୍ପୃକ୍ତ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ । ବନ୍ୟା ପରିସ୍ଥିତି ମୁକାବିଲା କରିବା ପାଇଁ ହରଭଂଗା ବ୍ଲକ୍ ପାଇଁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, କଣ୍ଟାମାଳ ବ୍ଲକ ପାଇଁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଓ ବୌଦ୍ଧ ବ୍ଲକ୍ ପାଇଁ ଉପଜିଲ୍ଲାପାଳ ବିନୟ କୁମାର ଭୋଇଙ୍କୁ ନୋଡାଲ ଅଧିକାରୀ ଭାବରେ ଦାୟିତ୍ୱ ଅର୍ପଣ କରାଯାଇଛି କ୍ଷ କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ ବିଭାଗ ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀ ମାନେ ୩ ଦିନ ଭିତରେ ବନ୍ୟା ଜନିତ କ୍ଷୟକ୍ଷତିର ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ରିପୋର୍ଟ କୁ ତୁରନ୍ତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କୁ ପଠାଯିବ । ଜିଲ୍ଲାପାଳ ସମସ୍ତ ବିଭାଗକୁ ସଜାଗ ରହି ତଳିଆ ଅଞ୍ଚଳ, ବିଚ୍ଛିନ୍ନଗ୍ରାମ ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ନିରନ୍ତର ନଜର ରଖିବା, ଆବଶ୍ୟକ ସ୍ଥାନରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ବିଦ୍ୟୁତ ଯୋଗାଣ ଏବଂ ଯୋଗାଯୋଗ ବ୍ୟବସ୍ଥାକୁ ସୁଚାରୁ ରଖିବା ସହ ଜନସାଧାରଣଙ୍କୁ ସତର୍କ ଓ ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ।



# ଯାଜପୁର ଜିଲ୍ଲାରେ ପ୍ରବଳ ବନ୍ୟା : ୧,୩୭,୦୧୦ ଲୋକ ପ୍ରଭାବିତ
## ୨୦,୨୦୬.୩ ହେକ୍ଟର ଚାଷ ଜମିରେ ବନ୍ୟା ଜଳ

ଯାଜପୁର,୩୧ ।୭(ନିପ୍ର):ଯାଜପୁର ଜିଲ୍ଲାରେ ବୈତରଣୀ, କାଣୀ, ବ୍ରାହ୍ମଣୀ, ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ଦଶରଥପୁର, ଯାଜପୁର, ବରୀ, ରସୁଲପୁର, କୋରେଇ, ଧର୍ମଶାଳା, ବଡ଼ଚଣା ଓ ବିଞ୍ଝାରପୁର ବ୍ଲକର ଲୋକମାନେ ପ୍ରଭାବିତ ହେବା ସହ ବିଲବାଡ଼ି ଜଳ ପ୍ଲାବିତ ହୋଇଅଛି । ଜିଲ୍ଲାପାଳ ଅମ୍ବର କୁମାର କର ଦଶରଥପୁର, ବରୀ, ବିଞ୍ଝାରପୁର ଅଞ୍ଚଳ ଗସ୍ତ କରି ବନ୍ୟା ସମସ୍ୟା ଅନୁଧାନ କରିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି । ବନ୍ୟା ପରିସ୍ଥିତି କୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବିଭିନ୍ନ ବ୍ଲକ୍ ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ନିୟୋଜିତ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଯୁଧିଷ୍ଠିର ନାଏକଙ୍କୁ ଦଶରଥପୁର ବ୍ଲକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁଙ୍କୁ ବରୀ ବ୍ଲକ୍, ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦଙ୍କୁ ବିଞ୍ଝାରପୁର ବ୍ଲକ୍, ଉପ ଜିଲ୍ଲାପାଳ, ତାପସ ରଞ୍ଜନ ଦେହୁରୀଙ୍କୁ ରସୁଲପୁର ବ୍ଲକ ଓ ଧର୍ମଶାଳା ବ୍ଲକ୍, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦଙ୍କୁ କୋରେଇ ବ୍ଲକ, ଦାନଗଦି ବ୍ଲକ, ସୁକିନ୍ଦା ବ୍ଲକ୍ ଓ ବ୍ୟାସନଗର ମ୍ୟୁନିସିପାଲିଟି,



ଅତିରିକ୍ତ ଉପ ଜିଲ୍ଲାପାଳ, ପଲ୍ଲବୀ ରାଣୀ ରାଜଙ୍କୁ ବଡ଼ଚଣା ବ୍ଲକ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତିଙ୍କୁ ଯାଜପୁର ମ୍ୟୁନସିପାଲିଟିର ବନ୍ୟା ପରିସ୍ଥିତି ଅନୁଧାନ କରି ଉଦ୍ଧାର କାର୍ଯ୍ୟର ତଦାରଖ କରିବା ନିମନ୍ତେ ନିୟୋଜିତ କରାଯାଇଛି । ଅବକାରୀ ବିଭାଗ କମିଶନର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀ ବନ୍ୟା ପ୍ରଭାବିତ ବରୀ ଅଞ୍ଚଳ ପରିଦର୍ଶନ କରିବା ସହ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା ଓ ତଦାରଖ କରୁଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୦୮ ଟି ବ୍ଲକ୍ ଯଥା: ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର, ବରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା ବ୍ଲକ୍ ପ୍ରଭାବିତ ହୋଇଛି ।

ସମୁଦାୟ ୯୭ ଟି ଗ୍ରାମ ପଞ୍ଚାୟତ, ୨୭୫ ଟି ଗ୍ରାମ ଓ ଯାଜପୁର ମ୍ୟୁନସିପାଲିଟି ପ୍ରଭାବିତ ହୋଇଛି । ୦୧ ଗୋଟି ୱାର୍ଡ ପ୍ରଭାବିତ ହୋଇଛି । ୧,୩୭,୦୧୦ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୩୫,୫୭୨ ଜଣଙ୍କୁ ଉଦ୍ଧାର କରାଯାଇ ୧୦୮ ଟି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ୯୧ ଟି ରିଲିଫ ସେଣ୍ଟର୍ ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ସମୁଦାୟ ୫୨,୮୩୫ ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ, ୨୦,୨୦୬.୩ ହେକ୍ଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ କ୍ଷତିଗ୍ରସ୍ତ ହୋଇଛି । ୨୯୮.୮୩ କ୍ୱିଣ୍ଟାଲ୍ ଚୁଡ଼ା, ୪୪.୧୩ କ୍ୱିଣ୍ଟାଲ୍ ଗୁଡ଼ ୧୬ ଟି ପଲିଥିନ୍ ରୋଲ୍, ୭୫ କେ.ଜି ମୁଢ଼ି, ୩୦୦ ପ୍ୟାକେଟ୍ ବିସ୍କୁଟ, ୩୦୦ ପ୍ୟାକେଟ୍ ଦିଆସିଲି ଏବଂ ୩୦୦ ପ୍ୟାକେଟ୍ ମହମବତୀ ବଣ୍ଟା ସରିଛି । ୦୮ ଟି ମେଡିକାଲ ଟିମ୍ ନିୟୋଜିତ ହୋଇଥିବା ବେଳେ ୦୪ ଟି ଭେଟେନାରି ଟିମ୍ ନିୟୋଜିତ କରାଯାଇଛି । ୦୧ ଟି ଏନ୍.ଡି.ଆରଏଫ୍ ଟିମ୍, ୦୪ ଟି ଓଡ୍ରାଫ୍ ଟିମ୍ ଏବଂ ୧୨ ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ କରାଯାଇଛି । ନଦୀଗୁଡ଼ିକର ଜଳସ୍ତରକୁ ନେଇ ଆଶ୍ୱସ୍ତିକର ଖବର ମିଳିଛି । ବୈତରଣୀ ନଦୀର ଜଳସ୍ତର ଅପରାହ୍ଣ ୪ଟାରେ ଅଖୁଆପଦା ଠାରେ ତଳକୁ ଖସିଛି ।

**AFFIDAVIT**

By virtue of an affidavit sworn before Executive Magistrate Keonjhar, dated 18/04/2026 I Anil Kumar Naik Son of Muralidhar Naik permanent Address AT- Hatinota, PO- Mishramal, P.S- Pandapada, Dist- Keonjhar, pin- 758079 declare that I have changed the name of my Son from Sambid Kumar Naik to Adhibash Naik henceforth, I shall be known as Adhibash Naik for all purposes.

**Anil Kumar Naik**
**(Applicant Name)**

# ନିଖିଳ ଓଡ଼ିଶା ମହାସଂଘର ବୈଠକ

ଭବାନୀପାଟଣା, ୩୧/୭ (ନି.ପ୍ର)- ରାଜ୍ୟ ସଙ୍ଗଠନର ମାର୍ଗଦର୍ଶିକା ଅନୁଯାୟୀ ନିଖିଳ ଓଡ଼ିଶା ସମ୍ପ୍ରସାରଣ ଅଧିକାରୀ ମହାସଂଘର କଳାହାଣ୍ଡି ଜିଲ୍ଲା ସ୍ତରୀୟ ସାଧାରଣ ପରିଷଦ ବୈଠକ ସଫଳତାର ସହ ଶେଷ ହୋଇଯାଇଛି । ବୈଠକରେ ସଙ୍ଗଠନର ୫ ଦଫା ମୁଖ୍ୟ ଦାବି ଯଥା— ପ୍ରାରମ୍ଭିକ ପେ-ଲେଭଲ୍ ୧୦ କୁ ବୃଦ୍ଧି, ସରକାରୀ ଗାଡ଼ି ସୁବିଧା, ବିଡିଓ ପଦବୀରେ ୫୦% ସଂରକ୍ଷଣ, ସ୍ୱାସ୍ଥ୍ୟ ବୀମା ଏବଂ ସହଯୋଗୀ କର୍ମଚାରୀ ନିଯୁକ୍ତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

# ଯୁବ-ଛାତ୍ର ବିଜେଡି ଓ ଅଭିଭାବକଙ୍କ ପକ୍ଷରୁ ଶିକ୍ଷା ଅଧିକାର ସମାବେଶ

ନୟାଗଡ଼,୩୧ ।୭(ନିପ୍ର);ପାଠ୍ୟ ପୁସ୍ତକରେ ମାତ୍ରାଧିକ ତ୍ରୁଟିକୁ ନେଇ ଉଭୟ ବିରୋଧୀ ଯୁବ ଓ ଛାତ୍ର ବିଜୁ ଜନତା ଦଳ ଆହ୍ୱାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ପଠାଣି ସାମନ୍ତ ପ୍ରେକ୍ଷାଳୟ ଦୁର୍ଗାମଣ୍ଡପଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ନୟାଗଡ଼ ବିଧାୟକ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ସରକାରଙ୍କ ଦୋମୁହାଁ ନୀତିକୁ କଡ଼ା ସମାଲୋଚନା କରିଥିଲେ । ଉକ୍ତ ସଭାରେ ରାଜ୍ୟ ଛାତ୍ର ବିଜେଡି ସଭାନେତ୍ରୀ ଇପସିତା ସାହୁ ଯୋଗ ଦେଇ ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ସହ ଖେଳୁଥିବା କହିଛନ୍ତି । ପିଲାଙ୍କ ପାଠ୍ୟ ପୁସ୍ତକରେ ୩ ହଜାରରୁ ଉର୍ଦ୍ଧ୍ୱ ଭୁଲ ହେବା ରାଜ୍ୟ ସରକାରଙ୍କ ଅପାରଗତା ବୋଲି କହିଥିଲେ । ନବୀନ ସରକାର ରାଜ୍ୟବାସୀଙ୍କୁ ସୁଶାସନ ପ୍ରଦାନ କରୁଥିଲା । ବିଜେପି ସରକାର ଡବଲ ଇଞ୍ଜିନର ମିଛ ଆଶ୍ୱସନା ଦେଇ ଲୋକଙ୍କୁ ଡବଲ ଦୁଃଖ ଦେଇ ଚାଲିଛି ବୋଲି କଟାକ୍ଷ କରିଥିଲେ । ନୟାଗଡ଼




## ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସରକାରଙ୍କ ପ୍ରତି ଜବାବ ରଖିବାକୁ ପ୍ରତ୍ୟେକ ଅଭିଭାବକଙ୍କୁ ଆହ୍ୱାନ ଦେଇଥିଲେ । ପାଠ୍ୟ ପୁସ୍ତକ ଭୁଲ ଗୋଟିଏ ଛୋଟିଆ ଘଟଣା ନୁହେଁ ବୋଲି କହିଥିଲେ । ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ନଦେବା ପର୍ଯ୍ୟନ୍ତ ଜୋରଦାର ଆନ୍ଦୋଳନ ଅନୁଷ୍ଠିତ ହେବ ବୋଲି କହିଥିଲେ । ସେହିଭଳି ଭାବେ ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ ବିଜେପି ସରକାରଙ୍କୁ ସମାଲୋଚନା କରିବା ସହ ଆଜି ବି ଲୋକେ ନବୀନ ବାବୁଙ୍କ ଶାସନ ପ୍ରତି ଆକୃଷ୍ଟ ବୋଲି କହିଥିଲେ । ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, କୋମଳମତି ଛାତ୍ରଛାତ୍ରୀଙ୍କ ପ୍ରତି ସରକାର ଅନ୍ୟାୟ କରିଥିବା କହିଥିଲେ । କେନ୍ଦ୍ରରେ ପ୍ରଶ୍ନପତ୍ର ଲିକ ଘଟଣାକୁ ନେଇ କେନ୍ଦ୍ରମନ୍ତ୍ରୀ ଇସ୍ତଫା ଦେଇଛନ୍ତି, ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତ ବୋଲି ଦାବି କରିଥିଲେ । ଏହି ସଭାରେ ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ପୁଣିଥରେ ନବୀନ ସରକାର ଆବଶ୍ୟକ ବୋଲି କହିଥିଲେ । ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ, ମହିଳା, ବୃଦ୍ଧବୃଦ୍ଧା ଆଜି ଅବହେଳିତ ବୋଲି କହିଥିଲେ । ସରକାର ବୃଦ୍ଧବୃଦ୍ଧାଙ୍କୁ ସଠିକ ସମୟରେ ଭତ୍ତା ଦେଇପାରୁନଥିବା, ଚାଷୀଙ୍କୁ ସାର ଦେଇ ପାରୁନଥିବା ଅଭିଯୋଗ ଉଠାଇଥିଲେ । ନୟାଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମହିଳା ବିଜେଡି ସଭାନେତ୍ରୀ ବିରଜା ଲକ୍ଷ୍ମୀ ସାହୁ, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ, ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର, ସୁବାଷ ଚନ୍ଦ୍ର କହଁର, ଧର୍ମେନ୍ଦ୍ର ଧଳ, ସଂଯୁକ୍ତା ପଢ଼ିଆରୀ, ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ଅମରେଶ୍ୱର ଜେନା, ପୂର୍ବତନ ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା, ଅମୁଲ୍ୟ ସାହୁ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଗର୍ଜନ କରିଥିଲେ । ପଠାଣି ସାମନ୍ତ ପ୍ରେକ୍ଷାଳୟଠାରୁ ବିଶାଳ ଶୋଭାଯାତ୍ରା ବାହରି ପୁରୁଣା ଷ୍ଟେଟ୍ ବ୍ୟାଙ୍କ ରୋଡ଼ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ୫ ହଜାରରୁ ଉର୍ଦ୍ଧ୍ୱ ମହିଳା, ଛାତ୍ର, ଅଭିଭାବକ ଓ ବିଜୁ ଜନତା ଦଳ କର୍ମୀ ଜୋରଦାର ବିକ୍ଷୋଭ ପଦର୍ଶନ କରିଥିଲେ ।

### ପୁଲିସ ପୋଷ୍ଟ ଉପରେ ଆତଙ୍କବାଦୀ ଆକ୍ରମଣ

# ୧୧ ସୁରକ୍ଷାକର୍ମୀ ମୃତ



**ଇସଲାମାବାଦ, ୩୧/୭:** ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ପାକିସ୍ତାନ-ଆଫଗାନିସ୍ତାନ ସୀମାନ୍ତରେ ଥିବା ହାଙ୍ଗୁ ଜିଲ୍ଲାରେ ଖାଜିନା ପୁଲିସ ପୋଷ୍ଟ ଉପରେ ଆତଙ୍କବାଦୀ ଆକ୍ରମଣରେ ୧୧ ଜଣ ସୁରକ୍ଷାକର୍ମୀଙ୍କର ମୃତ୍ୟୁ ହୋଇଛି। ଏହି ଆକ୍ରମଣରେ ୨୨ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ଘଣ୍ଟାଏ ଧରି ଗୁଳିବିନିମୟରେ ପନ୍ଦର ଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିଲେ। ଆତଙ୍କବାଦୀ ଆକ୍ରମଣ ପାଇଁ ଏପର୍ଯ୍ୟନ୍ତ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରିନାହାନ୍ତି ବୋଲି ଆସୋସିଏଟେଡ୍ ପ୍ରେସ୍ ରିପୋର୍ଟ କରିଛି। ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ସନ୍ଦେହ ଘେରକୁ ଆସିଛି। କାରଣ ଟିଟିପି ଗତ କିଛି ମାସ ମଧ୍ୟରେ ଏହି ଅଞ୍ଚଳରେ ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ସିରିଜ୍ ଆକ୍ରମଣ କରିଛି। ପାକିସ୍ତାନ ପୁଲିସ ଅଧିକାରୀ ମଧ୍ୟ ଟିଟିପିକୁ ଆତଙ୍କବାଦୀ ଆକ୍ରମଣ ପାଇଁ ଦାୟୀ କରିଛନ୍ତି। ପୁଲିସ ଚେକ୍ ପୋଷ୍ଟ ଉପରେ ଆକ୍ରମଣ ପରେ ତୁରନ୍ତ ଅଧିକ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ସହାୟତା ପାଇଁ ପହଞ୍ଚି ଥିଲା ବୋଲି ପୁଲିସ ଇନ୍ସପେକ୍ଟର ଜେନେରାଲ ଜୁଲଫିକର ହମିଦ କହିଛନ୍ତି। ତେବେ ଅତିରିକ୍ତ ସୁରକ୍ଷାବଳ ନେଇ ଆସୁଥିବା ଗାଡ଼ି ଉପରେ ମଧ୍ୟ ଆକ୍ରମଣ ହୋଇଥିଲା। ପୁଲିସ କହିଛି ଯେ, ଆତଙ୍କବାଦୀମାନେ ଭାରୀ ଅସ୍ତ୍ରଶସ୍ତ୍ର ସହିତ ପୁଲିସ ପୋଷ୍ଟ ଉପରେ ଆକ୍ରମଣ କରିଥିଲେ।

## ବିଜେପିରୁ ଇସ୍ତଫା ଦେଲେ ଶହଜାଦ ପୁନାୱାଲା




**ନୂଆଦିଲ୍ଲୀ, ୩୧/୭:** ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ଶହଜାଦ ପୁନାୱାଲା ଦଳରୁ ଇସ୍ତଫା ଦେଇଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶହଜାଦ ବିଜେପିର ଶୀର୍ଷ ନେତୃତ୍ୱକୁ ତାଙ୍କ ଇସ୍ତଫା ପ୍ରଦାନ କରିଛନ୍ତି। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନିଜ ବାୟୋ ବଦଳାଇଛନ୍ତି ଓ ସେଥିରୁ ବିଜେପି ହଟେଇ ଦେଇଛନ୍ତି। ପୁନାୱାଲା ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା କହିଛନ୍ତି। ତେବେ ଇନଷ୍ଟାଗ୍ରାମ ଆକାଉଣ୍ଟ ପ୍ରୋଫାଇଲରେ ଏବେବି ତାଙ୍କୁ ବିଜେପି ପ୍ରବକ୍ତା ଭାବେ ଦର୍ଶାଇଛନ୍ତି। ପୁନାୱାଲା ତାଙ୍କର ଅପଡେଟ୍ ହୋଇଥିବା 'ଏକ୍ସ' ବାୟୋର ଏକ ସ୍କ୍ରିନସଟ୍ ସେୟାର କରିଛନ୍ତି ଯେଉଁଥିରେ ଲେଖାଯାଇଛି, ଧର୍ମ: ଇସଲାମ, ସଂସ୍କୃତି: ହିନ୍ଦୁ, ବିଚାରଧାରା: ଭାରତୀୟ। ଶହଜାଦ ପୁନାୱାଲା ୨୦୧୭ ମସିହାରେ କଂଗ୍ରେସ ଦଳ ଛାଡି ବିଜେପିରେ ଯୋଗ ଦେଇଥିଲେ। କଂଗ୍ରେସ ଛାଡ଼ିବା ସମୟରେ ଦଳର ଅଧ୍ୟକ୍ଷ ପଦ ନିର୍ବାଚନ ପ୍ରକ୍ରିୟାକୁ ଲୋକଦେଖାଣିଆ ବୋଲି କହି ତୀବ୍ର ସମାଲୋଚନା କରିଥିଲେ।

## ଜାପାନରେ ଭୂମିକମ୍ପ: ମୃତ୍ୟୁସଂଖ୍ୟା ୩୪କୁ ବୃଦ୍ଧି


**ଟୋକିଓ, ୩୧/୭:** ଦକ୍ଷିଣ-ପଶ୍ଚିମ ଜପାନର କୁମାମୋଟୋ ଅଞ୍ଚଳରେ ହୋଇଥିବା ଶକ୍ତିଶାଳୀ ଭୂମିକମ୍ପ ଯୋଗୁଁ ମୃତ୍ୟୁସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ମଙ୍ଗଳବାର ଦିନ କ୍ୟୁଶୁ ଦ୍ୱୀପରେ ଅନୁଭୂତ ହୋଇଥିବା ୭.୧ ତୀବ୍ରତାର ଏହି ବିନାଶକାରୀ ଭୂମିକମ୍ପ ଯୋଗୁଁ ଅନେକ ଘରଦ୍ୱାର ଭାଙ୍ଗି ଚୁରମାର ହୋଇଯିବା ସହ ଶପିଂ ମଲରେ ବିସ୍ଫୋରଣ ଏବଂ କାରଖାନାର ଚିମନି ଭୁଶୁଡ଼ି ପଡ଼ିଛି। କୁମାମୋଟୋ ପ୍ରାନ୍ତୀୟ ସରକାରଙ୍କ ସୂଚନା ଅନୁଯାୟୀ, ୩୪ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଥିବା ବେଳେ ଅନ୍ୟ ଜଣଙ୍କ ମୃତ୍ୟୁର କାରଣ ଯାଞ୍ଚ କରାଯାଉଛି। ଏହି ବିପର୍ଯ୍ୟୟରେ ୮୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି, ଯେଉଁଥିମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସାଧାରଣ ନାଗରିକଙ୍କ ସୁରକ୍ଷା ପାଇଁ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିଶେଷ କରି କାଶିମା ସହରର ଆଓନ୍ ମଲ୍ ଶପିଂ ସେଣ୍ଟରରେ ଭୂମିକମ୍ପ ସମୟରେ ହଜାର ହଜାର ଲୋକ ଥିବା ବେଳେ ମଲର ଦ୍ୱିତୀୟ ମହଲା ଭୁଶୁଡ଼ି ପଡ଼ିବାରୁ ଅନେକ ଲୋକ ଫସି ରହିଥିଲେ। ସେଠାରୁ ୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ୧୧ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। ସେହିପରି ୟାସୁଶିରୋ ଅଞ୍ଚଳରେ ଥିବା ନିପନ୍ ପେପର ଇଣ୍ଡଷ୍ଟ୍ରିଜ୍ କାରଖାନାର ଚିମନି ଭୁଶୁଡ଼ି ପଡ଼ିବାରୁ ୯ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରଭାବିତ ଅଞ୍ଚଳରେ ୩,୫୦୦ରୁ ଅଧିକ ଘରକୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିବା ବେଳେ ୯,୦୦୦ରୁ ଊର୍ଦ୍ଧ୍ୱ ଲୋକ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରହୁଛନ୍ତି।

## ସେପ୍ଟେମ୍ବରରେ ଭାରତ ଆସିପାରନ୍ତି ଚୀନ୍ ରାଷ୍ଟ୍ରପତି



**ନୂଆଦିଲୀ, ୩୧/୭:** ଚୀନ୍ ରାଷ୍ଟ୍ରପତି ସି ଜିନପିଂ ଆସନ୍ତା ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଗସ୍ତ କରିବାର ସମ୍ଭାବନା ରହିଛି। ୨୦୨୦ ଗାଲୱାନ୍ ଘାଟିରେ ସୀମା ବିବାଦ ଓ ସଂଘର୍ଷ ପରେ ଏହା ଜିନପିଂଙ୍କ ପ୍ରଥମ ଭାରତ ଗସ୍ତ ହେବ। ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ୨୦୧୩ରୁ ଚୀନର ରାଷ୍ଟ୍ରପତି ଭାବେ କାର୍ଯ୍ୟରତ ଜିନପିଂ ପୂର୍ବରୁ ତିନିଥର ଭାରତ ଗସ୍ତ କରିସାରିଥିବା ବେଳେ ୨୦୧୯ ଅକ୍ଟୋବରରେ ଶେଷଥର ପାଇଁ ଆସିଥିଲେ। ଏହି ସମ୍ଭାବ୍ୟ ଗସ୍ତ ପୂର୍ବରୁ ଦ୍ୱିପାକ୍ଷିକ କୂଟନୈତିକ ଆଲୋଚନାକୁ ଆହୁରି ସୁଦୃଢ଼ କରାଯାଉଛି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲ୍ ଉଚ୍ଚସ୍ତରୀୟ ଆଲୋଚନା ପାଇଁ ଚୀନ୍ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହାବ୍ୟତୀତ ଆସନ୍ତା ସପ୍ତାହଗୁଡ଼ିକରେ ସୀମା ବିବାଦ ସଂକ୍ରାନ୍ତୀୟ ନିୟମିତ ପରାମର୍ଶ ଓ ସମନ୍ୱୟ ବୈଠକ ଏବଂ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନା ଅନୁଷ୍ଠିତ ହେବ।

## ପାକିସ୍ତାନରେ ୧୦ ପର୍ବତାରୋହୀ ନିଖୋଜ



**ଇସଲାମାବାଦ, ୩୧/୭:** ପାକିସ୍ତାନର କାରାକୋରମ ପର୍ବତମାଳାରେ ଅବସ୍ଥିତ ବିଶ୍ୱର ୧୨ତମ ଉଚ୍ଚ ଶୃଙ୍ଗ ''ବ୍ରୋଡ୍ ପିକ୍''ରେ ଏକ ଭୟଙ୍କର ତୁଷାରପାତ ଯୋଗୁଁ ନେପାଳର ପ୍ରସିଦ୍ଧ ପର୍ବତାରୋହୀ ନିର୍ମଳ ପୁର୍ଜାଙ୍କ ସମେତ ୧୦ ଜଣ ପର୍ବତାରୋହୀ ନିଖୋଜ ହୋଇଯାଇଛନ୍ତି। ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ୭,୦୦୦ ମିଟର ଉଚ୍ଚତାରେ ଏହି ଦୁର୍ଘଟଣା ଘଟିଥିବା ନେପାଳ ପର୍ବତାରୋହଣ ସଂଘର ସାଧାରଣ ସମ୍ପାଦକ ରାଜ ବାହାଦୁର ଲାମା ସୂଚନା ଦେଇଛନ୍ତି। ନିଖୋଜଙ୍କ ମଧ୍ୟରେ ୫ ଜଣ ନେପାଳୀ ଏବଂ ଆମେରିକା, ଚୀନ୍, ଓମାନ ଓ ପାକିସ୍ତାନର ପର୍ବତାରୋହୀ ଶାମିଲ ଅଛନ୍ତି। ପ୍ରତିକୂଳ ପାଣିପାଗ ଯୋଗୁଁ ହେଲିକପ୍ଟର ଅବତରଣ କରିପାରୁ ନଥିବାରୁ ଉଦ୍ଧାର କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ନିର୍ମଳ ପୁର୍ଜା ପୂର୍ବରୁ ଗୋର୍ଖା ଓ ବ୍ରିଟିଶ୍ ସ୍ପେଶାଲ ଫୋର୍ସର ସୈନିକ ଥିଲେ ଏବଂ ୨୦୧୯ରେ ମାତ୍ର ୬ ମାସ ମଧ୍ୟରେ ବିଶ୍ୱର ସମସ୍ତ ୧୪ଟି ୮,୦୦୦ ମିଟରରୁ ଉଚ୍ଚ ଶୃଙ୍ଗ ଆରୋହଣ କରି ବିଶ୍ୱରେକର୍ଡ ସୃଷ୍ଟି କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଭୂମିକାକୁ ଦୃଢ଼ ସମର୍ଥନ

**ନୂଆଦିଲ୍ଲୀ, ୩୧/୭:** ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଏବଂ ଅନ୍ୟ ନିର୍ବାଚନ ଆୟୁକ୍ତମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଦୃଢ଼ ଭାବେ ସମର୍ଥନ କରିଛନ୍ତି। ପ୍ରଧାନମନ୍ତ୍ରୀ, ଜଣେ କେନ୍ଦ୍ର ମନ୍ତ୍ରୀ ଏବଂ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ତିନିଜଣିଆ କମିଟି ଦ୍ୱାରା ହେଉଥିବା ଏହି ନିଯୁକ୍ତିରେ ପ୍ରଧାନମନ୍ତ୍ରୀଙ୍କ ଭୂମିକାକୁ ନେଇ ସନ୍ଦେହ କରିବାର କୌଣସି କାରଣ ନାହିଁ ବୋଲି ସରକାର ଅଦାଲତଙ୍କୁ ଜଣାଇଛନ୍ତି। ନିର୍ବାଚନ ଆୟୁକ୍ତ ନିଯୁକ୍ତି ଆଇନ, ୨୦୨୩ର ସାମ୍ବିଧାନିକ ବୈଧତାକୁ ଆହ୍ୱାନ କରି ଦାଖଲ ହୋଇଥିବା ଆବେଦନଗୁଡ଼ିକର ଶୁଣାଣି କରି ବିଚାରପତି ଦୀପଙ୍କର ଦତ୍ତ ଏବଂ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ନିଜର ରାୟ ସଂରକ୍ଷିତ ରଖିଛନ୍ତି।ଶୁଣାଣି ସମୟରେ ସୋଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ଦର୍ଶାଇଥିଲେ ଯେ, ପ୍ରଧାନମନ୍ତ୍ରୀ ପଦବୀର ଏକ ପବିତ୍ରତା ରହିଛି ଏବଂ କାର୍ଯ୍ୟପାଳିକା ଗଣତାନ୍ତ୍ରିକ ମୂଲ୍ୟବୋଧ ବିରୋଧରେ କାର୍ଯ୍ୟ କରିବ ବୋଲି ଆଗୁଆ ଧାରଣା କରିବା ଅଦାଲତ ପକ୍ଷେ ଉଚିତ ନୁହେଁ।



ନିଯୁକ୍ତି କମିଟିକୁ ନେଇ ପ୍ରଶ୍ନ ଉଠାଇବା ଅର୍ଥ ସଂସଦର ସାମ୍ବିଧାନିକ ବିଚକ୍ଷଣତା ଓ ନିର୍ବାଚିତ ଅନୁଷ୍ଠାନଗୁଡ଼ିକ ଉପରେ ରହିଥିବା ବିଶ୍ୱାସକୁ ସନ୍ଦେହ କରିବା ସହ ସମାନ। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଏହି ମାମଲାରେ ସମ୍ବିଧାନର ଧାରା ୩୨୪ର ତର୍ଜମା ଜଡ଼ିତ ଥିବାରୁ ଏହାକୁ ଏକ ବୃହତ୍ତର ସମ୍ବିଧାନ ପୀଠକୁ ପଠାଯିବା ଆବଶ୍ୟକ। ୨୦୨୩ ଆଇନ ବଳରେ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତିଙ୍କୁ କମିଟିରୁ ହଟାଇ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ସାମିଲ କରାଯାଇଥିଲା, ଯାହା ଦ୍ୱାରା ନିଯୁକ୍ତି ପ୍ରକ୍ରିୟାରେ ସରକାରଙ୍କ ବହୁମତ ରହିଛି। ଅନ୍ୟପକ୍ଷରେ, ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ ଏହି ବିଷୟଟି ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅବିଶ୍ୱାସର ନୁହେଁ, ବରଂ ନିର୍ବାଚନ ଆୟୋଗ ଭଳି ଏକ ସ୍ୱାଧୀନ ସଂସ୍ଥାର ନିଯୁକ୍ତି ପ୍ରକ୍ରିୟାରେ ନିରପେକ୍ଷତା ଓ ସାଧାରଣ ଜନତାଙ୍କ ଆସ୍ଥା ବଜାୟ ରଖିବାର ବିଷୟ। ବିଚାରପତି ଦୀପଙ୍କର ଦତ୍ତ ମନ୍ତବ୍ୟ ଦେଇଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଉପରେ ଆମର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି, କିନ୍ତୁ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସାଧୁତା ପରିଲକ୍ଷିତ ହେବା ଆବଶ୍ୟକ। ଦୁଇପକ୍ଷର ବ୍ୟାପକ ଯୁକ୍ତିଶୁଣାଣି ପରେ, ମାମଲାଟିକୁ ସମ୍ବିଧାନ ପୀଠକୁ ପଠାଯିବ କି ନାହିଁ ସେହି ପ୍ରାରମ୍ଭିକ ପ୍ରଶ୍ନ ଉପରେ ସୁପ୍ରିମକୋର୍ଟ ନିଜ ନିଷ୍ପତ୍ତି ସୁରକ୍ଷିତ ରଖିବା ସହ ଲିଖିତ ପକ୍ଷ ରଖିବାକୁ ଅନୁମତି ଦେଇଛନ୍ତି।

# ନ୍ୟାୟ ଦାବି କଲେ ଆହତ ପୁଲିସଙ୍କ ପରିବାର



**ନୂଆଦିଲ୍ଲୀ, ୩୧/୭:** କକ୍ରୋଚ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ଛାତ୍ରଙ୍କ ପ୍ରତିବାଦ ସମୟରେ ଆହତ ହୋଇଥିବା ଦିଲ୍ଲୀ ପୁଲିସ କର୍ମଚାରୀଙ୍କ ପରିବାରର ସଦସ୍ୟମାନେ ପ୍ରତିବାଦ ସମୟରେ ପୁଲିସ ବାହିନୀର କାର୍ଯ୍ୟ ପାଇଁ ସେମାନଙ୍କୁ ନିନ୍ଦା କରିବା ବନ୍ଦ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଦିଲ୍ଲୀରେ ସମ୍ପ୍ରତି ଛାତ୍ର ପ୍ରତିବାଦ ସମୟରେ ଆହତ ହୋଇଥିବା ଦିଲ୍ଲୀ ପୁଲିସ କର୍ମଚାରୀଙ୍କ ପରିବାର ଶୁକ୍ରବାର ଦିନ ଦାବି କରିଛନ୍ତି ଯେ, ଆନ୍ଦୋଳନ ସମୟରେ ପୁଲିସ ଅଧିକାରୀମାନେ ପ୍ରବଳ ହିଂସାର ଶିକାର ହୋଇଥିଲେ। ସେମାନେ କହିଛନ୍ତି ଯେ, ଅନେକ ପୁଲିସ ନୂଆଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ପୀଡ଼ିତ ପୁଲିସ କର୍ମଚାରୀଙ୍କ ପରିବାରର ସଦସ୍ୟମାନେ ପୁଲିସ ଉପରେ ହୋଇଥିବା ଆକ୍ରମଣର ଭିଡିଓ ଉପସ୍ଥାପନ କରିଛନ୍ତି। ସେମାନେ କହିଥିଲେ ଯେ, ଛାତ୍ରଙ୍କ ପ୍ରତିବାଦ ଚାଲିଥିବାବେଳେ ଅନେକ ଅସାମାଜିକ ଲୋକ ସେଠାକୁ ପ୍ରବେଶ କରିଆସିଥିଲେ। ସେମାନଙ୍କ ଆକ୍ରମଣରେ ଅନେକ ପୁଲିସ ଅଧିକାରୀ ଗୁରୁତର ହୋଇଥିବାବେଳେ ସେମାନଙ୍କର ଏବେବି ଚିକିତ୍ସା ଚାଲିଛି। ପୁଲିସ କର୍ମଚାରୀଙ୍କ ପରିବାର ମଧ୍ୟ ସେମାନଙ୍କ ପାଇଁ ନ୍ୟାୟ ଦାବି କରିଛନ୍ତି। ପରିବାରବର୍ଗ ଯୁକ୍ତି ଦେଇଥିଲେ ଯେ, ଛାତ୍ରମାନଙ୍କ ଉପରେ ପୁଲିସର ଅତ୍ୟାଚାର ଅଭିଯୋଗ ଦ୍ୱାରା ସେମାନଙ୍କ ଦୁଃଖ ଢାଙ୍କି ହୋଇଯାଇଛି। ସେମାନେ ପୁଲିସ କର୍ମଚାରୀଙ୍କୁ ନିନ୍ଦା କରିବା ବନ୍ଦ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ପ୍ରତିବାଦ ସମୟରେ ଆହତ ହୋଇଥିବା ଦିଲ୍ଲୀ ପୁଲିସର ଜଣେ ସବ୍ ଇନ୍ସପେକ୍ଟରଙ୍କ ଝିଅ ଦାବି କରିଛନ୍ତି ଯେ, ତାଙ୍କ ବାପାଙ୍କୁ ପ୍ରତିବାଦକାରୀ ପିଟିପିଟି ଅଧମରା କରି ଦେଇଥିଲେ। ସେ ବହୁ ସମୟ ଧରି ଚେତାଶୂନ୍ୟ ହୋଇଯାଇଥିଲେ। ଏହା ପରିବାରକୁ ଗଭୀର ଆଘାତ ଦେଇଛି। ଦିଲ୍ଲୀ ପୁଲିସର ଅନ୍ୟ ଜଣେ ଆସିଷ୍ଟାଣ୍ଟ ସବ-ଇନସ୍ପେକ୍ଟରଙ୍କ ପତ୍ନୀ ସୀମା କହିଛନ୍ତି ଯେ, ତାଙ୍କ ସ୍ୱାମୀ କନଷ୍ଟେବଳ ଭାବରେ ପୁଲିସରେ ଯୋଗ ଦେଇଥିଲେ ଓ ୩୩ ବର୍ଷ ଧରି ସେବା କରି ଆସୁଛନ୍ତି। ଜୁଲାଇ ୨୦ ତାରିଖରେ ସଂସଦ ଅଭିମୁଖେ ସିଜେପିର ପଦଯାତ୍ରା ସମୟରେ ପଥର ମାଡ଼ ହେବାପରେ ସେ ଗଭୀର ଆହତ ହୋଇଥିଲେ। ଆକ୍ରମଣ ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବୋଲି ଦାବି କରିଛନ୍ତି।କରୁଛନ୍ତି।

# ଗ୍ରୀଷ୍ମପ୍ରବାହରେ ନିଯୁକ୍ତି ପ୍ରଭାବିତ ହେବ: ବିଶ୍ୱବ୍ୟାଙ୍କ

ନୂଆଦିଲ୍ଲୀ, ୩୧/୭: ଭାରତୀୟ ସହରଗୁଡ଼ିକରେ ତାପମାତ୍ରାରେ ହୋଇଥିବା ବୃଦ୍ଧି ଶ୍ରମକୁ ଗୁରୁତର ପ୍ରଭାବିତ କରିବ। ବିଶ୍ୱବ୍ୟାଙ୍କ ଏହାକୁ ନେଇ ସତର୍କ କରାଯାଇଛି। ଏହି ସମସ୍ୟା ଆଗାମୀ ଦିନରେ ଆହୁରି ଗମ୍ଭୀର ହେବ ବୋଲି ଜଣାଇଛି। ବିଶ୍ୱବ୍ୟାଙ୍କ ଆକଳନ ଅନୁସାରେ ୨୦୩୦ ସୁଦ୍ଧା ନୂଆଦିଲ୍ଲୀ ୨,୬୬,୦୦୦ ପୂର୍ଣ୍ଣକାଳୀନ ନିଯୁକ୍ତି ହରାଇବ। ୨୦୫୦ ସୁଦ୍ଧା ସେହି ସଂଖ୍ୟା ୪,୮୦,୦୦୦ରେ ପହଞ୍ଚିବ। କୋଲକାତା ୨୦୩୦ ସୁଦ୍ଧା ୩,୬୦,୦୦୦ ଓ ୨୦୫୦ ସୁଦ୍ଧା ୩,୯୧,୦୦୦ ନିଯୁକ୍ତି ହରାଇବ। ମୁମ୍ବାଇ ୨୦୩୦ ସୁଦ୍ଧା ୨,୦୪,୦୦୦ ଓ ୨୦୫୦ ସୁଦ୍ଧା ୨,୫୫,୦୦୦ ନିଯୁକ୍ତି ହରାଇବ। ସେହି ସମୟରେ ଚେନ୍ନାଇ ୨୦୩୦ ସୁଦ୍ଧା ୧,୪୧,୦୦୦ ଓ ୨୦୫୦ ସୁଦ୍ଧା ୧,୪୫,୦୦୦ ନିଯୁକ୍ତି ହରାଇବ।ଗ୍ରୀଷ୍ମପ୍ରବାହ ପ୍ରଭାବରେ ସମଗ୍ର ଦକ୍ଷିଣ ଏସିଆରେ ୩.୧ କୋଟି ନିଯୁକ୍ତି ପ୍ରତିବର୍ଷ ପ୍ରଭାବିତ ହେଉଛି। ତାହାର ପ୍ରଭାବରେ ଏହି ଅଞ୍ଚଳଗୁଡ଼ିକର ଅର୍ଥନୀତିରେ ପ୍ରାୟ ୭ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟିବ। ୨୦୫୦ ସୁଦ୍ଧା ଦକ୍ଷିଣ ଏସିଆରେ ୨୮ କୋଟି ଚାକିରି ପ୍ରଭାବିତ ହେବ। ବିଶ୍ୱବ୍ୟାଙ୍କର ଉପସଭାପତି (ଦକ୍ଷିଣ ଏସିଆ) ଜୋହାନେସ ଜୁଟ୍ କହିଛନ୍ତି ଯେ ଏହି ଅଞ୍ଚଳଗୁଡ଼ିକ ଦକ୍ଷିଣ ଏସିଆର ବିକାଶ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। କିନ୍ତୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ନିଯୁକ୍ତି, ଉତ୍ପାଦକତା ଓ ଦୀର୍ଘକାଳୀନ ଅର୍ଥନୈତିକ ଅଭିବୃଦ୍ଧି ପ୍ରତି ବିପଦ ସୃଷ୍ଟି କରିବ। ବିଶ୍ୱବ୍ୟାଙ୍କ କହିଛି ଯେ ୨୦୩୦ ସୁଦ୍ଧା ଦିଲ୍ଲୀ ବିମାନବନ୍ଦରରେ ତାପମାତ୍ରା ୫୦ ଡିଗ୍ରି ଅତିକ୍ରମ କରିଯିବ। ଫଳରେ ଏୟାରଲାଇନ୍‌ଗୁଡ଼ିକ ଯାତ୍ରୀ ଓ ମାଲ ପରିବହନ କମ୍ କରିବାକୁ ବାଧ୍ୟ ହେବେ। ଦିଲ୍ଲୀ ମେଟ୍ରୋରେ ଯାତ୍ରା କରୁଥିବା ୩୮ ପ୍ରତିଶତ ଲୋକ ଚାଲି ଚାଲି ଯାଆନ୍ତି।

# ସ୍ପେନରେ ୬୦ ହଜାର ପ୍ରବାସୀଙ୍କ ଅନୁପ୍ରବେଶ



ନୂଆଦିଲ୍ଲୀ,୩୧।୭: ସେଉଟାର ରାଷ୍ଟ୍ରପତି କହିଛନ୍ତି ଯେ ଗତ ୨୪ ଘଣ୍ଟା ମଧ୍ୟରେ ପ୍ରାୟ ୬୦,୦୦୦ ପ୍ରବାସୀ ମରକ୍କୋରୁ ସ୍ପେନର ଉତ୍ତର ଆଫ୍ରିକୀୟ ଅଞ୍ଚଳ ସେଉଟାରେ ପ୍ରବେଶ କରିଛନ୍ତ। ଅନୁପ୍ରବେଶ ଲାଗି ସମୁଦ୍ରରେ ଅତ୍ରିକମ କରୁଥିବା ସମୟରେ ଅତି କମ୍‌ରେ ୪୩ ଜଣଙ୍କର ମୃତ୍ୟୁ ହୋଇଛି। ସ୍ପେନର ସୁପ୍ରିମକୋର୍ଟ ରାୟ ଦେବା ପରେ ଏହି ପ୍ରବାସୀ ଆସିଥିବା କୁହାଯାଇଛି। ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ପରିସ୍ଥିତିକୁ 'ଆକ୍ରମଣ' ଭାବରେ ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ ସମସ୍ତ ଅବୈଧ ପ୍ରବାସୀଙ୍କୁ 'ଯେତେଶୀଘ୍ର ସମ୍ଭବ' ମରକ୍କୋକୁ ଫେରାଇ ଦିଆଯିବ। ଅନେକ ୟୁରୋପୀୟ ନେତା ଚିନ୍ତା ପ୍ରକାଶ କରିଛନ୍ତି, କେତେକ ସୀମା ନିୟନ୍ତ୍ରଣ କଡ଼ାକଡ଼ି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗାଭତ୍ତା ୩% ବଢ଼ିପାରେ

ନୂଆଦିଲ୍ଲୀ, ୩୧/୭: କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନଙ୍କ ମହଙ୍ଗାଭତ୍ତା ୩ ପ୍ରତିଶତ ବଢ଼ିବା ସମ୍ଭାବନା ସୃଷ୍ଟି ହୋଇଛି। ଶ୍ରମ ବ୍ୟୁରୋ ପକ୍ଷରୁ ଶିଳ୍ପ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଜୁନ୍‌ମାସର ସର୍ବଭାରତୀୟ ଖାଉଟି ମୂଲ୍ୟସୂଚୀ ପ୍ରକାଶ ପାଇବା ପରେ ଏହି ଆଶା ଉଜ୍ଜୀବିତ ହୋଇଛି। ଜୁନ୍‌ରେ ଶିଳ୍ପ ଶ୍ରମିକମାନଙ୍କ ଖାଉଟି ମୂଲ୍ୟସୂଚୀ ୧୫୧.୯ ରହିଛି ବୋଲି ଏକ୍ସରେ ପୋଷ୍ଟ୍ କରାଯାଇଛି। ଏଥିଯୋଗୁ ଗତ ୧୨ ମାସର ହାରାହାରି ଖାଉଟି ମୂଲ୍ୟସୂଚୀ ୧୪୮.୬୫ରେ ରହିଛି, ଯାହା ଫଳରେ ମହଙ୍ଗାଭତ୍ତା ୬୩.୭୬ ପ୍ରତିଶତ ହେବା ନେଇ ହିସାବ କରାଯାଉଛି। କିନ୍ତୁ ସରକାରୀ କର୍ମଚାରୀଙ୍କୁ ମହଙ୍ଗାଭତ୍ତା ପ୍ରଦାନ ସମୟରେ ଭଗ୍ନାଂଶ ସଂଖ୍ୟାକୁ ହିସାବକୁ ନିଆଯାଉ ନଥିବାରୁ ସେମାନଙ୍କୁ ୬୩ ପ୍ରତିଶତ ମହଙ୍ଗାଭତ୍ତା ମିଳିବା ସମ୍ଭାବନା ରହିଛି।

## ଦିଲ୍ଲୀ ଦଙ୍ଗା: ତାହିରଙ୍କୁ ଆଜୀବନ



ନୂଆଦିଲ୍ଲୀ,୩୧।୭: ଦିଲ୍ଲୀର ଏକ କୋର୍ଟ ଶୁକ୍ରବାର ୨୦୨୦ ମସିହାର ଉତ୍ତର-ପୂର୍ବ ଦିଲ୍ଲୀ ଦଙ୍ଗା ସମୟରେ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଅଧିକାରୀ ଅଙ୍କିତ ଶର୍ମାଙ୍କ ହତ୍ୟା ପାଇଁ ପୂର୍ବତନ ଆପ କାଉନସିଲର ତାହିର ହୁସେନ ଏବଂ ଅନ୍ୟ ଚାରି ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀମାନଙ୍କୁ ସଂସ୍କାରର ସମ୍ଭାବନା ବାହାରେ ପ୍ରମାଣ କରିବାରେ ବିଫଳ ହେବା ପରେ ଅଭିଯୁକ୍ତଙ୍କ ମୃତ୍ୟୁଦଣ୍ଡ ଆବେଦନକୁ ଖାରଜ କରି ଦେଇଛନ୍ତି। ଅତିରିକ୍ତ ସେସନ୍ସ ଜଜ୍ ପ୍ରବୀଣ ସିଂହ ଦଣ୍ଡ ପରିମାଣ ଉପରେ ଅଭିଯୁକ୍ତ ଏବଂ ପ୍ରତିରକ୍ଷା ଉଭୟଙ୍କ ଯୁକ୍ତି ଶୁଣିବା ପରେ ଏହି ଦଣ୍ଡ ଘୋଷଣା କରିଛନ୍ତି। କୋର୍ଟ କହିଛନ୍ତି ଯେ ଅଭିଯୁକ୍ତମାନେ ଏହି ମାସର ଆରମ୍ଭରେ ଶର୍ମାଙ୍କ ହତ୍ୟା ପାଇଁ ହୁସେନ ଏବଂ ଅନ୍ୟ ଚାରି ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ମଧ୍ୟ ମାମଲା ମୃତ୍ୟୁଦଣ୍ଡ ପ୍ରଦାନ ପାଇଁ ସୀମା ପୂରଣ କରିଛି ବୋଲି ପ୍ରମାଣିତ କରିନାହାଁନ୍ତି।

## ବିଦେଶୀ ମୁଦ୍ରା ଭଣ୍ଡାରରେ ବୃଦ୍ଧି

ମୁମ୍ବାଇ, ୩୧/୭: ଜୁଲାଇ ୨୪ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ୬.୧୧୮ ବିଲିଅନ ଡଲାର ବୃଦ୍ଧି ଘଟି ୬୮୨.୩୫୪ ବିଲିଅନ ଡଲାରରେ ପହଞ୍ଚିଛି। ବିଦେଶୀ ମୁଦ୍ରା ଭଣ୍ଡାରରେ ସର୍ବାଧିକ ଯୋଗଦାନ ରଖିଥିବା ବିଦେଶୀ ମୁଦ୍ରା ପରିସମ୍ପତ୍ତି (ଏଫ୍‌ସିଏ) ୪.୮୭୩ ବିଲିଅନ ଡଲାର ବଢ଼ି ୫୫୫.୯୨୯ ବିଲିଅନ ଡଲାର ହୋଇଛି। ଦେଶକୁ ଅଧିକରୁ ଅଧିକ ବିଦେଶୀ ମୁଦ୍ରା ଆକୃଷ୍ଟ କରିବା ଲାଗି ସରକାର ଓ ରିଜର୍ଭ ବ୍ୟାଙ୍କ ଗତମାସରେ କେତେକ ପଦକ୍ଷେପ ନେଇଥିଲେ। ଏଥିଯୋଗୁ ବର୍ତ୍ତମାନ ସୁଦ୍ଧା ୩୨ ବିଲିଅନ ଡଲାରର ବିଦେଶୀ ମୁଦ୍ରା ଦେଶକୁ ଆସିଛି। ଜୁଲାଇ ୨୪ ସୁଦ୍ଧା ଗଚ୍ଛିତ ଥିବା ସୁନା ମୂଲ୍ୟ ୧.୩୦୮ ବିଲିଅନ ଡଲାର ବୃଦ୍ଧି ଘଟି ୧୦୩.୦୫୮ ବିଲିଅନ ଡଲାରରେ ରହିଛି। ଅନ୍ୟପକ୍ଷରେ ସ୍ପେସାଲ ଡ୍ରଇଂ ରାଇଟ୍ସ (ଏସ୍‌ଡିଆର) ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିରେ ଭାରତର ଜମାରାଶି ଯଥାକ୍ରମେ ୫୩ ନିୟୁତ ଡଲାର ଏବଂ ୧୧ ନିୟୁତ ଡଲାର ହ୍ରାସପାଇ ୧୮.୬୧୭ ବିଲିଅନ ଡଲାର ଏବଂ ୪.୭୫ ବିଲିଅନ ଡଲାରରେ ରହିଛି ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ଏଲ୍‌ଏସିରେ ଚୀନ୍‌ର ନୂଆ ଚାଲ୍, ଭାରତ ଆଡ଼କୁ ମୁତୟନ କରିଛି ୧୨ ଯୁଦ୍ଧ ବିମାନ

**ନୂଆଦିଲ୍ଲୀ, ୩୧/୭:** ଏଲ୍‌ଏସି ନିକଟରେ ପୁଣି ଚୀନ୍‌ର ହରକତ ଦେଖିବାକୁ ମିଳିଛି। ସୀମାଠାରୁ ମାତ୍ର ୨୪୫ କିଲୋମିଟର ଦୂର ସ୍ଥାନରେ ୧୨ଟି ଶକ୍ତିଶାଳୀ ଯୁଦ୍ଧ ବିମାନ ମୁତୟନ କରିଛି। ଏହି ପଞ୍ଚମ ପିଢ଼ି ଜେଟ୍‌କୁ 'ଜେ-୨୦ ମାଇଟି ଡ୍ରାଗନ' କୁହାଯାଉଛି । ବିମାନଗୁଡ଼ିକ ଭାରତର ସୀମା ଆଡ଼କୁ ମୁହଁ କରି ମୁତୟନ ହୋଇଥିବା ସଦ୍ୟ ପ୍ରକାଶିତ ଉପଗ୍ରହ ଫଟୋରେ ଦେଖିବାକୁ ମିଳିଛି । ଉପଗ୍ରହ ଫଟୋରୁ ଜଣାପଡ଼ିଛି ଯେ ଭାରତୀୟ ସୀମା ନିକଟସ୍ଥ ଦୁଇଟି ବାୟୁସେନା ଘାଟିରେ ଚୀନ୍ ଏହି ଜେଟ୍‌ଗୁଡ଼ିକୁ ମୁତୟନ କରିଛି । ନିକଟ ବର୍ଷଗୁଡ଼ିକ ମଧ୍ୟରେ ଚୀନ୍‌ର ଏହା ସବୁଠୁ ବଡ଼ ମୁତୟନ ବିବେଚନା କରାଯାଉଛି । ଦୁଇଦେଶ ମଧ୍ୟରେ ଯେବେ ବି ପରିସ୍ଥିତି ଶାନ୍ତ ପଡ଼ିବା ନେଇ ରିପୋର୍ଟ ସାମ୍ନାକୁ ଆସେ, ଠିକ୍ ତାହା ପରେ ପରେ ଡ୍ରାଗନ୍ ଏଭଳି କୌଣସି ନା କୌଣସି ହରକତ କରିବା ନଜିର ରହିଛି । ପିପୁଲ୍ସ ଲିବରେସନ ଆର୍ମି ଏୟାରଫୋର୍ସ (ପିଏଲ୍‌ଏଏଫ୍) ଶିନଜିଆଙ୍ଗର ହୋଟନ ବାୟୁସେନା ଘାଟି ଏବଂ ତିବ୍ବତର ଡ୍ୟାମସୁଙ୍ଗ୍ ବାୟୁସେନା ଘାଟିରେ ଏହି ୧୨ଟି ବିମାନ ମୁତୟନ କରୁଥିବା ଉପଗ୍ରହ ଫଟୋରେ ଦେଖିବାକୁ ମିଳିଛି । ଜେ-୨୦ ଜେଟ୍‌କୁ ବିକଶିତ ପଞ୍ଚମ ପିଢ଼ି ଷ୍ଟିଲ୍‌ଥ ବିମାନ ମଧ୍ୟରେ ଗଣାଯାଏ । ଏହାକୁ ଚେଙ୍ଗଡୁ ଏୟାରକ୍ରାଫ୍ଟ କର୍ପୋରେସନ ନିର୍ମାଣ କରିଛି । ଏହି ବିମାନରେ ରାଡାରକୁ ଚକ୍‌ମା ଦେବା ପାଇଁ ଷ୍ଟିଲ୍‌ଥ ଟେକ୍ନୋଲୋଜି, ଲମ୍ବା ଦୂରଗାମୀ ମିସାଇଲ ଏବଂ ଅତ୍ୟାଧୁନିକ ସେନସର



ଖଞ୍ଜାଯାଇଛି । ଶତ୍ରୁ ପକ୍ଷର ଯୁଦ୍ଧ ବିମାନ ଏବଂ ପ୍ରମୁଖ ସେନା ଶିବିରକୁ ଟାର୍ଗେଟ କରିବାରେ ଏଗୁଡ଼ିକ ବେଶ୍ ପାରଙ୍ଗମ । ଉପଗ୍ରହ ଫଟୋ ଅନୁସାରେ, ଜୁଲାଇ ୯ରେ ହୋଟନ ବାୟୁସେନା ଘାଟିରେ ୮ଟି ଜେ-୨୦ 'ମାଇଟି ଡ୍ରାଗନ' ଷ୍ଟିଲ୍‌ଥ ଫାଇଟର ବିମାନ ଛିଡ଼ା ହୋଇଥିଲା । ଚୀନ୍‌ର ଶିନଜିଆଙ୍ଗ ଉଇଗର ଅଟୋନୋମସ ରିଜିଅନର ହୋଟନ ହେଉଛି ଉଭୟ ବେସାମରିକ ଓ ସାମରିକ ବିମାନ ଘାଟି । ଏହା ଉତ୍ତର ଲଦାଖରେ ଥିବା ଭାରତୀୟ ବାୟୁସେନାର ଦୌଲତ ବେଗ ଓଲ୍‌ଡି ଫରୱାର୍ଡ ବାୟୁସେନା ଘାଟିଠାରୁ ପ୍ରାୟ ୨୪୫ କିଲୋମିଟର ଏବଂ ଲେହଠାରୁ ୩୮୯ କିଲୋମିଟର ଦୂରରେ ଅବସ୍ଥିତ । ଅର୍ଥାତ ଭାରତ ପାଖରେ ପହଞ୍ଚିବାକୁ ଏହି ବିମାନଗୁଡ଼ିକ ମାତ୍ର କେଇ ମିନିଟ ଲାଗିବ । ସେହିଭଳି ଜୁନ ୨୫ର ଉପଗ୍ରହ ଫଟୋ ଅନୁସାରେ ତିବ୍ବତର ଲାସା ଅଞ୍ଚଳରେ ଥିବା ଡ୍ୟାମସୁଙ୍ଗ୍ ଏୟାରବେସରେ ଆଉ ୪ଟି ଜେ୨୦ ବିମାନ ମୁତୟନ ହୋଇଥିବା ଦେଖିବାକୁ ମିଳିଛି । ଏହି ଏୟାରବେସ ଅରୁଣାଚଳ ପ୍ରଦେଶର ତୱାଙ୍ଗଠାରୁ ପ୍ରାୟ ୩୪୪ କିଲୋମିଟର ଉତ୍ତର-ପଶ୍ଚିମରେ ଅବସ୍ଥିତ । ତେଣୁ ଉଭୟ ସ୍ଥାନକୁ ମିଶାଇ ପାଖାପାଖି ଦୁଇ ସପ୍ତାହ ମଧ୍ୟରେ ଅନ୍ୟୂନ ୧୨ଟି ଜେ-୨୦ ଷ୍ଟିଲ୍‌ଥ ଯୁଦ୍ଧ ବିମାନ ମୁତୟନ କରାଯାଇଛି । ଜେ-୨୦ ଚୀନ୍‌ର ମୁଖ୍ୟ ଷ୍ଟିଲ୍‌ଥ ଯୁଦ୍ଧ ବିମାନ । ଷ୍ଟିଲ୍‌ଥ ଯୁଦ୍ଧ ବିମାନ ତାହାକୁ କୁହାଯାଏ, ଯାହା ଶତ୍ରୁ ପକ୍ଷର ରାଡାର, ଇନଫ୍ରାରେଡ ସେନସର ଏବଂ ଅନ୍ୟ ନିରୀକ୍ଷଣ ପ୍ରଣାଳୀଗୁଡ଼ିକୁ ମାତ୍ ଦେବାରେ ମାହିର । ଏହାର ସ୍ୱତନ୍ତ୍ର ଆକାର, ରାଡାର-ଶୋଷକ ସାମଗ୍ରୀ ଏବଂ ଆଭ୍ୟନ୍ତରୀଣ ଅସ୍ତ୍ରଶସ୍ତ୍ର ଯୋଗୁ ଏହାକୁ ଚିହ୍ନଟ କରିବା କୌଣସି ଦେଶର ରାଡାର ପକ୍ଷେ କଷ୍ଟକର ହୋଇଥାଏ । ଏହି କାରଣରୁ ବିମାନଟି ଗୋପନ ଭାବେ କୌଣସି ଅଞ୍ଚଳ ଭିତରେ ପଶି ଆକ୍ରମଣ କରିପାରିବ । ଏହାପରେ ସୁରକ୍ଷିତ ଭାବେ ବାହାରି ପୁଣି ନିଜ ଅଞ୍ଚଳକୁ ଯାଇପାରିବ । ଚୀନ୍‌ର ଏହା ଏକ ନୂଆ ସାମରିକ ରଣନୀତି ବୋଲି କୁହାଯାଉଛି । ଭାରତୀୟ ବାୟୁସେନାରେ ଫାଇଟର ସ୍କ୍ୱାଡ୍ରନର ସଂଖ୍ୟା ହ୍ରାସ ପାଉଥିବା ବେଳେ ଏଲ୍‌ଏସି ସେପଟର ସ୍ଥିତି ନେଇ ଏଭଳି ଖବର ସାମ୍ନାକୁ ଆସିଛି । ଏହା ଭାରତ ପାଇଁ ଚିନ୍ତାଜନକ ବିଷୟ ।

## ରାଜଧାନୀରେ ପୁଣି ରକ୍ତର ଛିଟା

# ପାନ ଦୋକାନୀଙ୍କୁ ବୀଭତ୍ସ ହତ୍ୟା

### ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ଭୁବନେଶ୍ୱର(ନି.ପ୍ର): ରାଜଧାନୀରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ନିକଟରେ ମଂଚେଶ୍ୱର ଥାନା ଅଂଚଳରେ ଦୁଇଟି ହତ୍ୟାକାଣ୍ଡ କମିଶନରେଟ ପୁଲିସର ଚିନ୍ତା ବଢାଇଥିବା ବେଳେ ଆଜି ପୁରୁଣା ଭୁବନେଶ୍ୱରରେ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଜଣେ ପାନ ଦୋକାନୀଙ୍କୁ ହତ୍ୟା କରାଯାଇଛି। ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ଗ୍ୟାରେଜ ଛକ ଗାୟତ୍ରୀ ବସ୍ତିରେ ଗୁରୁବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଛି। ଆଜି (ଶୁକ୍ରବାର) ସକାଳ ସମୟରେ ଘଟଣା ସାମ୍ନାକୁ ଆସିଛି। ମୃତ ଯୁବକ ହେଲେ ଶିଶୁପାଳଗଡ଼ ଅଞ୍ଚଳ ଜିତୁ କାଣ୍ଡି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଗାୟତ୍ରୀ ବସ୍ତି ନିକଟରେ ସେ ଏକ ପାନ ଦୋକାନ କରିଥିଲେ। ସ୍ଥାନୀୟ ଲୋକଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗାୟତ୍ରୀ ବସ୍ତିରେ ଗଙ୍ଗାଧର ବେହେରାଙ୍କ ଦୋକାନ ଘରକୁ ଜିତୁ ଭଡାସୂତ୍ରରେ ନେଇ ଏକ ପାନ ଦୋକାନ କରୁଥିଲେ। ତେବେ ପୂର୍ବରୁ ଉକ୍ତ ଦୋକାନରେ ଗଞ୍ଜେଇ କାରବାର ଚାଲୁଥିବା ଅଭିଯୋଗ ହେବା ପରେ ପୋଲିସ ଚଢ଼ାଉ କରି ବନ୍ଦ କରିଥିଲା। କିଛିଦିନ ହେବ ଜିତୁ ପୁଣି ଦୋକାନ ଖୋଲିଥିଲେ। ଜିତୁ, ଗଙ୍ଗାଧର ଓ ଆଉ କିଛି ବ୍ୟକ୍ତି ଅଧିକାଂଶ ସମୟରେ ଦୋକାନରେ ଖଟି କରୁଥିଲେ। ଏପରିକି ଉକ୍ତ ବସ୍ତିରେ ଆଉ ଜଣେ ମହିଳାଙ୍କ ଘରକୁ ମଧ୍ୟ ଜିତୁ ଅଧିକାଂଶ ସମୟରେ ଆସୁଥିଲେ। ତେବେ ଗତକାଲି ରାତିରେ ଜିତୁ ଉକ୍ତ ଦୋକାନ ଘରେ କିଛି ବ୍ୟକ୍ତିଙ୍କ ସହ ଭୋଜିଭାତ କରୁଥିଲେ। ତେବେ ସକାଳୁ ସେଠାରୁ ତାଙ୍କର ମୃତ ଦେହ ମିଳିଥିଲା। ତେବେ ଭୋଜି ବେଳେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ପରେ ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି। ସକାଳୁ ସେ ନ ଉଠିବାରୁ ପରିବାର ଲୋକେ ତାକୁ ଡାକିବାକୁ ଯାଇଥିଲେ। ହେଲେ ସେ ଆଉ ଉଠିନଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ନିସ୍ତେଜ ଅବସ୍ଥାରେ ପଡିରହିଥିଲା। ପରେ ଖବରପାଇ ପୁଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ଘଟଣାର ଖୋଳତାଡ ଆରମ୍ଭ କରିଛି। ଏନେଇ ଲିଙ୍ଗରାଜ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି, ଘଟଣାକୁ ନେଇ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ହତ୍ୟା ପଛରେ ଥିବା କାରଣକୁ ଖୋଜା ଚାଲିଛି। ଘଟଣାରେ ସମ୍ପୃକ୍ତି ସନ୍ଦେହରେ ଏକାଧିକ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଖୁବଶୀଘ୍ର ରହସ୍ୟ ଉନ୍ମୋଚନ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରି ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ଗ୍ୟାରେଜ ଛକ ନିକଟରେ ରାସ୍ତା ଉପରେ ମୃତ ଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବରିଷ୍ଠ ପୁଲିସ ଅଧିକାରୀମାନେ ପହଂଚି ବୁଝାସୁଝା କରିବା ପରେ ଆନ୍ଦୋଳନକାରୀ ରାସ୍ତାରୁ ଉଠିଥିଲେ। ସେହିପରି ମୃତକ ଜଣକ ଅପରାଧି ଶ୍ରେଣୀର ବ୍ୟକ୍ତି ବୋଲି କୁହାଯାଉଛି। ତାଙ୍କ ନାଁରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

## ଭାରସାମ୍ୟ ହରାଇ ବ୍ରିଜ୍ ଉପରୁ ଖସିଲା କାର୍: ଚାଳକ ମୃତ



ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠାରୁ ଭଞ୍ଜନଗର ଅଭିମୁଖେ ଆସୁଥିବା ଏକ ଆଇ -୨୦ କାର୍ ଭାରସାମ୍ୟ ହରାଇ ନୂଆଗାଁ ବଡ଼ନଦୀ ପୋଲ ତଳକୁ ଖସିପଡିବା ଫଳରେ ଜଣଙ୍କର ଅକାଳ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ଭଞ୍ଜନଗର ଏଲଆଇସି କଲୋନୀର ସୁନୀଲ ମହାନ୍ତି ବୋଲି ସୂଚନା ମିଳିଛି। ମିଳିଥିବା ବିବରଣୀ ଅନୁଯାୟୀ, ଓଡି୩୨ସି୬୮୬୮ ନମ୍ବର ବିଶିଷ୍ଟ କାରଟି ଭଞ୍ଜନଗର ଆଡକୁ ଆସୁଥିବା ସମୟରେ ନୂଆଗାଁ ବଡ଼ନଦୀ ପୋଲ ଉପରେ ହଠାତ ନିୟନ୍ତ୍ରଣ ହରାଇ ପୋଲ ତଳକୁ ଖସିପଡ଼ିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଗାଡିଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଇଥିଲା। ଫଳରେ ସୁନୀଲ ମହାନ୍ତି ଗୁରୁତର ଅବସ୍ଥାରେ କାର ଭିତରେ ଫସି ରହିଥିଲେ। ସ୍ଥାନୀୟ ଲୋକେ ଓ ଦମକଳ ବାହିନୀ ସହାୟତାରେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ସଙ୍କଟାପନ୍ନ ଅବସ୍ଥାରେ ମେଡିକାଲକୁ ନିଆଯାଉଥିବା ସମୟରେ ହିଁ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବେଲଗୁଣ୍ଠା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଗାଡିକୁ ଉଦ୍ଧାର କରି ଅଧିକ ତଦନ୍ତ ଜାରି ରଖିଛି। ଏହି ଅଭାବନୀୟ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବେଆଇନ ବାଣ ଜବତ: ୨ ଗିରଫ

ଆସିକା(ନିପ୍ର): ଲାଇସେନ୍ସ ପ୍ରାପ୍ତ ଦୋକାନରୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବେଆଇନ ବାଣ ଜବତ ହୋଇଥିବା ବେଳେ ଦୁଇଜଣଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ସକାଳେ ଆସିକା ପୋଲିସ ପକ୍ଷରୁ ପାଟ୍ରୋଲିଙ୍ଗ ସମୟରେ ଆସିକା ଥାନା ଅନ୍ତର୍ଗତ ଚେରମାରିଆ ଠାରେ ଥିବା ବାଣ ଦୋକାନରେ ବେଆଇନ ମହଜୁଦ ଥିବାର ଖବର ପାଇ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ, ଆସିକା ଥାନାଧିକାରୀ ସୁଧୀର କୁମାର ସାହୁ ଆସିକା ପୋଲିସ ଏଏସଆଇ ବସନ୍ତ ବେହେରା ପ୍ରମୁଖ ଅତର୍କିତ ଚଢ଼ାଉ କରି ଦୁଇଟି ଦୋକାନରୁ ପ୍ରାୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବେଆଇନ ବାଣ ଜବତ କରିଥିଲେ । ଏଥିସହ ଦୋକାନ ମାଲିକ ଚନ୍ଦନ କୁମାର ପ୍ରଧାନ (୩୨) ଓ ସନାତନ ପ୍ରଧାନ (୩୦)କୁ ଗିରଫ କରିଛି। ଥାନା ପକ୍ଷରୁ ପୋଲିସ ଥାନା କେସ ନମ୍ବର ୪୦୭/୨୬, ୪୦୮/୨୬ରେ ମାମଲା ରୁଜୁ କରିଛି। ପ୍ରକାଶ ଥାଉକି ଦୀର୍ଘ ବର୍ଷ ଧରି ନଳବଣ୍ଟାରେ ବାଣ ତିଆରି ହେଉଛି । ଏହି ବାଣ ବର୍ଷ ତମାମ ନିର୍ମାଣ ହୋଇ ଓଡ଼ିଶାର ସମସ୍ତ ଜିଲ୍ଲା ଓ ରାଜ୍ୟ ବାହାରକୁ କୋଟି କୋଟି ଟଙ୍କାର



ବାଣ ବିକ୍ରି ହେଉଛି । ଏହି ବାଣ ବିବାହ ବ୍ରତ ବିଭିନ୍ନ ଉତ୍ସବର ପର୍ବପର୍ବାଣିରେ ବ୍ୟବହାର ହୋଇଥାଏ । ଏହି ବାଣ ଗ୍ରାମର ଅଧିକାଂଶ ଲୋକ ଘରେ ଘରେ ତିଆରି କରିଥାନ୍ତି । ବାଣ ନିର୍ମାଣ ପାଇଁ ଶୁଖିଲା ତାଳପତ୍ର, ବାଉଁଶ କାଠି, ସୁତୁଲିକାଗଜ ସାଙ୍ଗକୁ ଖାର, ଗନ୍ଧକ, ଗନପାଉଡର, ମଣିଶିଳା ଆଇରନ, ସିଲଭର ପ୍ରମୁଖ ବ୍ୟବହାର ହୋଇଥାଏ । ଏହିସବୁ ବାଣ ତିଆରି ବିସ୍ଫୋରକ ସାମଗ୍ରୀ ପଡୋଶୀ ଆନ୍ଧ୍ରପ୍ରଦେଶରୁ ଚୋରାରେ ଆସି ନଳବଣ୍ଟାରେ ପହଞ୍ଚି ଥାଏ । ବର୍ଷ ତମାମ ଏହି ବାଣ ତିଆରିରେ ଗ୍ରାମର ଶତାଧିକ ଲୋକ କାମ କରିଥାନ୍ତି । ଏହି ବାଣ ଗ୍ରାମର ସମସ୍ତ ସାହିରେ ନିର୍ମାଣ ହେବା ସାଙ୍ଗକୁ ଦୀପାବଳି ସମୟରେ ଅଧିକ ମାତ୍ରାରେ ବାଣ ନିର୍ମାଣ ପାଇଁ ନର୍ମାଦେଶ୍ୱର ମନ୍ଦିର ନିକଟ ଋଷିକୂଲ୍ୟା ନଦୀପଠା ରାସ୍ତା, ଠାକୁରାଣୀ ଧୋବା ସାହି, ନଳବଣ୍ଟା ମୁଖ୍ୟ ସଡ଼କ, ପାଟଣା ସାହି ଆଦି ଅଞ୍ଚଳରେ ବ୍ୟାପକ ପରିମାଣରେ ବାଣ ତିଆରି ହୁଏ । ପ୍ରକାଶ ଥାଉକି ଗୋଟିଏ ପଟରେ ୧ ଲକ୍ଷ ଟଙ୍କାର ବେନାମୀ ବାଣ ପୋଲିସ ଜବତ କରିବା ସହ ଦୁଇଜଣକୁ ଗିରଫ କରିଥିଲା ବେଳେ ନାଳବଣ୍ଟା ଗ୍ରାମରେ ବର୍ଷ ତମାମ ଘରେ ଘରେ ବାଣ ତିଆରି ଚାଲୁଚି। ଏହି ବେନାମୀ ବାଣ ନିର୍ମାଣ ବେଳେ ଗାଁରେ କୋଡିଏରୁ ଅଧିକ ବ୍ୟକ୍ତି ମୃତ୍ୟୁ ବରଣ କରିଛନ୍ତି । ବାଣ ନିର୍ମାଣ ସମୟରେ ବିସ୍ଫୋରଣ ଘଟି ସାହିର ବହୁ ଘର ଦ୍ୱାରା ଗାଈଗୋରୁ ନଷ୍ଟ ହୋଇଥିବା ଆସିକା ଥାନାରେ ମାମଲା ରୁଜୁ ହୋଇଛି ।

## ସୁନାନଦୀରୁ ମୃତଦେହ ଉଦ୍ଧାର

ଯୋଡ଼ା(ନିପ୍ର): ଯୋଡ଼ାସ୍ଥିତ କୁନ୍ଦୁରୁନାଲା ସୁନାନଦୀ ପୋଲ ତଳୁ ଶୁକ୍ରବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ନାମ ରାଜ ନନ୍ଦନ ଚୌଧରୀ (୫୮) ବୋଲି ଯୋଡ଼ା ପୋଲିସ କହିଥିବା ବେଳେ ତାଙ୍କର ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସକାଳ ୫ ଘଟିକା ସମୟରେ ପ୍ରାତଃ ଭ୍ରମଣ କରୁଥିବା ବେଳେ କୌଣସି କାରଣରୁ ରାଜ ନନ୍ଦନଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ୨୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଘରେ ପଶି ଚୋରି: ଅଭିଯୁକ୍ତ ଧରାପଡିଲା

ଭୁବନେଶ୍ୱର(ନି.ପ୍ର): ଘରେ ପଶି ଚୋରି କରିବା ଅଭିଯୋଗରେ ନୂଆପଲ୍ଲୀ ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସଞ୍ଜୟ ବେହେରା। ପୁଲିସ ତା' ବିରୋଧରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବୁଦ୍ଧିବାମନ ଦାସ ସିଆରପି ମୁଣ୍ଡା ସାହିସ୍ଥିତ ନୀଳକଣ୍ଠନଗରରେ ରୁହନ୍ତି। ଗତକାଲି ରାତିରେ ରାତ୍ରଭୋଜନ ପରେ ଅଭିଯୋଗକାରୀ ଏବଂ ତାଙ୍କ ପତ୍ନୀ ଶୋଇପଡିଥିଲେ। ବିଳମ୍ବିତ ରାତିରେ କୌଣସି ଅଜଣା ଦୁର୍ବୃତ୍ତ କୌଶଳକ୍ରମେ ଘର ଭିତରେ ପଶି ତାଙ୍କ ପର୍ସ ଚୋରୀକରି ନେଇଯାଇଥିଲେ। ଉକ୍ତ ପର୍ସରେ ଅଭିଯୋଗକାରୀଙ୍କର ୬୦,୦୦୦ ଟଙ୍କା ଏବଂ ଏକ ଆଧାର କାର୍ଡ ଥିଲା। ପ୍ରାତଃ ସମୟରେ ସେ ନିଦରୁ ଉଠିବା ପରେ ତାଙ୍କ ପର୍ସ ଚୋରୀ ହୋଇଯାଇଥିବା କଥା ଜାଣିବାକୁ ପାଇଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲାର ତଦନ୍ତ କରୁଥିବା ବେଳେ, ତ୍ରିନାଥ ବସ୍ତିର ସଞ୍ଜୟ ବେହେରା ନାମକ ଜଣେ ଯୁବକ ରାତ୍ରି ପ୍ରାୟ ୨.୨୦ ବେଳେ ହାତରେ ଏକ ପର୍ସ ଧରି ଅଭିଯୋଗକାରୀଙ୍କ ଘରୁ ବାହାରି ଦ୍ରୁତ ଗତିରେ ଦଉଡି ପଳାଇବା ସମୟରେ ଜଣେ ସ୍ଥାନୀୟ ବ୍ୟକ୍ତି ତାଙ୍କୁ ଦେଖିଥିବା ନେଇ ସୂଚନା ଦେଇଥିଲେ। ମିଳିଥିବା ତଥ୍ୟକୁ ଆଧାର କରି ଏକ ବିଶ୍ୱସ୍ତ ସୂଚନା କ୍ରମେ ପୁଲିସ ତାରିଣୀ ନଗର ଅଞ୍ଚଳରେ ଚଢଉ କରିବା ସହ ଅଭିଯୁକ୍ତ ସଞ୍ଜୟ ବେହେରାକୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ, ତାଙ୍କ ହେପାଜତରୁ ଅଭିଯୋଗକାରୀଙ୍କ ପର୍ସ ଜବତ କରିଥିଲେ। ଉକ୍ତ ପର୍ସରେ ୫୪,୩୦୦ ଟଙ୍କା ଏବଂ ଏକ ଆଧାର କାର୍ଡ ଥିଲା। ପଚରାଉଚରା ବେଳେ, ଅଭିଯୁକ୍ତ ସଞ୍ଜୟ ବେହେରା ଅଭିଯୋଗକାରୀଙ୍କ ଘରୁ ପର୍ସ ଚୋରୀ କରିଥିବା ସ୍ୱୀକାର କରିଥିବା ବେଳେ, ଚୋରୀ ୬୦,୦୦୦ ଟଙ୍କାରୁ ବାକି ଟଙ୍କା ଖର୍ଚ୍ଚ କରିଥିବା ସ୍ୱୀକାର କରିଥିଲେ।

## ମାଟି ଖୋଳିବା ବେଳେ ଫାଟିଲା ପାଇପ୍, ୪୦ ମିନିଟ୍ ଧରି ଗ୍ୟାସ୍ ଲିକ୍

ଭୁବନେଶ୍ୱର(ନି.ପ୍ର): ରାଜଧାନୀ ଭୁବନେଶ୍ୱରର ଶୈଳଶ୍ରୀବିହାରରେ ଏକ ବଡ଼ଧରଣର ଅଘଟଣ ଅଳ୍ପକେ ଟଳିଯାଇଛି। ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଭୂତଳ ଗେଲ୍ ଇଣ୍ଡିଆ ଗ୍ୟାସ୍ ପାଇପ୍ ଲାଇନ୍ ଫାଟିଯିବା ଫଳରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଏକ ମନ୍ଦିର ନିର୍ମାଣ କାର୍ଯ୍ୟ ପାଇଁ ଜେସିବି ମେସିନ୍ ସାହାଯ୍ୟରେ ମାଟି ଖୋଳାଯାଉଥିଲା। ଏହି




ସମୟରେ ଭୂତଳ ଦେଇ ଯାଇଥିବା ଗେଲ୍ ଇଣ୍ଡିଆର ପ୍ରମୁଖ ଗ୍ୟାସ୍ ପାଇପ୍ ଲାଇନ୍ ଭୁଲ୍‌ବଶତଃ ଫାଟିଯାଇଥିଲା। ପାଇପ୍ ଲାଇନ୍ ଫାଟିବା କ୍ଷଣି ପ୍ରାୟ ୪୦ ମିନିଟ୍ ଧରି ଗ୍ୟାସ୍ ଲିକ୍ ହୋଇଥିଲା। ବାୟୁମଣ୍ଡଳରେ ଗ୍ୟାସ୍ ବ୍ୟାପିଯିବାରୁ ଆଖପାଖ ଲୋକେ ଆତଙ୍କିତ ହୋଇପଡ଼ିଥିଲେ ଏବଂ ନିଜ ସୁରକ୍ଷା ପାଇଁ ଘରୁ ବାହାରକୁ ଚାଲିଆସିଥିଲେ। ବଡ଼ ବିସ୍ଫୋରଣର ଆଶଙ୍କା ସୃଷ୍ଟି ହୋଇଥିଲା। ଘଟଣା ସମ୍ପର୍କରେ ଖବର ପାଇବା କ୍ଷଣି ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ପକ୍ଷରୁ ତୁରନ୍ତ ତତ୍ପରତା ପ୍ରକାଶ ପାଇଥିଲା। ଖବର ପାଇବା ମାତ୍ରେ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷା ଦୃଷ୍ଟିରୁ ସେହି ଅଞ୍ଚଳରେ ଲୋକଙ୍କ ଯାତାୟାତକୁ କଟକଣା କରିଥିଲେ। ଯେକୌଣସି ଅଘଟଣ ବା ନିଆଁ ଲାଗିବା ପରିସ୍ଥିତିକୁ ଏଡ଼ାଇବା ପାଇଁ ଅଗ୍ନିଶମ ଗାଡ଼ି ସହିତ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଗେଲ୍ ଇଣ୍ଡିଆର ବୈଷୟିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପାଇପ୍ ଲାଇନ୍‌ର ମୁଖ୍ୟ ଭାଲ୍‌ଭକୁ ବନ୍ଦ କରିବାରେ ସଫଳ ହୋଇଥିଲେ। ସମସ୍ତ ବିଭାଗର ମିଳିତ ଓ ତ୍ୱରିତ ଉଦ୍ୟମ ଫଳରେ ଏକ ବଡ଼ଧରଣର ଦୁର୍ଘଟଣା ଘଟିବାରୁ ବର୍ତ୍ତିଯାଇଛି।

# ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତକୁ ୪ ବର୍ଷ ଜେଲ

ଭୁବନେଶ୍ୱର(ନି.ପ୍ର): ଆଜି ମାନ୍ୟବର ସିବିଆଇ ସ୍ୱତନ୍ତ୍ର କୋର୍ଟ ନମ୍ବର-୧-କମ୍-ଅତିରିକ୍ତ ସେସନ୍ସ ଜଜ୍ ସଞ୍ଜୀବ ଦୁବେ, ଗତ ୨୦୨୪ ମସିହା ଜୁନ ମାସରେ ବଡ଼ଗଡ଼ ଥାନା ଅଞ୍ଚଳରେ ହୋଇଥିବା ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଆସାମୀ ଜିତେନ୍ଦ୍ର ପ୍ରଧାନକୁ ୪ ବର୍ଷର ସଶ୍ରମ କାରାଦଣ୍ଡର ସଜା ଶୁଣାଇଛନ୍ତି । ଘଟଣାରଅନ୍ତରାଳେ: ଅଭିଯୋଗକାରୀ ଆର୍ତ୍ତତ୍ରାଣ ଦାସ ବେଜେବି ନଗର ଅନ୍ତର୍ଗତ ଏସଆଇପି କଲୋନୀର କ୍ୱାର୍ଟର ନମ୍ବର-ଏଫ/୧ରେ ରୁହନ୍ତି। ଘର ସମୁଖରେ ଥିବା ପାର୍କରେ କିଛି ଅସାମାଜିକ ଶ୍ରେଣୀର ଯୁବକ ନିଶା ସେବନ କରିବା ସହ ପରସ୍ପରକୁ ସର୍ବ ସମୁଖରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିବା ଦେଖି ଅଭିଯୋଗକାରୀ ଏହାର ନିୟମିତ ଭାବେ ବିରୋଧ କରିଆସୁଥିଲେ। ଗତ ୨୫.୦୫.୨୦୨୪ ତାରିଖ ସକାଳ ପ୍ରାୟ ୬ଟା ସମୟରେ ସେ ପାର୍କକୁ ପ୍ରାତଃ ଭ୍ରମଣରେ ଯାଇଥିଲେ। ସେହି ସମୟରେ କଟକ ଜିଲ୍ଲା କାନପୁର ଥାନା ଅନ୍ତର୍ଗତ କାଞ୍ଚିଆପଡ଼ାର ଗୋପାଳ ପ୍ରଧାନଙ୍କ ପୁଅ ଅଭିଯୁକ୍ତ ଜିତେନ୍ଦ୍ର ପ୍ରଧାନ ସେଠାରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଧାରୁଆ ଅସ୍ତ୍ର ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଅଭିଯୋଗକାରୀ ଏହାର ପ୍ରତିବାଦ କରିବାରୁ, ଅଭିଯୁକ୍ତ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା, ଯାହା ଫଳରେ ତାଙ୍କ ମୁଣ୍ଡ, ବେକ ଏବଂ ବାହୁରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହାପରେ ଅଭିଯୁକ୍ତ ନିଜ ପାଖରେ ରଖିଥିବା ଏକ ବନ୍ଧୁକରୁ ଗୁଳି ଚଳାଇବାକୁ ଉଦ୍ୟମ କରିଥିଲା। ଏହା ଦେଖି ଭୟରେ ଅଭିଯୋଗକାରୀ ସେଠାରୁ ଦୌଡି ପଳାଇଥିଲେ ଏବଂ ପରେ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଉପରୋକ୍ତ ଘଟଣାକୁ କେନ୍ଦ୍ରକରି ବଡଗଡ ଥାନା କେସ୍ ନମ୍ବର-୩୮୪/୨୦୨୪, ଆଇପିସିର ଧାରା-୩୪୧/୨୯୪/୩୨୪/ ୩୦୭/ ୫୦୬ ଓ ଅସ୍ତ୍ରଶସ୍ତ୍ର ନିରୋଧ ଆଇନର ଧାରା-୨୫/ ୨୭ ରେ ମାମଲା ରୁଜୁ ହୋଇଥିଲା ଏବଂ ତତ୍କାଳୀନ ଥାନା ସବ୍-ଇନ୍ସପେକ୍ଟର ରାଜେଶ କୁମାର ଗୌଡ ଏହାର ତଦନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ତଦନ୍ତକାରୀ ଅଧିକାରୀ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତ ଜିତେନ୍ଦ୍ର ପ୍ରଧାନକୁ ତୁରନ୍ତ ଗିରଫ କରିବା ସହ ୨୮.୧୨.୨୦୨୫ ରେ ତାଙ୍କ ବିରୋଧରେ ମାନ୍ୟବର ଅଦାଲତଙ୍କ ନିକଟରେ ଚାର୍ଜସିଟ ଦାଖଲ କରିଥିଲେ। ଉପରୋକ୍ତ ମାମଲାର ବିଚାର କରି, ମାନ୍ୟବର ଅଦାଲତ ଆଜି ତାଙ୍କ ରାୟରେ ଆସାମୀ ଜିତେନ୍ଦ୍ର ପ୍ରଧାନକୁ ଆଇପିସିର ଧାରା-୩୦୭ ଆଧାରରେ ୪ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୧୦,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୪ ମାସର ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି । ସେହିପରି ଆଇପିସିର ଧାରା-୩୨୪ ଅନୁଯାୟୀ ଅତିରିକ୍ତ ୨ ବର୍ଷର ସଶ୍ରମ କାରାଦଣ୍ଡର ଆଦେଶ ମଧ୍ୟ ଦେଇଛନ୍ତି । ଉପରୋକ୍ତ ଉଭୟ ସଜା ଏକକାଳୀନ ଲାଗୁ ହେବା ଲାଗି ମାନ୍ୟବର ଅଦାଲତ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଶ୍ରୀ ଏସ୍ ଏନ୍ ପଣ୍ଡା ସଫଳତାର ସହ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ମିଳିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ହେଉଛି ୭୧ ତମ ମାମଲା।

## ରଥ ଉପରେ ଅଣସେବାୟତଙ୍କ ବେଆଇନ ପ୍ରବେଶ ନେଇ ସିଂହଦ୍ୱାର ଥାନାରେ ଏତଲା

ପୁରୀ(ନିପ୍ର): ଚଳିତ ବର୍ଷ ରଥଯାତ୍ରା ସମୟରେ ରଥ ଉପରେ ଜଣେ ଅଣସେବାୟତଙ୍କ ବେଆଇନ ପ୍ରବେଶକୁ ଶ୍ରୀମନ୍ଦିର ପ୍ରଶାସନ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛି। ଏହି ଘଟଣାରେ ସମ୍ପୃକ୍ତ ଅନଧିକୃତ ବ୍ୟକ୍ତିଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୁରୀ ସିଂହଦ୍ୱାର ଥାନାରେ ଏକ ଲିଖିତ ଏତଲା ଦାୟର କରାଯାଇଛି। ସୂଚନାଯୋଗ୍ୟ, ରଥ ଉପରେ ଶ୍ରୀବିଗ୍ରହ ବିଜେ କରିଥିବା ସମୟରେ ନିର୍ଦ୍ଦିଷ୍ଟ ସେବାୟତଙ୍କ ବ୍ୟତୀତ ଅନ୍ୟ କୌଣସି ଅନଧିକୃତ ବ୍ୟକ୍ତି ରଥ ଉପରେ ଚଢ଼ିବା ନେଇ ବାରଣ ରହିଛି। ସେବାୟତଙ୍କ ଭିନ୍ନ ଅନ୍ୟ କୌଣସି ବ୍ୟକ୍ତି ରଥ ଉପରେ ରହିପାରିବେ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନେକବାର ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦିଆଯାଇଥିବା ସତ୍ତ୍ୱେ ଚଳିତ ରଥଯାତ୍ରାରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଉପରେ ଜଣେ ଅଣସେବାୟତ ଠିଆ ହୋଇଥିବାର ଫଟୋ ଫେସବୁକ୍ ଏବଂ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମରେ ଦୃଷ୍ଟିଗୋଚର ହୋଇଥିଲା। ଏହି ବ୍ୟକ୍ତି ଜଣକ ଗେରୁଆ ରଙ୍ଗର ବସ୍ତ୍ର ପିନ୍ଧିଥିଲେ ଏବଂ ଦଇତା ସେବକଙ୍କ ଭଳି ବେଶ ପରିଧାନ କରି ରଥ ଉପରେ ଛିଡ଼ା ହୋଇଥିଲେ। ଉକ୍ତ ଫଟୋରେ ରଥ ଉପରେ ଦେବୀ ସୁଭଦ୍ରା ବିରାଜମାନ ଅଛନ୍ତି। ସମ୍ପୃକ୍ତ ବ୍ୟକ୍ତି ସେବାୟତଙ୍କ ଭଳି ବେଶପୋଷାକରେ ଆସି ପ୍ରଶାସନର ନଜର ଆଢୁଆଳରେ ରହିବା ପାଇଁ ଚେଷ୍ଟା କରିଛନ୍ତି। ରଥ ଉପରେ ଏଭଳି ଅନଧିକୃତ ପ୍ରବେଶ ସମ୍ପୂର୍ଣ୍ଣ ଭାବେ ଏକ ବେଆଇନ କାର୍ଯ୍ୟ। ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଅବଗତ ହେବା ପରେ ତୁରନ୍ତ ପଦକ୍ଷେପ ନିଆଯାଇ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ଏହାସହ ସେବାୟତଙ୍କ ବେଶରେ ଠକାମି କରି ରଥ ଉପରେ ଚଢ଼ିଥିବା ଯୋଗୁଁ ଏହି ଅନଧିକୃତ ବ୍ୟକ୍ତିଙ୍କ ନାମ ଏବଂ ପରିଚୟ ଖୋଜି ବାହାର କରିବା ସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସିଂହଦ୍ୱାର ଆଇଆଇସିଙ୍କୁ ଏତଲାରେ ଅନୁରୋଧ କରାଯାଇଛି। ଘଟଣା ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି, 'ରଥ ଉପରେ କୌଣସି ବିଶୃଙ୍ଖଳିତ ତଥା ବେଆଇନ୍ କାର୍ଯ୍ୟକଳାପକୁ କଦାପି ସହ୍ୟ କରାଯିବ ନାହିଁ। ଶ୍ରୀବିଗ୍ରହମାନଙ୍କ ସେବା-ପୂଜା ନିର୍ବିଘ୍ନରେ ସମ୍ପନ୍ନ ହେବା ଦିଗରେ ଶ୍ରୀମନ୍ଦିର ପ୍ରଶାସନ ସର୍ବଦା ଯତ୍ନବାନ ରହିଆସିଛି। ମନ୍ଦିର ପରମ୍ପରା ଓ ନିୟମ ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଗାମୀ ଦିନରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।'

### ୪୦ ଲକ୍ଷ ଟଙ୍କାରୁ ଅଧିକ ଆର୍ଥିକ ହେରଫେର ମାମଲା

## ବେତନଟି ଲ୍ୟାମ୍ପସିସର ପୂର୍ବତନ ପରିଚାଳନା ନିର୍ଦ୍ଦେଶକଙ୍କୁ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର: ଆର୍ଥିକ ହେରଫେର ମାମଲାରେ ମୟୂରଭଞ୍ଜ ଜିଲ୍ଲା ବେତନଟି ଲ୍ୟାମ୍ପସିସର ପୂର୍ବତନ ପରିଚାଳନା ନିର୍ଦ୍ଦେଶକଙ୍କୁ ଗିରଫ କଲା ଭିଜିଲାନ୍ସ। ୪୦.୯୪ ଲକ୍ଷ ଟଙ୍କାର ଆର୍ଥିକ ହେରଫେର ମାମଲାରେ ସେ ଗିରଫ ହୋଇଥିବା ଜଣାପଡିଛି। ଦୁର୍ନୀତି ଏବଂ ସାର୍ବଜନୀନ ପାଣ୍ଠି ବିନିଯୋଗ ବିରୁଦ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଓଡ଼ିଶା ଭିଜିଲାନ୍ସ ଆଜି ସୋସାଇଟି ପାଣ୍ଠିର ୪୦.୯୪ ଲକ୍ଷ ଟଙ୍କା ହେରଫେର ପାଇଁ ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ଦାସଙ୍କୁ ଗିରଫ କରିଛି। ତାଙ୍କୁ ବାରିପଦାର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସଙ୍କ କୋର୍ଟକୁ ପଠାଯାଉଛି । ମାମଲାଟି ବେଟନୋଟି



ଲ୍ୟାମ୍ପସିସ ଲିମିଟେଡରେ ୨୦୧୭-୧୮ ଆର୍ଥିକ ବର୍ଷରେ ହୋଇଥିବା ବଡ଼ ଧରଣର ଆର୍ଥିକ ଅନିୟମିତତା ସହିତ ଜଡିତ। ଶ୍ରୀ ହିମାଂଶୁ ଦାସ ପରିଚାଳନା ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଥିବା ସମୟରେ ସ୍ଥାନୀୟ ଋଣଗ୍ରହୀତା ଚାଷୀଙ୍କ ଠାରୁ କୃଷି ଏବଂ ଫସଲ ଋଣ ପରିଶୋଧ, ସଦସ୍ୟ ଅଂଶଧନ ପୁଞ୍ଜି ଅବଦାନ, ଆବେଦନ ଫର୍ମ ଫି ଏବଂ ପ୍ରଶାସନିକ ଦେୟ ପରିଶୋଧ ପାଇଁ ପ୍ରଚୁର ପରିମାଣର ଟଙ୍କା ଆଦାୟ କରିଥିଲେ। ଅଭିଯୁକ୍ତ ଶ୍ରୀ ଦାସ ଏହି ଦେୟ ପ୍ରାପ୍ତି ସ୍ୱୀକାର କରି ଚାଷୀମାନଙ୍କୁ ଟଙ୍କା ରସିଦ ମଧ୍ୟ ପ୍ରଦାନ କରିଥିଲେ। ସଂଗୃହୀତ ରାଜସ୍ୱକୁ ସୋସାଇଟିର ଆକାଉଣ୍ଟରେ ଜମା କରିବା ପରିବର୍ତ୍ତେ, ଶ୍ରୀ ଦାସ ଜାଣିଶୁଣି ଏହି କାରବାର ଗୁଡ଼ିକୁ ବେତନଟି ଲ୍ୟାମ୍ପସିସର ସରକାରୀ ଡେ ବୁକରେ ପ୍ରବେଶ ନକରି, ବ୍ୟକ୍ତିଗତ ଲାଭ ପାଇଁ ପାଣ୍ଠିକୁ ରୂପାନ୍ତରିତ କରିଥିଲେ ଏବଂ ଏହାଦ୍ୱାରା ମୋଟ ୪୦, ୯୪ ୩୦୬ ଟଙ୍କା ଆତ୍ମସାତ କରିଥିଲେ। ଏହି ସମ୍ପର୍କରେ, ବାଲେଶ୍ୱର ଭିଜିଲାନ୍ସ ପିଏସ୍ କେସ୍ ନଂ.୧୨, ଧାରା ୧୩(୨) ସ୍ୱାଙ୍ଗ ୧୩(୧) (ମ) ପି.ସି. ଆଇନ-୧୯୮୮/୪୦୯ ଅନୁଯାୟୀ ଶ୍ରୀ ଦାସଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଜମି ଠକେଇ ମାମଲା: ବିଲ୍‌ଡରଙ୍କୁ ୩ବର୍ଷ ଜେଲ

ଭୁବନେଶ୍ୱର(ନି.ପ୍ର): ଆଜି ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ ର ବିଚାରପତି ସୁଶ୍ରୀ କାରୋଣିକା ଘୋଷ, ଗତ ୨୦୨୩ ମସିହା ଡିସେମ୍ବର ମାସରେ ଶହୀଦନଗର ଥାନାରେ ରୁଜୁ ହୋଇଥିବା ଏକ ଜମି ଠକେଇ ମାମଲାର ବିଚାର କରି ଆସାମୀ ଗୟାଧର ଜେନାକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି। ଘଟଣାକ୍ରମେ: ଅଭିଯୁକ୍ତ ଗୟାଧର ଜେନା "ଶାରଳା ରିୟଲକନ ପ୍ରାଇଭେଟ ଲିମିଟେଡ"ର ମାଲିକ। ଅଭିଯୋଗକାରୀ ଗୌରାଙ୍ଗ ସେନାପତି ତାଙ୍କ ନିକଟରୁ ଏକ ଜମି କିଣିବା ଲାଗି ଇଚ୍ଛା ପ୍ରକାଶ କରିଥିଲେ ଏବଂ ଆଲୋଚନା ପର୍ଯ୍ୟାଲୋଚନା ପରେ ଉକ୍ତ ଜମିର ଧାର୍ଯ୍ୟ ମୂଲ୍ୟ ୧୨ଲକ୍ଷ ଟଙ୍କା ସ୍ଥିରୀକୃତ ହୋଇଥିଲା। ଅଭିଯୋଗକାରୀ ଗତ ତା.୦୨.୦୭.୨୦୧୨ ରିଖ ଦିନ ଅଗ୍ରୀମ ବାବଦକୁ ୩୦,୦୦୦ ଟଙ୍କା ନଗଦ ଆକାରରେ ଦେଇଥିବା ବେଳେ, ବାକି ୧୧,୭୦,୦୦୦ ଟଙ୍କା ଭିନ୍ନଭିନ୍ନ ତାରିଖରେ ବ୍ୟାଙ୍କ ଟ୍ରାନ୍ସଫର ଜରିଆରେ ଦେଇଥିଲେ। ସ୍ଥିରୀକୃତ ମାରିମାଣ ମୋଟ ୧୨ଲକ୍ଷ ଟଙ୍କା ଦେଇ ସାରିବା ପରେ ଅଭିଯୁକ୍ତ ଏବଂ ଅଭିଯୋଗକାରୀଙ୍କ ମଧ୍ୟରେ ଏକ ଚୁକ୍ତି ମଧ୍ୟ ହୋଇଥିଲା। କିନ୍ତୁ ଟଙ୍କା ନେବାର ଅନେକ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଗୟାଧର ଚୁକ୍ତି ଅନୁଯାଇ ଅଭିଯୋଗକାରୀଙ୍କ ନାମରେ କୌଣସି ଜମି ପଞ୍ଜୀକରଣ କରିନଥିଲେ, ବରଂ ଦିନପରେ ଦିନ ଗଡାଇ ଚାଲିଥିଲେ। ନେଇଥିବା ଟଙ୍କା ଫେରାଇବା ଲାଗି କହିବାରୁ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ନାନା ପ୍ରକାର ଧମକଚମକ ଦେଇଥିଲେ। ଏନେଇ ଅଭିଯୋଗକାରୀ ଗୌରାଙ୍ଗ ସେନାପତି ଶହୀଦନଗର ଥାନାର ଆଶ୍ରୟ ନେଇଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତିକରି କରି ଶହୀଦନଗର ଥାନା କେସ ନଂ.-୪୯୬/ ୨୦୨୩, ଆଇପିସି ର ଧାରା-୪୨୦/୨୯୪/ ୪୦୬/୩୨୩/୫୦୬ ରେ ମାମଲା ରୁଜୁ ହୋଇଥିଲା ଏବଂ ତତ୍କାଳୀନ ସବ୍-ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ମହାନ୍ତି ଏହି ମାମଲାର ତଦନ୍ତ ଦାୟିତ୍ୱ ବହନ କରିଥିଲେ। ତଦନ୍ତ ଶେଷରେ ସେ ଅଭିଯୁକ୍ତ ଗାୟଧର ଜେନାକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଗତ ୧୮.୦୫.୨୦୨୫ ରେ ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲେ। ମାନ୍ୟବର ଅଦାଲତ ୬ଜଣ ସାକ୍ଷୀଙ୍କ ଜବାନବନ୍ଦି ଓ ୧୫ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ ଗୁଡିକୁ ଅଧ୍ୟୟନ କରି ଆଜି ବିଚାର କାର୍ଯ୍ୟ ସମାପ୍ତ କରିଥିଲେ। ସେ ତାଙ୍କ ରାୟରେ ଅଭିଯୁକ୍ତ ଗାୟଧର ଜେନାକୁ ଆଇପିସିର ଧାରା-୪୨୦ ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସର ସରଳ କାରାଦଣ୍ଡ ଶୁଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅଭିଯୁକ୍ତ ଗୟାଧର ଜେନା ଜଣେ କୁଖ୍ୟାତ ଜମି ମାଫିଆ ଓ ଠକ ଭାବେ ପରିଚିତ। ତାଙ୍କ ବିରୋଧରେ ଭୁବନେଶ୍ୱରର ବିଭିନ୍ନ ଥାନା, ଯଥା ସହୀଦନଗର, ଲକ୍ଷ୍ମୀସାଗର, ବଡଗଡ ଓ ଖଣ୍ଡଗିରୀ ଥାନାରେ ୩୦ରୁ ଅଧିକ ଠକେଇ ସମ୍ବନ୍ଧୀୟ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ଏହା ସହିତ ନିକଟ ଅତୀତରେ ଲକ୍ଷ୍ମୀସାଗର ଥାନା ମାମଲା- ୪୦୯/ ୨୦୨୧, ୩୫୪/୨୦୨୧, ୩୫୯/ ୨୦୨୧ ଓ ୩୫୬/୨୦୨୧ରେ ମାନ୍ୟବର ଅଦାଲତ ତାଙ୍କୁ ପ୍ରତ୍ୟେକରେ ୩ ବର୍ଷର କାରାଦଣ୍ଡ ଦେଇଥିବା ବେଳେ, ବଡଗଡ ଥାନା ମାମଲା-୨୪୯/୨୦୨୫ ଓ ଖଣ୍ଡଗିରି ଥାନା ମାମଲା-୪୦୪/୨୦୨୪ ରେ ମଧ୍ୟ ମାନ୍ୟବର ଅଦାଲତ ତାଙ୍କୁ ୨ବର୍ଷର କାରାଦଣ୍ଡ ସଜା ଶୁଣାଇଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ମିସ ଚିରନ୍ତନୀ ବାଗ ଏବଂ ବିଜୟ କୁମାର ବାରିକ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ହେଉଛି ୭୨ ତମ ମାମଲା।

## ହତ୍ୟା ଅଭିଯୁକ୍ତ ଗିରଫ

ରାୟଗଡା(ନିପ୍ର): ହତ୍ୟା ଅଭିଯୁକ୍ତକୁ ଗିରଫ କରିଛି ପୋଲିସ । ଆରକ୍ଷୀ ଅଧିକ୍ଷକ ପି. ପ୍ରସାଦଙ୍କ ଦ୍ୱାରା ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ରାୟଗଡା ଆରକ୍ଷୀ ଅଧିକ୍ଷକ ପି.ପ୍ରସାଦଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ସେ କହିଥିଲେ ଯେ, ଗୋଟିଏ ମହିଳାଙ୍କ ହତ୍ୟାକାରୀକୁ ଧରିବା ପାଇଁ ପୋଲିସ ବିଭାଗର ୬ ଗୋଟି ଟିମ ନିୟୋଜିତ କରାଯାଇଥିଲା। ଉପରିସ୍ଥ ପ୍ରଶାସନିକ ପୋଲିସ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ହତ୍ୟାକାଣ୍ଡର ତଦନ୍ତ ଆରମ୍ଭ କରାଯାଇଥିବା ବେଳେ ଏକ ପୋଲିସ ଟିମ ବିଶାଖାପାଟଣା ଯାଇ ତଦନ୍ତ କରିଥିଲେ। ପୋଲିସର ତନାଘନା ତଦନ୍ତ ପରେ ଅପରାଧୀକୁ ବିଶାଖାପାଟଣାରୁ ଗିରଫ କରିବାରେ ପୋଲିସ ସଫଳ ହୋଇଥିଲା। ଗିରଫ ହୋଇଥିବା ହତ୍ୟା ଅପରାଧୀ ଜଣକ ହେଲେ କାଞ୍ଚାରାପାଲେମ ଥାନା ଅନ୍ତର୍ଗତ ଡାକଘର ନିକଟସ୍ଥ ଗାଂଗାନାନଗର, ବିଶାଖାପାଟନମ ସିଟି ପୋଲିସ, କମିସନରେଟ, ଆନ୍ଧ୍ର ପୋଲିସ, ବୋଲିସେଟ୍ଟି ଭେଙ୍କେଟାରାମନାଙ୍କ ପୁତ୍ର ବୋଲ୍ଲୀସେଟ୍ଟି ସୁରେଶ କୁମାର। ବହୁ ଚର୍ଚ୍ଚିତ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିବା ପାଇଁ ରାୟଗଡା ଆରକ୍ଷୀ ଅଧିକ୍ଷକ ପି.ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ୬ ଗୋଟି ଟିମ ଗଠନ କରି ଅନୁସନ୍ଧାନ ଆରମ୍ଭ କରି ସଫଳତା ହାସଲ କରିଥିବା ରାୟଗଡା ଆରକ୍ଷୀ ଅଧିକ୍ଷକ ପ୍ରକାଶ କରିଥିଲେ।

### ଇତିହାସ ରଚିଲେ ଭାରତର ଅସ୍ମିତା ଦେ’

# ଜୁଡୋରେ ଜିତିଲେ ପ୍ରଥମ ସ୍ୱର୍ଣ୍ଣ ପଦକ



ନୂଆଦିଲ୍ଲୀ, ୩୧ ।୭: କମନୱେଲ୍ଥ ଗେମ୍ସ (ରାଜ୍ୟଗୋଷ୍ଠୀ କ୍ରୀଡା) ଇତିହାସରେ ଭାରତ ଏକ ବଡ଼ ସଫଳତା ହାସଲ କରିଛି । ଭାରତର ଯୁବ ଜୁଡୋ ଖେଳାଳି ଅସ୍ମିତା ଦେ’ ୪୮ କିଗ୍ରା ବର୍ଗରେ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି । ଫାଇନାଲ ମୁକାବିଲାରେ ସେ କାନାଡ଼ାର ଖେଳାଳିଙ୍କୁ ପରାସ୍ତ କରିଛନ୍ତି । ଏହି ରୋମାଞ୍ଚକର ମ୍ୟାଚ୍‌ରେ ସେ ‘ସଡ଼ନ୍ ଡେଥ୍’ ବା ଗୋଲ୍ଡନ ସ୍କୋର ଜରିଆରେ ଏହି ବିଜୟ ହାସଲ କରିଛନ୍ତି । କମନୱେଲ୍ଥ ଗେମ୍ସର ଜୁଡୋ ଇତିହାସରେ ଭାରତକୁ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ମିଳିଥିବାରୁ ଏହା ଦେଶ ପାଇଁ ଏକ ବଡ଼ ଗର୍ବର ବିଷୟ ପାଲଟିଛି । ଅସ୍ମିତାଙ୍କ ଏହି ବିଜୟ ଯାତ୍ରା ପ୍ରଶଂସନୀୟ ଥିଲା । ସେ କ୍ୱାର୍ଟର ଫାଇନାଲରେ ସ୍କଟଲ୍ୟାଣ୍ଡର ଇଭା ଇଭିଂଙ୍କୁ ‘ଇପ୍ପୋନ୍’ ଜରିଆରେ ପରାସ୍ତ କରିଥିବାବେଳେ ସେମିଫାଇନାଲ ମ୍ୟାଚ୍‌ରେ ସ୍କଟଲ୍ୟାଣ୍ଡର ସମର ଶ’ଙ୍କୁ ‘ୟୁକୋ’ (୧-୦) ବ୍ୟବଧାନରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ । ଶେଷରେ ଫାଇନାଲରେ କାନାଡ଼ାର ହେଇଡି କ୍ୱେଚ୍‌ଙ୍କୁ ଗୋଲ୍ଡନ ସ୍କୋରରେ ପରାସ୍ତ କରି ସେ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଥିଲେ ।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସମୀକ୍ଷା ବୈଠକ



**କଟକ, ୩୧/୭(ନିପ୍ର):** ଅଗଷ୍ଟ ୩ ତାରିଖରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କଟକ ଗସ୍ତ ପରିପ୍ରେକ୍ଷୀରେ ଶୁକ୍ରବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ବାଆଁରାସ୍ଥିତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ କାର୍ଯ୍ୟକ୍ରମର ନୋଡାଲ ଅଫିସର ଭାବେ ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସଙ୍କୁ ନିଯୁକ୍ତ କରାଯାଇଛି । ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତିକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚାଇବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍ ପରିଚାଳନା, ପରିମଳ ବ୍ୟବସ୍ଥା, ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ଜରୁରୀକାଳୀନ ସହାୟତା ସମେତ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ବିଭାଗୱାରୀ ସମୀକ୍ଷା କରାଯାଇଥିଲା । ରାଷ୍ଟ୍ରପତିଙ୍କ କଟକ ଗସ୍ତ ଏବଂ ବାଆଁରାସ୍ଥିତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଯୁଗ୍ମ ଆଡଭାନ୍ସ ସିକ୍ୟୁରିଟି ଲିଆଇଜନ୍ ବୈଠକ ଏବଂ ସ୍ଥଳ ପରିଦର୍ଶନ ସଫଳତାର ସହ ସମ୍ପନ୍ନ ହୋଇଯାଇଛି ।

## ରେଳମନ୍ତ୍ରୀଙ୍କ ସହ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩୧/୭(ନିପ୍ର): ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଜୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶୁକ୍ରବାର ନୂଆଦିଲ୍ଲୀଠାରେ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଜୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଅବସରରେ ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ, ନୂତନ ରେଳ ଲାଇନ୍ ପ୍ରକଳ୍ପର କାର୍ଯ୍ୟକାରିତା ଓ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ନେଇ ଆମର ସକରାତ୍ମକ ଆଲୋଚନା ହୋଇଛି । ଆଞ୍ଚଳିକ ତଥା ଶିଳ୍ପାଞ୍ଚଳ ସଂଯୋଗୀକରଣକୁ ଅଧିକ କ୍ରିୟାଶୀଳ କରି ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ଆମର ମୁଖ୍ୟ ଲକ୍ଷ୍ୟ । କେନ୍ଦ୍ର ସରକାରଙ୍କ ସହଯୋଗରେ ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମେ ନିରନ୍ତର ଆଗେଇ ଚାଲିଛୁ ।

## ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଷଡ଼ଯନ୍ତ୍ର, ଆତଙ୍କୀ ଗିରଫ



ନୂଆଦିଲ୍ଲୀ,୩୧ ।୭: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ହତ୍ୟା ପାଇଁ ହେଉଥିଲା ଷଡଯନ୍ତ୍ର । ଶୁଭେନ୍ଦୁଙ୍କ ବିରୋଧରେ ଆତଙ୍କବାଦୀ ଆକ୍ରମଣ ଯୋଜନା ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା ହୋଇଛି । ଏସଟିଏଫ ପଶ୍ଚିମବଙ୍ଗର ବର୍ଦ୍ଧମାନରୁ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର ସଦସ୍ୟ ହମିଦ ମଣ୍ଡଳଙ୍କୁ ଗିରଫ କରିଛି । ରିପୋର୍ଟ ଅନୁଯାୟୀ, ପୋଲିସ ସନ୍ଦେହ କରୁଛି ଯେ ଏହି ସନ୍ଦିଗ୍ଧ ଜୈଶ ଆତଙ୍କବାଦୀ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଆକ୍ରମଣ କରିବାର ଷଡ଼ଯନ୍ତ୍ର କରିଥିଲା । ଆତଙ୍କବାଦୀଙ୍କ ଠାରୁ ଉଦ୍ଧାର ହୋଇଥିବା ମୋବାଇଲ୍ ଫୋନ୍ ଏବଂ କାଗଜପତ୍ର ଯାଞ୍ଚ କରିବା ପରେ ଏହି ସୂଚନା ପ୍ରକାଶ ପାଇଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗିରଫ ଆତଙ୍କବାଦୀ ହମିଦ ମଣ୍ଡଳ ଜମ୍ମୁ ଓ କଶ୍ମୀରର ପୁଲୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ଉଟ୍ଟରର ନିକଟତର ସହଯୋଗୀ ।

# ଚାରି ମାସର ‘ରେରା’ ସମ୍ପ୍ରସାରଣକୁ କ୍ରେଡ଼ାଇ ଓଡ଼ିଶାର ଗୁରୁତ୍ୱ



ଭୁବନେଶ୍ୱର,୩୧ ।୭: କେନ୍ଦ୍ର ସରକାରଙ୍କ ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମଓଏଚୟୁଏ) ଦ୍ୱାରା ଜାରି କରାଯାଇଥିବା ପରାମର୍ଶକୁ କ୍ରେଡାଇ ଓଡ଼ିଶା ସ୍ୱାଗତ କରିଛି ।ଯେଉଁଥିରେ ରିଅଲ୍ ଇଷ୍ଟେଟ୍ (ନିୟନ୍ତ୍ରଣ ଏବଂ ବିକାଶ) ଆଇନ, ୨୦୧୬ର ଫୋର୍ସ ମାଜିଅର ବ୍ୟବସ୍ଥା ଅନୁଯାୟୀ ଯୋଗ୍ୟ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ପାଇଁ ରେରା (ରିଅଲ ଇଷ୍ଟେଟ ରେଗୁଲେଟରି ଅଥରିଟିଜ୍)ପଞ୍ଜିକରଣ ଏବଂ ଅନୁରୂପ ପ୍ରକଳ୍ପ ପରିପୂରଣ ପ୍ରକ୍ରିୟାକୁ ଚାରି ମାସ ବୃଦ୍ଧି କରିବାକୁ ସୁପାରିସ କରାଯାଇଛି । ଏହି ପରାମର୍ଶରେ ପଶ୍ଚିମ ଏସିଆ ବିବାଦ ଯୋଗୁଁ ହୋଇଥିବା ଅଭୂତପୂର୍ବ ବିଭ୍ରାଟକୁ ସ୍ୱୀକାର କରାଯାଇଛି, ଯାହା ବିଶ୍ୱବ୍ୟାପୀ ଯୋଗାଣ ଶୃଙ୍ଖଳ ଏବଂ ଗୁରୁତ୍ୱପୂର୍ଣ୍ଣ ନିର୍ମାଣ ସାମଗ୍ରୀର ଉପଲବ୍ଧତାକୁ ଗୁରୁତର ଭାବରେ ପ୍ରଭାବିତ କରିଛି । କ୍ରେଡାଇ ଓଡ଼ିଶାର ଅଧ୍ୟକ୍ଷ ତଥା କ୍ରେଡାଇ ନ୍ୟାସନାଲର ଉପାଧ୍ୟକ୍ଷ ସ୍ୱଦେଶ କୁମାର ରାଉତରାୟ ଏହି ନିଷ୍ପତ୍ତିକୁ ସ୍ୱାଗତ କରି କହିଛନ୍ତି: ‘ଆମେ ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ସକ୍ରିୟ ହସ୍ତକ୍ଷେପକୁ ଆନ୍ତରିକ ଭାବରେ ପ୍ରଶଂସା କରୁଛୁ । ଓଡ଼ିଶା ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ରାଉତରାୟ କହିଛନ୍ତି: ‘ଆମେ ଓଡ଼ିଶା ରିଅଲ୍ ଇଷ୍ଟେଟ୍ ନିୟାମକ ପ୍ରାଧିକରଣ (ଓରେରା)କୁ ଓଡ଼ିଶାରେ ଯୋଗ୍ୟ ପ୍ରକଳ୍ପଗୁଡ଼ିକ ପାଇଁ ଆବଶ୍ୟକ ସୂଚନା ଜାରି କରି ମନ୍ତ୍ରଣାଳୟର ପରାମର୍ଶ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ଅନୁରୋଧ କରୁଛୁ ।

## ରାଜ୍ୟସଭା ସୋମବାର ପର୍ଯ୍ୟନ୍ତ ମୁଲତବି

ନୂଆଦିଲ୍ଲୀ, ୩୧/୭: ଶୁକ୍ରବାର ବିପକ୍ଷ ସଦସ୍ୟମାନଙ୍କର ହଙ୍ଗାମା ଓ ନାରାବାଜି କାରଣରୁ ରାଜ୍ୟସଭାର କାର୍ଯ୍ୟବାହୀକୁ ସାରାଦିନ ପାଇଁ ସ୍ଥଗିତ କରାଯାଇଛି । ବର୍ତ୍ତମାନ ସଦନର ପରବର୍ତ୍ତୀ ବୈଠକ ୦୩ ଅଗଷ୍ଟ (ସୋମବାର) ସକାଳ ୧୧ଟାରେ ହେବ । ସଦନର ବୈଠକ ଆରମ୍ଭ ହେବା ସହିତ ଆବଶ୍ୟକ ଦସ୍ତାବେଜଗୁଡ଼ିକୁ ସଦନ ପଟଳରେ ରଖାଯାଇଥିଲା । ଏହା ପରେ ବିପକ୍ଷ ସଦସ୍ୟମାନେ ବିପକ୍ଷ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ କହିବାକୁ ଅନୁମତି ଦେବାର ଦାବି କରିଥିଲେ ।

# କୁଶଭଦ୍ରାରେ ପ୍ରଥମ ବନ୍ୟାଜଳ ପ୍ରବେଶ

ନିମାପଡ଼ା, ୩୧।୭(ନିପ୍ର): ସ୍ଥାନୀୟ କୁଶଭଦ୍ରା ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି । ଅପରାହ୍ନରେ ବର୍ଷାଜଳ ଆସିବା ଦ୍ୱାରା ଶହଶହ ଜନସାଧାରଣ ନଦୀର ଦୁଇପାର୍ଶ୍ୱ ବନ୍ଧରେ ଜମି ରହିଥିବା ଦେଖିବାକୁ ମିଳିଥିଲା । ଦୀର୍ଘ ୧୦ ବର୍ଷ ପରେ କୁଶଭଦ୍ରା ନଦୀରେ ଭରାପାଣି ଦେଖି ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଥିଲା । ବନ୍ୟା ପାଣିରେ କୁମ୍ଭୀର ସଦୃଶ ଏକ ଜନ୍ତୁ ଭାସି ଭାସି ଯାଉଥିବା ଦେଖିବାକୁ ମିଳିଥିବା ବେଳେ ଅନେକ ସ୍ଥାନରେ ସରୀସୃପ, ବିଷଧର ସାପ ଭାସୁଥିବା ପ୍ରତ୍ୟେକ୍ଷଦର୍ଶୀଙ୍କଠାରୁ ପ୍ରକାଶ । କୁଶଭଦ୍ରାରେ ବନ୍ୟାଜଳ ନଦୀବନ୍ଧ ଛୁଇଁ ନ ଥିବା ବେଳେ ରାତି ସୁଦ୍ଧା ଜଳପତନ ବୃଦ୍ଧି ପାଇବା ସୁନିଶ୍ଚିତ ବୋଲି ବିଭାଗୀୟ ଅଧିକାରୀଙ୍କଠାରୁ ପ୍ରକାଶ । ବନ୍ୟା ଜଳରେ ରେଙ୍ଘାଲୋ ଗ୍ରାପର ବିଭିନ୍ନ ଗ୍ରାମରେ ଗ୍ରାମ ରାସ୍ତା ବୁଡ଼ିବା ସାଙ୍ଗକୁ ଧାନ ଜମିରେ ବନ୍ୟା ଜଳ ଜମି ଥିବା ଦେଖିବାକୁ ମିଳିଛି । ତହସିଲଦାର ମନୋଜ ପ୍ରଧାନ ଉକ୍ତ ଗ୍ରାମକୁ ଯାଇ ବନ୍ୟା ପରିସ୍ଥିତି ସଂପର୍କରେ ସ୍ଥାନୀୟ ଜନ ପ୍ରତିନିଧି ଏବଂ ଜନସାଧାରଣଙ୍କ ସହ ଆଲୋଚନା କରି ସଜାଗ ରହିବା ପାଇଁ ପରାମର୍ଶ ଦେଇଥିଲେ ।



# ମହିଳାମାନେ ବିକାଶ ପ୍ରକ୍ରିୟାର କର୍ଣ୍ଣଧାର ହୁଅନ୍ତୁ: ଉପମୁଖ୍ୟମନ୍ତ୍ରୀ



**ପୁରୀ, ୩୧/୭(ନିପ୍ର):** ଆମ ମା, ମହିଳାମାନଙ୍କ ମଧ୍ୟରେ ଭରପୁର ଆତ୍ମବିଶ୍ୱାସ ଓ ଅଜସ୍ର ଶକ୍ତି ରହିଛି । ସେଥିପାଇଁ ସମଗ୍ର ଦେଶରେ ୨୬ ଲକ୍ଷ ୫୦ ହଜାର ଲକ୍ଷପତି ଦିଦି ସୃଷ୍ଟିକରି ଓଡ଼ିଶା ସର୍ବୋଚ୍ଚ ସ୍ଥାନ ହାସଲ କରିଛି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଶୁକ୍ରବାର ଅପରାହ୍ନରେ ପୁରୀ ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପୁରୀ, କଟକ, ଖୋର୍ଦ୍ଧା ଓ ନୟାଗଡ଼ର ୬୦୦ରୁ ଊର୍ଦ୍ଧ୍ୱ ସୁଭଦ୍ରା ଶକ୍ତିର ଡିଏଲଏଫ, ବିଏଲଏଫ ସଦସ୍ୟା ଏଥିରେ ଯୋଗ ଦେଇ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରିବା ସହ ସେମାନଙ୍କ ସମସ୍ୟା, ଆଗାମୀ ଯୋଜନା, ନୂଆନୂଆ ଉତ୍ପାଦ ପାଇଁ ଆବଶ୍ୟକ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆଞ୍ଚଳିକ ସ୍ତରୀୟ ଏହି କାର୍ଯ୍ୟକ୍ରମ ଦେବଗଡରୁ ଆରମ୍ଭ ହୋଇଥିଲା ଓ ପୁରୀ ରେ ସାରିବା ଲକ୍ଷ୍ୟ ରଖାଯାଇଥିଲା । ପ୍ରତିକୂଳ ପାଗ ସତ୍ତ୍ୱେ ସମସ୍ତଙ୍କ ସହଯୋଗରେ ଏହା ସମ୍ପନ୍ନ ହୋଇଛି । ଏହି ସମ୍ମିଳନୀର ଉଦ୍ଦେଶ୍ୟ ମିଶନ ଶକ୍ତିର ମା ମାନଙ୍କଠାରୁ ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ମାଧ୍ୟମରେ ନୂତନ ଜ୍ଞାନ ଆହରଣ କରିବା । ଏହା ନୂଆ କିଛି କରିବାକୁ ପ୍ରେରଣା ଦେବା ସହ ଯୁବବର୍ଗଙ୍କୁ ଉପଯୁକ୍ତ ମାର୍ଗଦର୍ଶନରେ ସହାୟକ ହେବ । ଉତ୍ପାଦନ ବୃଦ୍ଧି ସହ ନୂତନ ନୂତନ ଉତ୍ପାଦ ପାଇଁ ସୁଯୋଗ ସୃଷ୍ଟି, ବଜାର ସୃଷ୍ଟି, ଇ-ବଜାର ବ୍ୟବସ୍ଥା, କୃଷି କ୍ଷେତ୍ର, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ମନୋନିବେଶ କରିବା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ । କେବଳ ଲାଭାର୍ଥୀ ହେବା ଆମର ଲକ୍ଷ୍ୟ ନୁହେଁ ବରଂ ରାଜ୍ୟ ଓ ଦେଶର ବିକାଶକୁ ତ୍ୱରାନ୍ୱିତ କରିବା ଆମ ସମସ୍ତଙ୍କ ଉଦ୍ୟମ ହେବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ । ସରକାରଙ୍କ ସହ ଭାଗିଦାରୀ ହୋଇ ଆଗେଇବା ସହ ନିଜନିଜ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ମାଧ୍ୟମରେ ଆମ ଦକ୍ଷତା ଓ କୌଶଳକୁ ଅଧିକ କ୍ରିୟାଶୀଳ କରିବାକୁ ଶ୍ରୀମତୀ ପରିଡା ପରାମର୍ଶ ଦେଇଥିଲେ ।

## ଦାଦାବଟି ମାଗି ୨ ଯୁବକ ଗିରଫ

କାକଟପୁର,୩୧/୭(ନିପ୍ର): କାକଟପୁର-କୋଣାର୍କ ମୁଖ୍ୟ ସଡ଼କର କୁଣ୍ଢେଇ ଛକ ନିକଟରେ ଦାଦାବଟି ଆଦାୟ ନାମରେ ସ୍ଥାନୀୟ ବ୍ୟବସାୟୀ ଓ ରାସ୍ତାରେ ଯାଉଥିବା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଥିବା ଦୁଇ ଯୁବକଙ୍କୁ କାକଟପୁର ପୁଲିସ ଗିରଫ କରିଛି । ଏହି ଘଟଣାରେ ସମ୍ପୃକ୍ତ ଆଉ ଜଣେ ଅଭିଯୁକ୍ତ ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି । କୁଣ୍ଢେଇ ଛକରେ ତିନି ଜଣ ଯୁବକ ଲୁହା ରଡ୍ ଧରି ଦାଦାବଟି ମାଗି ସ୍ଥାନୀୟ ବ୍ୟବସାୟୀ ଓ ଗାଡ଼ି ଚାଳକଙ୍କୁ ଭୟଭୀତ କରୁଥିବା ନେଇ ବିଶ୍ୱସ୍ତ ସୂଚନା ପାଇଥିଲେ । କୃଷ୍ଣନଗର ପାଟଣା ଗ୍ରାମର ସୁଧୀର କୁଣ୍ଡ (୩୦) ଏବଂ ଦହିଖିଆ ଗ୍ରାମର ବିଭୂ ପ୍ରସାଦ ପରିଡ଼ା (୨୫)ଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଖସି ପଳାଇବାରେ ସଫଳ ହୋଇଥିଲେ । ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ଲୁହା ରଡ୍, ଏକ ୟାମାହା ଏଫଜେଡ୍ ମୋଟରସାଇକେଲ ଏବଂ ଏକ ହୋଣ୍ଡା ଏସପି ସାଇନ୍ ଜବତ କରାଯାଇଛି । ଏ ନେଇ କାକଟପୁର ଥାନାରେ କେସ୍ ନଂ- ୨୭୫ ଧାରାରେ ମାମଲା ରୁଜୁ କରାଯାଇଛି ।

## ଡଙ୍ଗାରେ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିଲେ ବିଜେଡି ନେତୃବୃନ୍ଦ



ନିରାକାରପୁର,୩୧/୭: ଖୋର୍ଦ୍ଧା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ବନ୍ୟା ପରିସ୍ଥିତି ସଙ୍ଗୀନ ହୋଇପଡ଼ିଥିବା ବେଳେ ବନ୍ୟା ବିପନ୍ନଙ୍କ ଦୁଃଖ ବୁଝିବା ପାଇଁ ସିଧାସଳଖ ଜଳବନ୍ଦୀ ଅଞ୍ଚଳରେ ପହଞ୍ଚିଛନ୍ତି ବିଜେଡି ନେତୃବୃନ୍ଦ । ଖୋର୍ଦ୍ଧା ବିଜେଡି ସଭାପତି ରାଜେନ୍ଦ୍ର ସାହୁ ଏବଂ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ମନ୍ମଥ ରାଉତରାୟ ଡଙ୍ଗାରେ ଯାଇ ପ୍ରଭାବିତ ଗ୍ରାମଗୁଡ଼ିକ ପରିଦର୍ଶନ କରିବା ସହ ଲୋକଙ୍କ ସୁଖଦୁଃଖର ସାଥୀ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୋର୍ଦ୍ଧା ବ୍ଲକର ହିରିମୂଳ, ଡ଼ିହଖଳା, ରାୟପୁର, ଦୂର୍ଗାପୁର, ମଶାଣିଆ, କୃଷ୍ଣପୁର, ଓରବରସିଂହ, ତେନ୍ତୁଳିମୂଳ ସମେତ ବଳପୁର, ଶରଧାପୁର, ଓରମି, ମାନପୁର, ହାଡ଼ପଦା, ନରଣଗଡ଼ ଓ ଧବଳପୁର ଆଦି ଅଞ୍ଚଳ ବନ୍ୟା ଜଳ ଦ୍ୱାରା ଗମ୍ଭୀର ଭାବେ ପ୍ରଭାବିତ ହୋଇଛି । ଗ୍ରାମଗୁଡ଼ିକ ଚାରିପଟେ ବନ୍ୟା ଜଳ ଘେରି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏହି ଦୁର୍ଦ୍ଦିନ ସମୟରେ ଉଭୟ ନେତା ଡଙ୍ଗା ଯୋଗେ ପ୍ରତ୍ୟେକ ଗାଁରେ ପହଞ୍ଚି ବନ୍ୟା ବିପନ୍ନଙ୍କୁ ସାକ୍ଷାତ କରିଥିଲେ । ଲୋକଙ୍କ ସମସ୍ୟା, ସୁରକ୍ଷା ଓ ରିଲିଫ୍ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିବା ସହ ଏହି ସଙ୍କଟ ସମୟରେ ଦଳ ଓ ପ୍ରଶାସନ ସେମାନଙ୍କ ସହ ଦୃଢ଼ ଭାବେ ଛିଡ଼ା ହୋଇଛି ବୋଲି ଆଶ୍ୱାସନା ଦେଇଥିଲେ ।

## ପଦକ ଜିତିଥିବା ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୩୧/୭(ନିପ୍ର): ରାଜ୍ୟଗୋଷ୍ଠୀ କ୍ରୀଡାରେ ପଦକ ଜିତିଥିବା ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କମନୱେଲଥ୍ ଗେମ୍ସ-୨୦୨୬ରେ ମହିଳା ଡିସ୍କସ୍ ଥ୍ରୋ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଥିବା ସୀମା କାଲିରାମନାଙ୍କୁ ଏବଂ ପୁରୁଷ ୧୧୦ କେଜିରୁ ଅଧିକ ଭାରୋତ୍ତୋଳନ ବିଭାଗରେ ରୌପ୍ୟ ପଦକ ହାସଲ କରିଥିବା ଲଭପ୍ରୀତ ସିଂହଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ସମଗ୍ର ଦେଶ ଆପଣମାନଙ୍କ ସଫଳତାକୁ ଗର୍ବର ସହ ପାଳନ କରୁଛି ଏବଂ କମନ ୱେଲଥ୍‌ଗେମ୍ସ-୨୦୨୬ରେ ଟିମ୍ ଇଣ୍ଡିଆର ନିରନ୍ତର ସଫଳତା କାମନା କରୁଛି ।

### ମେଡିକାଲ ପିଜି ପେପର ଲିକ୍ ଘଟଣା

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

ଭୁବନେଶ୍ୱର, ୩୧/୭(ନିପ୍ର): ମେଡିକାଲ ପିଜିପେପର ଲିକ୍ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜେଡ଼ି । ବିଜେଡି ବିଧାୟକଅରୁଣ ସାହୁ କହିଛନ୍ତି ଯେ, ଭାରତ ବର୍ଷରେ ନୂଆ କଥା ଦେଖିବାକୁ ମିଳୁଛି । ପ୍ରତି ବର୍ଷ ଆଇପିଏଲ, ହେଉଥିଲା । କିନ୍ତୁ ଏବେ ଆଇପିଏ- ଭାରତୀୟ ପେପର ଲିକ୍ ଦେଖାଯାଉଛି । ସଂସଦରେ ଆଣ୍ଟି ପେପର ଲିକ୍‌ବିଲ୍ ଆସୁଛି । କେନ୍ଦ୍ରମନ୍ତ୍ରୀ ଇସ୍ତଫା ଦେଲେ ।କିନ୍ତୁ ଓଡିଶା ସରକାରଖାମଖିଆଲି ନୀତି ପାଇଁ ମେଡିକାଲ ପରୀକ୍ଷାରେ ପ୍ରଶ୍ନ ପତ୍ର ଓ ଉତ୍ତର ଲିକ୍ ହୋଇଛି କିଏ ପରୀକ୍ଷା ହଲକୁ ମୋବାଇଲ ନେବାକୁ ଅନୁମତିଦେଲା । କିଛି ଅସାଧୁ ପରୀକ୍ଷାର୍ଥୀଙ୍କ ପାଇଁ ମେଧାବୀ ଛାତ୍ରଛାତ୍ରୀ ପ୍ରଭାବିତ ହେଉଛନ୍ତି । ଏମକେସିଜିରେ ସର୍ଜରୀ ବିଭାଗର ପ୍ରଶ୍ନପତ୍ର ଲିକ୍‌ହେଲା । ଓୟୁଏଚଏସ ଇଣ୍ଟରନାଲ ତଦନ୍ତ କରୁଛି । ବିଜେପି ସରକାର ର ୨୪ ମାସ ଶାସନରେ ୨୩ ଥର ପେପର ଲିକ୍ ରାଜ୍ୟରେ ହେଲାଣି । ଦେଶରେ ବର୍ଷକୁ ଗୋଟିଏ ଆଇପିଏଲ ମ୍ୟାଚ ହେଉଛି ଆଉ ରାଜ୍ୟରେ ପ୍ରତି ମାସରେ ଆଇପିଏଲ ହେଉଛି । ରାଜ୍ୟ ସରକାର ରେକର୍ଡ କରିବାକୁ ଯାଉଛନ୍ତି । ବନ୍ୟା ହେଉଛି, ପେପରଲିକ୍ ହେଉଛି କିନ୍ତୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ । ବିଧାନସଭାରେ ସରକାର ପେପର ଲିକ୍ ପାଇଁ ଆଇନ୍ ଆଣିଥିଲେ । ଆମର ଦାବି, ଗଣଶିକ୍ଷାମନ୍ତ୍ରୀ ଇସ୍ତଫା ଦେଇଥାନ୍ତେ ତା ହେଲେ ତଳ ସ୍ତରରେ ସୁଧାର ଆସିଥାନ୍ତା । ସ୍ୱାସ୍ଥ୍ୟ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଅରୁଣସାହୁ ଦାବି କରିଛନ୍ତି । ସେହିପରି ବିଜେଡି ନେତା ପ୍ରତାପ ଜେନା କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଉପରେ ନିୟନ୍ତ୍ରଣ ନାହିଁ । ଓୟୁଏଚଏସର ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତିରେ ଅନିୟମିତତା ନାହିଁ । ରାଜ୍ୟ ସରକାରଙ୍କ ବିନା ଏନଓସିରେ ଓୟୁଏଚଏସ ର ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତ ହେଲେ । ଏହା ବଡ ଅନିୟମିତତା । କଡ଼ା ଚେକିଂ ସତ୍ତ୍ୱେ ମୋବାଇଲ ଯାଉଚି କେମିତି । ପରୀକ୍ଷକଙ୍କ ଜାଣତରେ ଏହା ହେଉନାହିଁ ତ । ରାଜ୍ୟ ସରକାରଙ୍କ ତରଫରୁ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ସେ କହିଛନ୍ତି ।

## କୋଲକାତାରେ ତସଲିମା

କଲିକତା,୩୧/୭: ବାଂଲାଦେଶୀ ବଂଶୋଦ୍ଭବ ପ୍ରସିଦ୍ଧ ଲେଖିକା ତସଲିମା ନସରିନ ପ୍ରାୟ ୧୯ ବର୍ଷ ପରେ ଶୁକ୍ରବାର କୋଲକାତା ପହଂଚିଛନ୍ତି । ଅପରାହ୍ନ ପ୍ରାୟ ୧୨ଟା ୫୦ ମିନିଟରେ ତାଙ୍କ ବିମାନ ଡମ ଡମର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରିଥିଲା । ସେଠାରେ ତାଙ୍କୁ ପାରମ୍ପରିକ ସ୍ୱାଗତ କରାଯାଇଥିଲା, ଯେଉଁଥିରେ ସେ ଶଙ୍ଖ ବଜାଇଥିଲେ ଏବଂ ବଂଶୀ ଧ୍ୱନି ବଜାଇଥିଲେ । ଏକ ଧଳା-ଲାଲ ସୀମା ଶାଢ଼ୀରେ ପହଂଚିଥିବା ତସଲିମା କୋଲକାତାର ମାଟିରେ ପାଦ ରଖି ଖୁସି ପ୍ରକାଶ କରିଥିଲେ ଏବଂ କହିଥିଲେ, ବହୁତ ଭଲ ଲାଗୁଛି । କୋଲକାତା ଯିବାର କିଛି ଘଂଟା ପୂର୍ବରୁ ତସଲିମା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ସେୟାର କରି ଲେଖିଥିଲେ, ‘ଆଜି ସକାଳେ କୋଲକାତା ଅଭିମୁଖେ ମୋର ଯାତ୍ରା ଆରମ୍ଭ ହୋଇଛି । କିଛି ଘଂଟା ପରେ ସେ କୋଲକାତାରେ ପହଂଚିଥିଲେ । ଶନିବାର ସେ ରବୀନ୍ଦ୍ର ସଦନରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ପ୍ରଥମ ଥର ପାଇଁ, ବନ୍ଦେ ଭାରତ ଏକ୍ସପ୍ରେସ୍ ଦ୍ୱାରା ଲାଇଭ ହାର୍ଟର କରାଗଲା ପରିବହନ



ନୂଆଦିଲ୍ଲୀ, ୩୧/୭: ଭାରତୀୟ ରେଳବାଇ ପ୍ରଥମ ଥର ପାଇଁ ବନ୍ଦେ ଭାରତ ଏକ୍ସପ୍ରେସ୍ ମାଧ୍ୟମରେ ସୁରଟରୁ ଅହମ୍ମଦାବାଦ ପର୍ଯ୍ୟନ୍ତ ଏକ ଜୀବନ୍ତ ହୃଦୟକୁ ସୁରକ୍ଷିତ ଭାବରେ ପରିବହନ କରି ଏକ ନୂତନ ଇତିହାସ ସୃଷ୍ଟି କରିଛି । ଅହମ୍ମଦାବାଦର ୟୁ. ଏନ୍. ମେହେଟା ଇନଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଓଲୋଜି ଆଣ୍ଡ ରିସର୍ଚ୍ଚ ସେଂଟରରେ ହୃଦୟ ପ୍ରତିରୋପଣ କରାଯିବ । ଟ୍ରେନ ନମ୍ବର ୨୦୯୦୧ ମୁମ୍ବାଇ ସେଂଟ୍ରାଲ-ଗାନ୍ଧୀନଗର ରାଜଧାନୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଦ୍ୱାରା ଜୀବନ୍ତ ହୃଦୟକୁ ଅହମ୍ମଦାବାଦ ଅଣାଯାଇଥିଲା । ସମ୍ପୂର୍ଣ୍ଣ ଅସ୍ତ୍ରୋପଚାର ଅତ୍ୟନ୍ତ ସମୟ ସାପେକ୍ଷ ଥିଲା କାରଣ ନିର୍ଦ୍ଧାରିତ ସମୟ ମଧ୍ୟରେ ହୃଦୟକୁ ଡାକ୍ତରଖାନାକୁ ପହଂଚାଇବାକୁ ପଡ଼ିଥିଲା । ଅହମ୍ମଦାବାଦ ରେଳ ଷ୍ଟେସନରୁ ଡାକ୍ତରଖାନାକୁ ହୃଦୟ ପରିବହନ ପାଇଁ ରେଳବାଇ ସୁରକ୍ଷା ବାହିନୀ (ଆରପିଏଫ) ଏବଂ ଗୁଜରାଟ ପୋଲିସ ଏକ ସବୁଜ କରିଡର ସୃଷ୍ଟି କରିଥିଲେ । ଏହା ହୃଦୟକୁ ବିନା କୌଣସି ବାଧାରେ ସିଧାସଳଖ ଡାକ୍ତରଖାନାକୁ ପରିବହନ କରିବାକୁ ଅନୁମତି ଦେଇଥିଲା, ଯାହା ଦ୍ୱାରା ପ୍ରତିରୋପଣରେ ବିଳମ୍ବ ହେବ ନାହିଁ । ଅହମ୍ମଦାବାଦ ଡିଭିଜନର ଡିଭିଜନାଲ ରେଲୱେ ମ୍ୟାନେଜର ବେଦ ପ୍ରକାଶ ଏହି ସଫଳତାକୁ ଭାରତୀୟ ରେଳବାଇ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି ଏବଂ କହିଛନ୍ତି ଯେ ଏହିପରି ଜୀବନ ରକ୍ଷାକାରୀ କାର୍ଯ୍ୟରେ ପ୍ରତ୍ୟେକ ମିନିଟ୍ ଗୁରୁତ୍ୱପୂର୍ଣ୍ଣ । ସେ କହିଥିଲେ ଯେ ଭାରତୀୟ ରେଳବାଇ, ଆରପିଏଫ, ଗୁଜରାଟ ପୁଲିସ ଏବଂ ଡାକ୍ତରୀ ଦଳ ମଧ୍ୟରେ ଉନ୍ନତ ସମନ୍ୱୟ କାରଣରୁ ଏହି ଅଭିଯାନ ସଫଳ ହୋଇଛି । ସେ କହିଥିଲେ ଯେ ଜଣେ ବ୍ୟକ୍ତିର ଜୀବନ ବଂଚାଇବାରେ ଭାରତୀୟ ରେଳବାଇର ଭୂମିକା ନିର୍ବାହ କରିବା କେବଳ ଏକ ଦାୟିତ୍ୱ ନୁହେଁ, ବରଂ ସେବା ଏବଂ ମାନବିକତା ପ୍ରତି ଏହା ଏକ ସର୍ବୋଚ୍ଚ ଦାୟିତ୍ୱ । ରେଳବାଇ ଅନୁଯାୟୀ, ବନ୍ଦେ ଭାରତ ଏକ୍ସପ୍ରେସର ଗତି, ସମୟାନୁବର୍ତ୍ତୀତା ଏବଂ ବିଶ୍ୱସନୀୟତା ଏହି ଅଭିଯାନକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ସଫଳତା ଦର୍ଶାଉଛି ଯେ ଭାରତୀୟ ରେଳବାଇ କେବଳ ଯାତ୍ରୀ ଏବଂ ପରିବହନ ମଧ୍ୟରେ ସୀମିତ ନୁହେଁ, ବରଂ ଜରୁରୀକାଳୀନ ପରିସ୍ଥିତିରେ ଜୀବନ ରକ୍ଷାକାରୀ ସ୍ୱାସ୍ଥ୍ୟ ସେବା ପାଇଁ ମଧ୍ୟ ଏକ ପ୍ରଭାବଶାଳୀ ମାଧ୍ୟମ ପାଲଟିଛି । ଭାରତୀୟ ରେଳବାଇର ବିଭିନ୍ନ ବିଭାଗ, ରେଳବାଇ ସୁରକ୍ଷା ବାହିନୀ, ଗୁଜରାଟ ରାଜ୍ୟ ପୋଲିସ, ଡାକ୍ତର, ଅଙ୍ଗ ପ୍ରତିରୋପଣ ସଂଯୋଜକ ଏବଂ ଅନ୍ୟ ସମ୍ପୃକ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଏହି ଅଭିଯାନର ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ବିପଦ ସଙ୍କେତ ଉପରେ ଭାର୍ଗବୀ

### ନୋଡାଲ ଅଫିସରଙ୍କ ନଦୀବନ୍ଧ ପରିଦର୍ଶନ



ପିପିଲି, ୩୧/୭(ନିପ୍ର): ଭାର୍ଗବୀ ଓ ଦୟା ନଦୀରେ ବନ୍ୟାଜଳ ଗତକାଲିଠାରୁ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଥିଲା ବେଳେ ଶୁକ୍ରବାର ସକାଳୁ ବିପଦ ସଙ୍କେତ ଉପରେ ଦୁଇ ଗୋଟି ନଦୀରେ ପ୍ରବାହିତ ହେଉଛି । ବଳଙ୍ଗାଠାରେ ବିପଦ ସଂକେତ ୧୦.୪୨ ମିଟର ରହିଥିଲା ବେଳେ ସନ୍ଧ୍ୟା ସୁଦ୍ଧା ୧୧.୩୯ରେ ରହିଛି । ଜଳସ୍ତର ବଢୁଥିବାରୁ ନଦୀ ତଟବର୍ତ୍ତୀ ଗ୍ରାମର ଲୋକମାନେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନେଇ ଭୟଭୀତ ରହିଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ବନ୍ୟା ନୋଡାଲ ଅଫିସର ଉମେଶ ସେଠୀଙ୍କ ସମେତ ନିମାପଡା ଅଧୀକ୍ଷଣ ଯନ୍ତ୍ରୀ ପ୍ରିତମ ଚେତନ ପୋଥାଳ,ବଳଙ୍ଗା ଜଳ ସମ୍ପଦ ଉପଖଣ୍ଡ ଅଧିକାରୀ ଅଜୟ କୁମାର ପ୍ରଧାନ, ନଦୀବନ୍ଧ ଯନ୍ତ୍ରୀ ପ୍ରକାଶ କୁମାର ମହାନ୍ତି ପ୍ରମୁଖ ନଦୀବନ୍ଧର ସ୍ଥିତି ଯାଞ୍ଚ କରିଛନ୍ତି । ବଳଙ୍ଗା ଜଳ ସମ୍ପଦ ଉପଖଣ୍ଡ ଅଧୀନ ନଦୀବନ୍ଧର ଗବକୁଣ୍ଡଠାରୁ ହରିପୁର ପର୍ଯ୍ୟନ୍ତ ନଦୀବନ୍ଧ ପରିଦର୍ଶନ କରିବା ସହ ବନ୍ଧର ସୁରକ୍ଷା ପାଇଁ ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ପକ୍ଷରୁ କରା ଯାଇଥିବା ପ୍ରସ୍ତୁତିକୁ ଦେଖିଥିଲେ ।

**AFFIDAVIT**

By virtue of an affidavit sworn before The Executive Magistrate, Pipili affidavit no.2233 dtd.31.07.2026, I Itishree Bhoi W/o-Subash Chandra Bhoi At-Khatasarang, Po-Dandamukundapur, Ps-Pipili, Dist-Puri Odisha-752104 do hereby declare that I have changed the name of my son's name from Saswata Routray to Sai Saswot Routray. Henceforth he will be known as Sai Saswot Routray for all purposes.

**Sd/-Itishree Bhoi**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ